

ବିଧାୟକଙ୍କୁ କାର୍, ଭତ୍ତା ଓ ୨୫ ଲକ୍ଷର ସ୍ୱାସ୍ଥ୍ୟ ବୀମା | ପୃଷ୍ଠା ୪

# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 149 ଭାଗ ୩୪ | ସଂଖ୍ୟା ୧୪୯ | Thursday 20 August 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର, ୨୦ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ବିଜେଡି ଆରମ୍ଭ କରିଥିବା କନସଲଟାଣ୍ଟ ରାଜରେ ପୂର୍ଣ୍ଣଚ୍ଛେଦ

## ୫ ବର୍ଷରୁ ଉର୍ଦ୍ଧ୍ୱ ରହିପାରିବେନି ପିଏମୟୁ

- ସ୍ଥାୟୀ କାମ ପାଇଁ ସୃଷ୍ଟି ହେବ ନିୟମିତ ପଦବୀ
- ସରକାରୀ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରସ୍ତାବ




ଭୁବନେଶ୍ୱର,୧୯।୮ (ସଂଚାର ବ୍ୟୁରୋ): ଦୀର୍ଘବର୍ଷ ଧରି କନ୍ସଲଟାଣ୍ଟ ନିଯୁକ୍ତି ନାଁରେ ଚାଲିଆସିଥିବା ମନମୁଖୀ କାର୍ଯ୍ୟ ଓ ବିପୁଳ ରାଜକୋଷ ଖର୍ଚ୍ଚ ଉପରେ ରାଜ୍ୟ ସରକାର ଅଙ୍କୁଶ ଲଗାଇଛନ୍ତି। ବିଜେଡି ସରକାର ଅମଳରୁ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ମାଳମାଳ କନ୍‌ସଲଟାଣ୍ଟ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ (ପିଏମୟୁ) ଓ ଟେକନିକାଲ ସପୋର୍ଟ ୟୁନିଟ (ଟିଏସୟୁ) ମୁତୟନ ଉପରେ କଡ଼ା ଆଭିମୁଖ୍ୟ ପୋଷଣ କରିଛି ଅର୍ଥ ବିଭାଗ। ପୂର୍ବରୁ ଅର୍ଥ ବିଭାଗର ପୂର୍ବ ଅନୁମୋଦନ ବିନା କୌଣସି ପିଏମୟୁକୁ ପାରିଶ୍ରମିକ ନ ଦେବା ପାଇଁ ଯେଉଁ ଏସଓପି ଜାରି ହୋଇଥିଲା, ତାକୁ ଆଧାର କରି ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ୍ ଅନୁଯାୟୀ ଏହି ନୂଆ ନିୟମ ଲାଗୁ ହୋଇଛି। ଅର୍ଥ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ଏଣିକି କୌଣସି ବି ଭଡ଼ାଟିଆ ସଂସ୍ଥା ବା କନ୍ସଲଟାଣ୍ଟ ଗୋଟିଏ ବିଭାଗରେ ସ୍ଥାୟୀ ଡେରା ପକାଇ ରହିପାରିବେ ନାହିଁ। ପ୍ରତ୍ୟେକ ଚୁକ୍ତିନାମାରେ 'ସନସେଟ୍ କ୍ଲଜ୍' ରହିବା ବାଧ୍ୟତାମୂଳକ କରାଯାଇଛି, ଯାହାଫଳରେ କୌଣସି ପିଏମଓୟୁ ବା ଟିଏସୟୁ କିମ୍ବା କନସଲଟାଣ୍ଟଙ୍କ ଚୁକ୍ତିର ସର୍ବାଧିକ ଅବଧି ୫ ବର୍ଷରୁ ଅଧିକ ସମୟ ହୋଇପାରିବ ନାହିଁ। ସେହିପରି କୌଣସି ବ୍ୟକ୍ତିଗତ ପରାମର୍ଶଦାତା ମଧ୍ୟ ଲଗାତାର ୫ ➪ପୃଷ୍ଠା-୬

### କେନ୍ଦ୍ର କ୍ୟାବିନେଟ୍ ଦେଲା ମଞ୍ଜୁରୀ

## ଓଡ଼ିଶାକୁ ୩ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଉପହାର

- ଓଡ଼ିଶା ସମେତ ୪ ରାଜ୍ୟର ୮ ଜିଲ୍ଲା ଉପକୃତ ହେବେ
- ୪୧୦ କିମି ବୃଦ୍ଧି ପାଇବ ରେଳବାଇର ନେଟୱର୍କ
- ୯,୪୫୦ କୋଟି ବ୍ୟୟବରାଦ; ୨୦୩୦-୩୧ ସୁଦ୍ଧା ସରିବ କାମ



ନୂଆଦିଲ୍ଲୀ,୧୯।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିରେ ଓଡ଼ିଶାର ୩ଟି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ହେଲା ଖଡ଼ଗପୁର-ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ-୧୭୩ କିମି (ପଶ୍ଚିମବଙ୍ଗ ଓ ଓଡ଼ିଶା), ଭଦ୍ରକ-ହରିଦାସପୁର ଚତୁର୍ଥ ଲାଇନ-୭୫ କିମି (ଓଡ଼ିଶା), କଟକ-ପାରାଦୀପ (ବଡ଼ବନ୍ଧ) ତୃତୀୟ ଓ ଚତୁର୍ଥ ଲାଇନ୍-୭୨ କିମି (ଓଡ଼ିଶା)। ବର୍ଦ୍ଧିତ ରେଳ ଲାଇନ କ୍ଷମତା ଟ୍ରାଫିକ ପ୍ରବାହରେ ଯଥେଷ୍ଟ ସୁଧାର ଆଣିବ। ଏହାଫଳରେ ଭାରତୀୟ ରେଳବାଇର କାର୍ଯ୍ୟଦକ୍ଷତା ଓ ସେବା ବିଶ୍ୱସନୀୟତା ବୃଦ୍ଧି ପାଇବ। ଏହି ରେଳଲାଇନ ସମ୍ପ୍ରସାରଣ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଓ ଭିଡ଼ ହ୍ରାସ କରିବା ଆଶା ରହିଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ। ଏହାର ଲକ୍ଷ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବ୍ୟାପକ ବିକାଶ ମାଧ୍ୟମରେ ସେଠାକାର ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା।

ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଓ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା। ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଓ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ। ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ୮ଟି ଜିଲ୍ଲା ଏସବୁ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ। ଏହି ୪ଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିମି ପର୍ଯ୍ୟନ୍ତ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ। ଏହି ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦ୍ୱାରା ଓଡ଼ିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ➪ପୃଷ୍ଠା-୬

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା



ଭୁବନେଶ୍ୱର: ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ୯,୪୫୦ କୋଟି ଟଙ୍କାର ମୋଟ ବ୍ୟୟରେ ୪ଟି ରେଳ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ ମଧ୍ୟରୁ ୩ଟି ଓଡ଼ିଶାକୁ ବିଶେଷ ଭାବେ ଲାଭାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ➪ପୃଷ୍ଠା-୬

### ଏସସିବି ଓ ହନୁମାନ ବାଟିକା ପୁନଃବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଗା ପ୍ରକଳ୍ପ



- ଖୁବ୍‌ଶୀଘ୍ର ସରିବ ୪ କ୍ଲିନିକାଲ ବ୍ଲକ୍, ଗୋଟିଏ ଆବାସିକ ବ୍ଲକ୍ ନିର୍ମାଣ
- ଆଉ ଗୋଟିଏ ମେଡିସିନ୍ ବ୍ଲକ୍ କରିବା ପାଇଁ ନିର୍ଦ୍ଦେଶ
- ଧାର୍ଯ୍ୟ ସମୟରେ ସାର ବହୁତଳ କାର୍ ପାର୍କିଂ ନିର୍ମାଣ କାର୍ଯ୍ୟ
- ତାଳଦଣ୍ଡା କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ହେବ ସୌନ୍ଦର୍ଯ୍ୟକରଣ
- ଆଧ୍ୟାତ୍ମିକ ଶୈଳୀରେ ରୂପାନ୍ତରିତ ହେବ ହନୁମାନ ବାଟିକା

ଭୁବନେଶ୍ୱର,୧୯।୮ (ସଂଚାର ବ୍ୟୁରୋ): କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ ସହ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି।

ବୈଠକରେ ହୋଇଥିବା ଆଲୋଚନାରୁ ଜଣାଯାଇଛି ଯେ ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଓ ଗୋଟିଏ ଆବାସିକ ବ୍ଲକ୍‌ର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆବାସିକ ବ୍ଲକ୍‌ର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବା ବେଳେ କ୍ଲିନିକାଲ୍ ବ୍ଲକ୍‌ଗୁଡ଼ିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଏଥିସହ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଓ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ମେଡିକାଲକୁ ଆସୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ଡାକ୍ତରମାନଙ୍କ ପାଇଁ ଯାତାୟାତ ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବା ଏହି ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ।

ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬

### ହ୍ୱାଟ୍ସଆପ୍‌ରେ ରାଜସ୍ୱ ଅଭିଯୋଗ ସମାଧାନ

## ଆମ ସାଥୀ ହ୍ୱାଟ୍ସଆପ୍ ଚାଟବଟ୍ ବ୍ୟବସ୍ଥା ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୮ (ସଂଚାର ବ୍ୟୁରୋ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ 'ଆମ ସାଥୀ ହ୍ୱାଟସଆପ୍ ଚାଟବଟ' ମାଧ୍ୟମରେ 'ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥା'ର ଲୋକାର୍ପଣ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ରାଜସ୍ୱ ସେବା ଜନସାଧାରଣଙ୍କ ଆହୁରି ନିକଟତର ହେବା ସହ ସ୍ୱଚ୍ଛ, ପାରଦର୍ଶୀ ତଥା ଉତ୍ତରଦାୟୀ ରାଜସ୍ୱ ପ୍ରଶାସନ ସୁନିଶ୍ଚିତ ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ଏହି ନୂତନ ବ୍ୟବସ୍ଥାର ଲୋକାର୍ପଣ କରି ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ ନାଗରିକମାନଙ୍କୁ ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଦାଖଲ ଓ ତାହାର ସ୍ଥିତି ଅନୁସରଣ ପାଇଁ ଏକ ସରଳ, ସୁବିଧାଜନକ ଓ ସ୍ୱଚ୍ଛ ଡିଜିଟାଲ ବ୍ୟବସ୍ଥା ଭାବେ 'ଆମ ସାଥୀ' ହ୍ୱାଟ୍ସଆପ୍ ଚାଟବଟ୍ ମାଧ୍ୟମରେ ରାଜସ୍ୱ ବିଭାଗର ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବଦଳୁଥିବା ସମୟର ଢାଞ୍ଚାରେ ରାଜସ୍ୱ ବିଭାଗ ମଧ୍ୟ ନିଜକୁ ସଶକ୍ତ ଓ ଉନ୍ନତ କରିବା ସହ ଲୋକସେବାକୁ ଆହୁରି ସରଳ ଓ ସହଜଲବ୍ଧ କରିବା ନିମନ୍ତେ ଏହି ବ୍ୟବସ୍ଥା ସମଗ୍ର ଦେଶରେ ଓଡ଼ିଶା ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ପରିଚିତ ହେବ। ଏହି ଅଭିନବ ବ୍ୟବସ୍ଥା ମାଧ୍ୟମରେ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ କ୍ରମଶଃ ଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ।



### ନିର୍ଦ୍ଦିଷ୍ଟ ନମ୍ବରରେ ଦାଖଲ ହୋଇପାରିବ ଅଭିଯୋଗ

### ବିଭାଗୀୟ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ସଚିବ ସ୍ତରରେ ହେବ ନିୟମିତ ତଦାରଖ

ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ.ଅରବିନ୍ଦ କୁମାର ପାଢ଼ୀ ନୂତନ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ ଯେ ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ, ନାଗରିକ-କୈନ୍ଦ୍ରିକ, ସୁବ୍ୟବସ୍ଥିତ ଓ ଉତ୍ତରଦାୟୀ କରିବା ନିମନ୍ତେ ହ୍ୱାଟସଆପ୍ ମାଧ୍ୟମରେ ଅଭିଯୋଗ ସମାଧାନ ବ୍ୟବସ୍ଥାର ଆରମ୍ଭ କରାଯାଇଛି। ୯୪୩୭୨୯୨୦୦୦ ନମ୍ବରରେ ଅଭିଯୋଗ ଦାଖଲ ହୋଇପାରିବ। ଏହି ଅଭିଯୋଗ ପରିଚାଳନା ବ୍ୟବସ୍ଥାରେ ମନ୍ତ୍ରୀ, ବିଭାଗୀୟ ସଚିବ ଓ ବରିଷ୍ଠ ଅଧିକାରୀଙ୍କର ସିଧାସଳଖ ତଦାରଖ ତଥା ତତ୍ତ୍ୱାବଧାନ ରହିବା ଫଳରେ ପ୍ରଶାସନିକ ଅଧିକାରୀ ଅଧିକ ଦାୟିତ୍ୱସମ୍ପନ୍ନ ଓ ସମ୍ବେଦନଶୀଳ ହୋଇ ଜନସାଧାରଣଙ୍କ ଅଭିଯୋଗ ସମାଧାନ କରିବା ନିମନ୍ତେ ଅଧିକ ଯତ୍ନବାନ ହେବେ। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ଆବଶ୍ୟକତା ଅନୁଯାୟୀ ଆହୁରି ଅଧିକ ସରଳ ଓ ଲୋକାଭିମୁଖୀ କରାଯିବ। ସୂଚନାଯୋଗ୍ୟ ଯେ ଏହି ଅଭିଯୋଗ ସମାଧାନ ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ହ୍ୱାଟ୍ସଆପ୍ ଜରିଆରେ ନିଜ ଅଭିଯୋଗର ଉପଯୁକ୍ତ ବିଭାଗ ଚୟନ କରି ଆବଶ୍ୟକ ବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରିପାରିବେ। ଅଭିଯୋଗ ଦାଖଲ ହେବା ପରେ ତା'ର ଆବଶ୍ୟକତା ଓ ବିଭାଗ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ। ଅଭିଯୋଗଗୁଡ଼ିକୁ ଧାର୍ଯ୍ୟ ସମୟସୀମା ଆଧାରରେ ନିରୀକ୍ଷଣ କରାଯାଇ ସମୟୋଚିତ ପଦକ୍ଷେପ ଓ ନିଷ୍ପତ୍ତି ସୁନିଶ୍ଚିତ କରାଯିବ।

## ଅନଲାଇନ୍ ଗାଡ଼ି ଚାଳକଙ୍କ ହିଂସ୍ର ଆନ୍ଦୋଳନ

- ଆମ ବସ୍‌କୁ ଭାଙ୍ଗିଲେ, ପୁଲିସକୁ ଟେକାପଥର
- ପୁଲିସ୍ ସାହା; ଯାତ୍ରୀଙ୍କୁ ଗନ୍ତବ୍ୟରେ ପହଞ୍ଚାଉଛି ପିସିଆର



ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ରାଜଧାନୀରେ ଗତ ୩ ଦିନ ହେଲା ଚାଲିଥିବା ଅନଲାଇନ ଅଟୋ ଓ କ୍ୟାବ୍ ଡ୍ରାଇଭର୍ ଆନ୍ଦୋଳନ ଆଜି ହିଂସ୍ର ରୂପ ନେଇଛି। ସରକାର କି ପ୍ରଶାସନ ସେମାନଙ୍କ ଦାବି ନ ଶୁଣିବାରୁ ଅଣାୟତ୍ତ ହୋଇଥିଲା ଡ୍ରାଇଭର ଆନ୍ଦୋଳନ। ଦୁଇ ଘଣ୍ଟା ଧରି ସହରରେ ଗଡ଼ିଲାନି ଗାଡ଼ି। ଡ୍ରାଇଭର ଆନ୍ଦୋଳନ ଯୋଗୁଁ ଭାଙ୍ଗିଲା ୫ରୁ ଅଧିକ ବସ୍, ଆହତ ହେଲେ ୨୦ରୁ ଅଧିକ। ରଣକ୍ଷେତ୍ର ପାଲଟିଲା ମାଷ୍ଟର କ୍ୟାଣ୍ଟିନ ଛକ। ଡ୍ରାଇଭରଙ୍କ ଉପରେ ମୃଦୁ ଲାଠି ଚାଳନା କରିବାକୁ ବାଧ୍ୟ ହୋଇଥିଲା ପୁଲିସ। ତିନି ଦିନ ହେଲା ୩୦ ଦଫା ଦାବି ନେଇ ଆନ୍ଦୋଳନ କରୁଥିବା ଅନଲାଇନ ଚାଳକ ସଂଘ ଆଜି ରାସ୍ତା ଉପରେ କାର ଓ ଅଟୋ ରଖି ଆନ୍ଦୋଳନ ➪ପୃଷ୍ଠା-୬

### ୧୪୭ ଚାଳକ ଗିରଫ

ପୁଲିସକୁ ମାଡ଼ ମାରିବା ଓ ସରକାରୀ ସମ୍ପତ୍ତି ନଷ୍ଟ କରିବା ପଡ଼ିଲା ମହଙ୍ଗା। ୧୪୭ ଜଣଙ୍କୁ ଗିରଫ କଲା କମିଶନରେଟ ପୁଲିସ। ସମସ୍ତ ଗିରଫ ଅଭିଯୁକ୍ତ ଆଜି ମାଷ୍ଟର କ୍ୟାଣ୍ଟିନ ଛକରେ ଭିଆଇଥିଲେ ଲଙ୍କାକାଣ୍ଡ। ଗିରଫ ହୋଇଥିବା ସମସ୍ତେ ଚାଳକ ବୋଲି ଜଣାପଡ଼ିଛି। ସିସିଟିଭି, ଭିଡିଓ ଫୁଟେଜ ଆଧାରରେ ସମସ୍ତଙ୍କୁ ଗିରଫ କରାଯାଇଛି। ଏହି ➪ପୃଷ୍ଠା-୬

### ରଦ୍ଦ ହେବ ପରମିଟ ଓ ଆରସି

ମହଙ୍ଗା ପଡ଼ିଲା ରାଜଧାନୀରେ ବିଶୃଙ୍ଖଳା କରିବା। ପୁଲିସକୁ ଆକ୍ରମଣ କରିବା, ପବ୍ଲିକ ପ୍ରପର୍ଟି ନଷ୍ଟ କରିବା ଅଭିଯୋଗରେ ବିଶୃଙ୍ଖଳାକାରୀଙ୍କ ବିରୋଧରେ ପରିବହନ ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ। ବିଶୃଙ୍ଖଳାରେ ସାମିଲ ଥିବା ସମସ୍ତ ଗାଡ଼ିର ପରମିଟ କ୍ୟାନ୍ସଲ କରିବ ପରିବହନ ବିଭାଗ। ଏନେଇ ପରିବହନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ➪ପୃଷ୍ଠା-୬

## ହୋଟେଲ୍‌ରେ ଅଗ୍ନିକାଣ୍ଡ: ୯ ମୃତ



କୋଲକାତା,୧୯।୮ (ସଂଚାର ବ୍ୟୁରୋ): ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ଏକ ହୋଟେଲରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଜଣେ ଶିଶୁ ସମେତ ଅତିକମରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ୬ ଜଣ ଗୁରୁତର ଅଛନ୍ତି। କୋଲକାତାର ବ୍ୟସ୍ତବହୁଳ ସହର ନ୍ୟୁ ମାର୍କେଟ ନିକଟସ୍ଥ ଫ୍ରି ସ୍କୁଲ ଷ୍ଟ୍ରିଟ୍‌ରେ ଥିବା ହୋଟେଲରେ ରାତି ପ୍ରାୟ ୨ଟା ବେଳେ ଅଗ୍ନିକାଣ୍ଡ ଘଟିଛି। ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାରେ ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟି ୮ ଜଣଙ୍କର ମୃତ୍ୟୁ ହେବା ଘଟଣାର ଠିକ୍ ଦୁଇଦିନ ପରେ ପୁଣିଥରେ ଏଭଳି ଘଟଣା ଘଟିଛି।

ଅଗ୍ନିକାଣ୍ଡର ସଠିକ ➪ପୃଷ୍ଠା-୬

### ସିଏନ୍‌ଜି ପମ୍ପରେ ବିସ୍ଫୋରଣ, ୩ ମୃତ

ନୂଆଦିଲ୍ଲୀ,୧୯।୮: ଦିଲ୍ଲୀର ଏକ ସିଏନ୍‌ଜି ପମ୍ପ୍‌ରେ ବୁଧବାର ବିସ୍ଫୋରଣ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି। ଗାଡ଼ିରେ ସିଏନ୍‌ଜି ପକାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଅଗ୍ନିଶମ ସେବାର ରିପୋର୍ଟ ଅନୁଯାୟୀ, ଦିଲ୍ଲୀର ଟିକ୍ରି କଲାନରେ ଏକ ସିଏନଜି ଷ୍ଟେସନରେ ଗୋଟିଏ




ଟ୍ରକରେ ଗ୍ୟାସ ଭର୍ତ୍ତି କରିବା ସମୟରେ ଏହାର ଟାଙ୍କି ଫାଟି ଯାଇଥିଲା। ଏଥିରେ ଅତି କମ୍‌ରେ ୬ ଜଣ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ବଢ଼ିଲା ପାକ୍ ଆକାଶ ସୀମା କଟକଣା

ନୂଆଦିଲ୍ଲୀ, ୧୯।୮: ଭାରତୀୟ ବିମାନ ଉଡ଼ାଣ ଲାଗି ପାକିସ୍ତାନ ବୁଧବାର ତା'ର ଆକାଶସୀମା କଟକଣାକୁ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ପାକିସ୍ତାନର ବିମାନବନ୍ଦର କର୍ତ୍ତୃପକ୍ଷ ବୁଧବାର ଏହି ସୂଚନା ଦେଇଛନ୍ତି। ୨୦୨୫ ଏପ୍ରିଲରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ନିଜନିଜ ଆକାଶ ସୀମାରେ ବିମାନ ଉଡ଼ାଣ ଉପରେ କଟକଣା ଲଗାଇଥିଲେ। ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ଏକ ନୋଟିସ୍ ଟୁ ଏୟାରମ୍ୟାନ (ନୋଟମ୍)ରେ କୁହାଯାଇଛି ଯେ, ଭାରତ ଦ୍ୱାରା ପଞ୍ଜୀକୃତ ହୋଇଥିବା ବିମାନ ଏବଂ ଭାରତୀୟ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ହେଉଥିବା କିମ୍ବା ଲିଜ୍ ନିଆଯାଇଥିବା ବିମାନ ଲାଗି ପାକିସ୍ତାନର ଆକାଶ (ଏୟାରସ୍ପେସ) ସେପ୍ଟେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ଏଥିରେ ଭାରତର ସାମରିକ ବିମାନଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି।



### କାନ ଡେରିଥା

ମହମହ ବାସେ ମୁଖିଆ ଦୁର୍ନୀତି
ଗରିବ ମାଇପ ଶାଳୀ
ପକେଟଟା ପୂରା ଗରମ ହେଉଛି
ପଡୁ ପଛେ ଭାଇ ବଳି
ପରମ ଚୁଡିଆ ମାର୍କାମରା ଯେତେ
ସବୁତ ଦିଅନ୍ତି ଗିଳି
କହିବାକୁ ଏଠି ସାହସ ବାନ୍ଧିଲେ
ଫୁଟିବ ପଛରୁ ଗୁଳି !

▮ ଦେବାଶିଷ

## ବିରୋଧୀ ଦଳ: ଯୁଝିଲା ବେଳକୁ ଫାଳ

ଭୁବନେଶ୍ୱର,୧୯।୮ (ସଂଚାର ବ୍ୟୁରୋ): ଚାରି ମାସ ତଳେ ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ହରାଇବା ପାଇଁ ହାତ ଧରାଧରି ହୋଇ ଚାଲିଥିବା ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ କିନ୍ତୁ ରାଜ୍ୟସ୍ୱାର୍ଥ ପ୍ରସଙ୍ଗରେ ଲଢ଼େଇ କଲା ବେଳକୁ ଦୁଇ ଫାଳ ହୋଇଯାଇଛନ୍ତି। କେନ୍ଦ୍ର ସରକାରଙ୍କ

### ରାଜ୍ୟସଭାର ମେଣ୍ଟ ଖଣି ବେଳକୁ ନାହିଁ
### ଏକାଠି ବସିପାରିଲେନି ଦୁଇ ଦଳ

ସଂଶୋଧିତ ଖଣି ଟିକସ ବିଲ୍‌କୁ ବିରୋଧ ପାଇଁ ଦୁଇ ଦଳ ଅଲଗା ଅଲଗା ବୈଠକ ସହ ବିବୃତି ଜାରି କରିବାରେ ଲାଗିଛନ୍ତି। ବିରୋଧୀଙ୍କ ହଠାତ୍ ଏଭଳି ଛାଡ଼ପତ୍ର ରାଜନୀତି ଆଲୋଚନାର ବିଷୟବସ୍ତୁ ପାଲଟିଛି ଆଉ ଚର୍ଚ୍ଚା ହେଉଛି ଯୁଝିଲା ବେଳକୁ ଦୁଇ ଦଳ ଫାଳ ଫାଳ ହୋଇଯାଇଛନ୍ତି।

କେନ୍ଦ୍ର ସରକାର ସଂଶୋଧିତ ଏମ୍‌ଏମ୍‌ଡିଆର ବିଲ୍‌ରେ ରାଜ୍ୟ କ୍ଷତିଗ୍ରସ୍ତ ହେଉଥିବା ଦର୍ଶାଇ ଗତକାଲି କଂଗ୍ରେସ ସର୍ବଦଳୀୟ ବୈଠକ ଡାକିଥିଲା।



ଏଥିରେ ବାମପନ୍ଥୀଙ୍କ ସମେତ ଆଉ କେତେକ ଛୋଟ ମୋଟ ଦଳ ଏକାଠି ହୋଇଥିବା ବେଳେ ମୁଖ୍ୟ ବିରୋଧୀ ଦଳ ବିଜେଡି କିନ୍ତୁ ଯୋଗ ଦେଇ ନ ଥିଲା। ତେବେ କଂଗ୍ରେସର ଏହି ବୈଠକରେ ବିରୋଧ ପାଇଁ ଦିଲ୍ଲୀ ଯିବାକୁ ସ୍ଥିର ହୋଇଥିବା ବେଳେ ଖଣି ଟିକସ ପ୍ରସଙ୍ଗ ବାହାରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଭଳି ଆଉ କେତେକ ବିଷୟ ବି ଉଠିଥିଲା।

ଏହାର ଦିନକ ପରେ ଅର୍ଥାତ୍ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖଣି ଟିକସ ପ୍ରସଙ୍ଗରେ ରଣହୁଙ୍କାର ଦେଇଛନ୍ତି। କୌଣସି ସ୍ଥିତିରେ କେନ୍ଦ୍ରର ଏଭଳି ନୂତନ ଆଇନକୁ ଗ୍ରହଣ କରାଯିବ ନାହିଁ ଏବଂ ସବୁ ସ୍ତରରେ ବିରୋଧ କରାଯିବ ବୋଲି କହିଛନ୍ତି। ଅବଶ୍ୟ ଏହି ସଂଶୋଧିତ ବିଲ୍ ସଂସଦରେ ପାରିତ ହେବା ପରେ ପରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ନିଜର ଅସନ୍ତୋଷ ଜଣାଇବା ସହ ବିଜେପି ସାଂସଦଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ କରିଛନ୍ତି।

ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ କାହିଁକି ଗୋଟିଏ ଛାତ ତଳେ ବସିପାରିଲେ ନାହିଁ, ତାହା ଏବେ ରାଜନୈତିକ ମହଲରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ସମାନ ପ୍ରସଙ୍ଗରେ ଦୁଇ ଦଳ ସାମ୍ବାଦିକ ସମ୍ମିଳନୀ କରିବା ସହ ତଥ୍ୟଗତ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ଏକାଠି ହୋଇ ବିବୃତିଟିଏ ନ ଦେବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ସ୍ଥିତିରେ ରାଜ୍ୟ ସ୍ୱାର୍ଥ ପାଇଁ ବିରୋଧୀ ଦଳଙ୍କ ବିରୋଧ କେତେ ମାତ୍ରାରେ ପ୍ରଭାବ ପକାଇବ, ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଦୁଇ ଦଳ କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତାହାକୁ ନେଇ ଚର୍ଚ୍ଚା ଚାଲିଛି।

ଉଲ୍ଲେଖନୀୟ ଯେ ଚାରି ମାସ ତଳେ ବିଜେଡି ସମର୍ଥିତ ରାଜ୍ୟସଭା ପ୍ରାର୍ଥୀଙ୍କୁ କଂଗ୍ରେସ ଖୋଲା ସମର୍ଥନ ଘୋଷଣା କରି ରାଜନୈତିକ ମହଲରେ ଝଡ଼ ସୃଷ୍ଟି କରିଥିଲା। ବିଜେପିକୁ ବିରୋଧ ପାଇଁ ଏଭଳି ମେଣ୍ଟ ବୋଲି ବି କହିବାକୁ ପଛାଇ ନ ଥିଲେ ଦୁଇ ଦଳ। ରାଜନୀତି ପାଇଁ ଏକ ହୋଇଥିବା ବେଳେ ରାଜ୍ୟସ୍ୱାର୍ଥ ବେଳକୁ କାହିଁକି ପରସ୍ପରର ହାତ ଛାଡ଼ିଦେଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ସାଂସଦ



ପଟ୍ଟାମୁଣ୍ଡାଇ,୧୯।୮ (ସଂଚାର ବ୍ୟୁରୋ): ସାଂସଦ ବୈଜୟନ୍ତ ପଣ୍ଡା ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିବା ସହିତ ରିଲିଫ ବଣ୍ଟନ କରି ଫେରିବା ପରେ ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲ ପଡିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟାଞ୍ଚଳର ରିଲିଫ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ସାଂସଦଙ୍କ ସହିତ ମହାକାଳପଡା ବିଧାୟକ ଡ଼ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ କେନ୍ଦ୍ରାପଡ଼ା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସାଂସଦ ଶ୍ରୀ ପଣ୍ଡା ବନ୍ୟା ବିପନ୍ନ ମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

# ବିଧାୟକ ଧ୍ରୁବ ସାହୁଙ୍କ ବନ୍ୟାଞ୍ଚଳ ଗସ୍ତ ଓ ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ,୧୯।୮ (ସଂଚାର ବ୍ୟୁରୋ): ଚଳିତ ବ୍ରାହ୍ମଣୀ ନଦୀର ୩ୟ ବନ୍ୟାରେ ଶ୍ରୀରାମପୁର ପଂଚାୟତ ବିଶେଷ ଭାବେ କ୍ଷତିଗସ୍ତ ହୋଇଛି । ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଏହି ପଂଚାୟତରେ ବନ୍ୟା ବିଭୀଷିକାର ଚରମ ରୂପ ଦେଖିବାକୁ ମିଳିଛି। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଶ୍ରୀରାମପୁର ପଂଚାୟତର ପାଳପାଟଣା, ଶ୍ରୀରାମପୁର କଦମଦାଣ୍ଡି ଗ୍ରାମକୁ ଯାଇ ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହିତ ବିପନ୍ନମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ନିଜ ପକ୍ଷରୁ ରିଲିଫ ବଣ୍ଟନ କରିଥିଲେ । ବିଧାୟକ ଶ୍ରୀସାହୁଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ ଯୁବନେତା ପ୍ରତାପ ସେଠୀ, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକପ୍ରତିନିଧି ବନ୍ୟା ବିପନ୍ନ ପାଳପାଟଣା, ଶ୍ରୀରାମ ପୁର କଦମଦାଣ୍ଡି ଗସ୍ତ କରିଥିଲେ ।

# ଚାଷ ଜମି କ୍ଷୟକ୍ଷତି ପାଇଁ ବ୍ଲକ୍ ଅଧିକାରୀଙ୍କ ସହ ଆଲୋଚନା କଲେ ତେଜେଶ୍ୱର



ମାର୍ଶାଘାଇ,୧୯।୮ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ତଥା ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆୟତ୍ତପୁର, ଜଳପୋକ, କରିଲୋପାଟଣା, ଯମପଡା, ବଚ୍ଛରାଇ, ବନ୍ଧକଟା, ମେହେନ୍ଦିନଗର ଆଦି ପଂଚାୟତର ଚାଷଜମିରେ ବନ୍ୟାଜଳ ଭରି ରହିଥିବାରୁ ଚାଷ କ୍ଷତିଗ୍ରସ୍ତ ହୋଇଛି । ଚାଷ ହୋଇଥିବା ଧାନତଳି ପାଣିରେ ବୁଡ଼ି ରହି ପଚି ନଷ୍ଟ ହୋଇଗଲାଣି, ଗାଈଗୋରୁଙ୍କ ପାଇଁ ଖାଦ୍ୟାଭାବ ଦେଖାଦେଇଛି । କ୍ଷୟକ୍ଷତିର ସଠିକ ଆକଳନ କରିବା ସହିତ ପ୍ରଭାବିତଙ୍କୁ ସରକାରୀ ସୁବିଧା ଯୋଗାଇଦେବା ସହିତ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ, ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ସହିତ ସହାୟତା ପ୍ରଦାନ ନିମନ୍ତେ ପାଟକୁରା ନିର୍ବାଚନମଣ୍ଡଳୀ ବିଜେପି ନେତା ତଥା ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ମାର୍ଶାଘାଇ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ।

ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ବ୍ଲକ କୃଷି ଅଧିକାରୀ ପ୍ରମୋଦିନୀ ପ୍ରଧାନ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ମହେଶ୍ୱର ରାଉତ,ଉଦ୍ୟାନକୃଷି ଅଧିକାରୀ ଶ୍ରୀରାମ ରତନ ପ୍ରଧାନ,ଉଦ୍ୟାନକୃଷି ସାମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ମାର୍ଶାଘାଇ ୨୪ନଂ କରିଲପାଟଣା ଜୋନ ମଣ୍ଡଳ ବିଜେପି ସଭାପତି ବିଘ୍ନେଶ୍ୱର ନାୟକ, ସାଧାରଣ ସମ୍ପାଦକ ରଶ୍ମିରଂଜନ ପରିଡା ମଣ୍ଡଳଉପ ସଭାପତି ଲିପକ କୁମାର ବେଉରା, ପ୍ରଦୀପ୍ତ ରଞ୍ଜନ ପ୍ରଧାନ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଧନେଶ୍ୱର ମୁଦୁଲି, ଓବିସି ମୋର୍ଚ୍ଚା ସଭାପତି ବିଶ୍ୱରଞ୍ଜନ ଜେନା, ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରକାଶ କୁମାର ରାଉତ, ସୁରେଶ ଚନ୍ଦ୍ର ନାୟକ, ବୈଷ୍ଣବ ସ୍ୱାଇଁ, ସହିତ ପବିତ୍ର ନାୟକ, ଅଜୟ ବିଶ୍ୱାଳ, ଅମୂଲ୍ୟ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, ଅଜୟ ନାୟକ ଜିତେନ୍ଦ୍ର ଦଳାଇଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# ଅଜଣା ରୋଗରେ ପୀଡ଼ିତ ସୁଧୀର, ଚିକିତ୍ସା ପାଇଁ ଅର୍ଥ ବାଧକ



ନିଶ୍ଚିନ୍ତକୋଇଲି,୧୯।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାଲିପଡ଼ା ଗ୍ରାମର ଧରଣିଧର ଦାସଙ୍କ ପୁଅ ସୁଧୀର କୁମାର ଦାସ ଦୀର୍ଘଦିନ ଧରି ଏକ ଅଜଣା ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ନିଜର ସାମର୍ଥ୍ୟ ଅନୁଯାୟୀ ପରିବାର ତାଙ୍କୁ ବିଭିନ୍ନ ଡାକ୍ତରଙ୍କ ନିକଟକୁ ନେଇ ଚିକିତ୍ସା କରାଇଥିଲେ ମଧ୍ୟ ଏଯାଏଁ ସୁଧୀର ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନାହାନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ ନିୟମିତ ଇଞ୍ଜେକ୍ସନ ଓ ଔଷଧ ଆବଶ୍ୟକ ହେଉଛି। କିନ୍ତୁ ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ମହଙ୍ଗା ଇଞ୍ଜେକ୍ସନ କିଣିବାକୁ ପରିବାର ସକ୍ଷମ ହେଉନାହାନ୍ତି। ଫଳରେ ଆବଶ୍ୟକ ଚିକିତ୍ସା ନ ପାଇ ସୁଧୀରଙ୍କ ଅବସ୍ଥା ଦିନକୁ ଦିନ ଚିନ୍ତାଜନକ ହେଉଥିବା ପରିବାର ପକ୍ଷରୁ କୁହାଯାଇଛି। ଏଭଳି ପରିସ୍ଥିତିରେ ସୁଧୀରଙ୍କ ଚିକିତ୍ସା ପାଇଁ ସରକାର, ସ୍ୱେଚ୍ଛାସେବୀ ସଂଗଠନ ଓ ସହୃଦୟ ବ୍ୟକ୍ତିମାନେ ସହଯୋଗର ହାତ ବଢ଼ାଇବାକୁ ପରିବାର ପକ୍ଷରୁ ଆକୁଳ ନିବେଦନ କରାଯାଇଛି। ଉଚିତ ଚିକିତ୍ସା ଓ ଆର୍ଥିକ ସହାୟତା ମିଳିଲେ ସୁଧୀର ସୁସ୍ଥ ହୋଇ ପୁଣି ସାଧାରଣ ଜୀବନକୁ ଫେରିପାରିବେ ବୋଲି ପରିବାର ଆଶା ପ୍ରକାଶ କରିଛି।

# ବଦଳିଲେ ବିଭିନ୍ନ ଥାନାର ପୁଲିସ ଅଧିକାରୀ

କେନ୍ଦ୍ରାପଡ଼ା,୧୯।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଥାନାର ୯ଜଣ ଇନ୍ସପେକ୍ଟରଙ୍କୁ ବିଭିନ୍ନ ଥାନାକୁ ବଦଳି କରାଯାଇଛି।

ସୂଚନାନୁଯାୟୀ ରାଜକନିକା ଥାନାର ଅତିରିକ୍ତ ଆଇଆଇସି ବିଶ୍ୱଭୂଷଣ ସାହାଣୀଙ୍କୁ ତାଲଚୁଆ ସାମୁଦ୍ରିକ ଥାନାକୁ ଆଇଆଇସି ଭାବେ ବଦଳି କରାଯାଇଥିବା ବେଳେ ଜିଲ୍ଲା ପୋଲିସ ହେଡକ୍ୱାଟରରେ ଥିବା ଇନ୍ସପେକ୍ଟର୍ ପ୍ରଦୀପ୍ତ କୁମାର କାନୁନ୍‌ଗୋଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଳ ଥାନାର ଆଇଆଇସି ଭାବେ ବଦଳି ହୋଇଛି। ତନ୍ତିଆପାଳ ସାମୁଦ୍ରିକ ଥାନା ଆଇଆଇସି ରତିରଞ୍ଜନ ନାୟକଙ୍କୁ ରାଜନଗର ଥାନା ଆଇଆଇସି ଭାବେ ବଦଳି ହୋଇଥିବା ବେଳେ ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁଙ୍କୁ ତନ୍ତିଆପାଳ ସାମୁଦ୍ରିକ ଥାନା ଆଇଆଇସି ଭାବେ ବଦଳି ହୋଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ମହାକାଳପଡ଼ା ଥାନା ଆଇଆଇସି ଭାବେ ବଦଳି ହୋଇଥିବା ବେଳେ ମହାକାଳପଡ଼ା ଆଇଆଇସି ମାନସ ରଞ୍ଜନ ମଲ୍ଲିକଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଭାବେ ବଦଳି କରାଯାଇଛି । ସାଇବର ସେଲ୍ ଇନ୍ସପେକ୍ଟର୍ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କୁ ଅତିରିକ୍ତ ଆଇଆଇସି ଭାବେ ଟାଉନ୍ ଥାନାକୁ ବଦଳି କରାଯାଇଛି । ଟାଉନ୍ ଥାନାର ଅତିରିକ୍ତ ଆଇଆଇସି ନିଲମ ସୋରେନ୍‌ଙ୍କୁ ପାଟକୁରା ଥାନାର ଅତିରିକ୍ତ ଆଇଆଇସି ଭାବେ ବଦଳି କରାଯାଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କୁ ସାଇବର୍ ସେଲ୍ ଥାନାକୁ ବଦଳି କରାଯାଇଛି ।

ସେହିପରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଏସଆଇ ପ୍ରିତିଲତା ଲାଲଙ୍କୁ ସଦର ଥାନାକୁ ବଦଳି କରାଯାଇଥିବା ବେଳେ ମାର୍ଶାଘାଇ ଥାନାର ଏସଆଇ ପ୍ରବୀଣ କୁମାରଙ୍କୁ ରାଜନଗର ଥାନାକୁ ବଦଳି କରାଯାଇଛି । ରାଜନଗର ଥାନାର ଏସଆଇ ଚନ୍ଦ୍ରିକା ମହାପାତ୍ରଙ୍କୁ ମାର୍ଶାଘାଇ ଥାନାକୁ, ସଦର ଥାନାର ଏସଆଇ ଶିବରାମ ସ୍ୱାଇଁଙ୍କୁ ଚାନ୍ଦୋଳ ଫାଣ୍ଡିକୁ, କେନ୍ଦ୍ରାପଡା ମୁଖ୍ୟାଳୟରେ ଥିବା ଏସଆଇ ଅନୁସୂୟା ନାୟକଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଳ ଥାନାକୁ ଓ ମାର୍ଶାଘାଇ ଥାନାର ଏସଆଇ ଝରଣା ପ୍ରଧାନଙ୍କୁ ପୋଲିସ ରିଜର୍ଭ ଅଫିସକୁ ବଦଳି କରାଯାଇଛି ।

ସେହିପରି ପାଟକୁରା ଥାନାର ଏଏସଆଇ ରେବତୀ ପରିଡାଙ୍କୁ ରାଜନଗର ଥାନାକୁ, ଜମ୍ବୁ ସାମୁଦ୍ରିକ ଥାନାର ଏଏସଆଇ ସଞ୍ଜୀବ କୁମାର ଖଟୁଆଙ୍କୁ ରାଜନଗର ଥାନାକୁ, ଚାନ୍ଦୋଳ ଫାଣ୍ଡିର ଏଏସଆଇ ହରେକୃଷ୍ଣ ନନ୍ଦଙ୍କୁ ରାଜକନିକା ଥାନାକୁ,ଜମ୍ବୁ ସାମୁଦ୍ରିକ ଥାନାର ଏଏସଆଇ ବାପୁଜୀଶେଖର ପଲାଇଙ୍କୁ ସଦର ଥାନାକୁ, ଆଳି ଥାନାର ଏଏସଆଇ ରଶ୍ମିରଞ୍ଜନ ଗ୍ରହାଚାର୍ଯ୍ୟଙ୍କୁ ଜମ୍ବୁ ସାମୁଦ୍ରିକ ଥାନାକୁ, ରାଜନଗର ଥାନାର ଏଏସଆଇ ସଞ୍ଜିତ କୁମାର ନାୟକଙ୍କୁ ଆଳି ଥାନାକୁ, ରାଜନଗର ଥାନାର ଏଏସଆଇ ବୈକୁଣ୍ଠନାଥ ପାଢୀଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ, ନିକିରାଇ ଥାନାର ଏଏସଆଇ ସଂଗୀତା ମହାପାତ୍ରଙ୍କୁ ସଦର ଥାନାକୁ ଓ ସଦର ଥାନାର ଏଏସଆଇ ବିଜୟଲକ୍ଷ୍ମୀ ନନ୍ଦଙ୍କୁ ନିକିରାଇ ଥାନାକୁ ବଦଳି କରାଯାଇଛି ।

### ଡେରାବିଶ ବିଡ଼ିଓଙ୍କୁ ଦୁର୍ବ୍ୟବହାର ଘଟଣା

# ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ




ଡେରାବିଶ,୧୯।୮ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓଙ୍କ ଚାମ୍ବରରେ ଧସେଇ ପଶି ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକମାନେ ବିଡ଼ିଓ ନମିତା ବାରିକଙ୍କୁ ଦୁର୍ବ୍ୟବହାର କରିବା ଘଟଣାର ପ୍ରତିବାଦରେ ଆଜି ବ୍ଲକ ସମସ୍ତ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ୭ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି।

ଶୁକ୍ରବାର ଘଟଣା ଘଟିବା ପରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ନେଇ ଶନିବାର ଜିଲ୍ଲାପାଳଙ୍କୁ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ସୋମବାର ସନ୍ଧ୍ୟାରେ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଘଟଣା ଘଟିବା ୫ ଦିନ ବିତିଯାଇଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ କାର୍ଯ୍ୟବନ୍ଦ ଭଳି ନିଷ୍ପତ୍ତି ନିଆଯାଇଥିବା ସଂଘର କାର୍ଯ୍ୟକାରୀ ସଭାପତି ଦୁଲାଶିଷ ଗୁପ୍ତା କହିଛନ୍ତି। ତେବେ ନିଉଜ ଲେଖାହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଏହି ଆନ୍ଦୋଳନ ଚାଲୁ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଆନ୍ଦୋଳନ କେତେଦିନ ଚାଲିବ ସେ ବିଷୟରେ ଆଜି ରାତିରେ ସଂଘର କର୍ମକର୍ତ୍ତାଙ୍କ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ଗୁପ୍ତା କହିଛନ୍ତି।

ଏହି ଆନ୍ଦୋଳନରେ ଏବିଡ଼ିଓ ମୃଣ୍ମୟ ରାଉତ, ସଂଘ ସମ୍ପାଦକ ଶଶିଭୂଷଣ ରଣା, ଜିପିଡିଓ ଡାଙ୍ଗି ମୁର୍ମୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ରାଉତ, ଚନ୍ଦ୍ରକାନ୍ତ କର, ଏଡିଇଓ ବଳଦେବ ପାଇଦା, କଲ୍ୟାଣୀ ପ୍ରଭା ବେହେରା ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ଏହି ଆନ୍ଦୋଳନକୁ ନେଇ ବ୍ଲକରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ସୃଷ୍ଟି ହୋଇଛି।

# ବାଗଦେବୀ କଳାମନ୍ଦିରର ବାର୍ଷିକ ପରୀକ୍ଷା



କେନ୍ଦ୍ରାପଡ଼ା,୧୯।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଭରତପୁର ସ୍ଥିତ ଜିଲ୍ଲାର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ବାଗଦେବୀ କଳାମନ୍ଦିରର ଛାତ୍ରଛାତ୍ରୀ ମାନେ ରାଜ୍ୟ ସଂସ୍କୃତି ବିଭାଗ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପରିଚାଳିତ ପରୀକ୍ଷାରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି । ଓଡ଼ିଶୀ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ବାଦ୍ୟ ବିଭାଗର ସମୁଦାୟ ୧୨୫ ଜଣ ପରୀକ୍ଷାର୍ଥୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶକ ତଥା ସଙ୍ଗୀତଗୁରୁ ସତ୍ୟପ୍ରିୟ ଦାସ, ମୁଖ୍ୟ ପରିଚାଳକ ଓ ସଙ୍ଗୀତ ମହାବିଦ୍ୟାଳୟର ମର୍ଦ୍ଦଳଗୁରୁ ଜଗନ୍ନାଥ ମିଶ୍ର ମୁଖ୍ୟ ପରୀକ୍ଷକ, ଓଡ଼ିଶୀ ନୃତ୍ୟଗୁରୁ ସଂଗୀତା ଦାସ ପରୀକ୍ଷକ ଭାବେ ଏଥିରେ ଅଂଶ ଗ୍ରହଣ କରି ସୁଚାରୁ ରୂପେ ପରୀକ୍ଷା ପରିଚାଳନା କରିଥିଲେ । ପ୍ରକାଶ ଥାଉ କି ଉକ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଆକାଶ ବାଣୀ, ଦୂରଦର୍ଶନ ତଥା ରାଜ୍ୟର ଅନେକ ମ ଏବଂ ରିଅଲିଟୀ ସୋରେ ନିଜର ଦକ୍ଷତା ପ୍ରତିପାଦନ କରି ଜିଲ୍ଲା ତଥା ରାଜ୍ୟରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି ।

## କୁଳସାହି ଆଶ୍ରମ ସ୍କୁଲରୁ ଛାତ୍ରଛାତ୍ରୀ ଉଦ୍ଧାର



ପଟ୍ଟାମୁଣ୍ଡାଇ,୧୯।୮(ସଂଚାର ବ୍ୟୁରୋ): ରାଜ୍ୟ ଏସସିଏସଟି ବିଭାଗ ଦ୍ୱାରା ପରିଚାଳିତ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଠପାଳ ପଞ୍ଚାୟତ କୁଳସାହି ଆଶ୍ରମ ସ୍କୁଲ ଟି ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ । ଚକିତ ବ୍ରାହ୍ମଣୀ ନଦୀର ପ୍ରଳୟଙ୍କରୀ ୩ୟ ବନ୍ୟାରେ ଏହି ସ୍କୁଲର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଦୀର୍ଘ ୪/୫ ଦିନ ଧରି ଜଳବନ୍ଦୀ ହୋଇ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରିଥିଲେ । ଆଶ୍ରମ ସ୍କୁଲ ପିଲାମାନେ ଦୀର୍ଘ ୪/୫ ଦିନ ଧରି ଜଳବନ୍ଦୀ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ୍ରାଫ୍ଟ ଟିମ ଓ ଅଗ୍ନିଶମ ବାହିନୀ ସହାୟତାରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଆଳି ବ୍ଲକ ମହା ଦେଇପାଟଣା ସ୍କୁଲରେ ଭାବେ ପିଲାମାନଙ୍କୁ ରଖାଯାଇଛି । କୁଳସାହି ଆଶ୍ରମ ସ୍କୁଲ ସ୍ଥାନାନ୍ତର ପ୍ରକ୍ରିୟା ବେଳେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ଅରବିନ୍ଦ ରାୟଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧି ସାମିଲ ହୋଇଥିଲେ ।

# କେନ୍ଦ୍ରାପଡ଼ା କଲେଜ ଜମିର ସୁରକ୍ଷା ସହ ବିକାଶ ପାଇଁ ପୁରାତନ ଛାତ୍ର ସଂସଦର ସଂକଳ୍ପ




କେନ୍ଦ୍ରାପଡ଼ା,୧୯।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସାଧାରଣ ପରିଷଦ ବୈଠକ କଲେଜ ପ୍ରେକ୍ଷାଳୟରେ ସଂସଦର ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମାତୃ ଶିକ୍ଷାକେନ୍ଦ୍ରର ସୁରକ୍ଷା ସହ ତାର ସାର୍ବିକ ବିକାଶ ପାଇଁ ସଂକଳ୍ପ ଗ୍ରହଣ କରିଛି ସଂସଦ । ଏହି ସଭାରେ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରାଧ୍ୟାପକ ଚିରଞ୍ଜନ ଦାସଙ୍କୁ ସ୍ୱାଗତ କରାଯାଇଥିଲା । ଏଥିସହିତ ଭାଙ୍ଗି ପଡୁଥିବା କଲେଜ ଏମବି(ମୁଖ୍ୟ କୋଠା)ର ସଂରକ୍ଷଣ ଓ ନବୀକରଣ ତଥା ନୂତନ ଭିତ୍ତିଭୂମି ସୃଷ୍ଟି ପାଇଁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ ସହିତ ମତାମତ ପ୍ରଦାନ କରିଥିଲେ ।

ସଭାରେ ଯୋଗଦେଇ କଲେଜର ପ୍ରାକ୍ତନ ଛାତ୍ର ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ନବୀକରଣ ନିମିଅର୍ଥ ସହାୟତା ପାଇଁ ନିଜ ଅଙ୍ଗୀକାର ଘୋଷଣା କରିଥିଲେ । ରାଜ୍ୟ ମହିଳା କମିଶନ ସଦସ୍ୟା ତଥା ପ୍ରାକ୍ତନ ଛାତ୍ରୀ ଡ. କଳ୍ପନା ମଲ୍ଲିକ କଲେଜ ପରିସରରେ ଛାତ୍ରୀମାନଙ୍କୁ ନିରାପଦ ଶୈକ୍ଷିକ ପରିବେଶ ଯୋଗାଇଦେବା ସପକ୍ଷରେ ମତବ୍ୟକ୍ତ କରିଥିଲେ । କଲେଜ ପ୍ରାକ୍ତନ ଅଧ୍ୟକ୍ଷ ତଥା ସଂସଦର ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା ଯୋଗଦେଇ କେନ୍ଦ୍ରାପଡା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ମତ ଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଘୋଷଣା କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

କଲେଜର ଦିବଂଗତ ଅଧ୍ୟକ୍ଷ ବିଶ୍ୱମୋହନ ମିଶ୍ର, ଶରତ କୁମାର ରଥ, ଅଧ୍ୟାପକ ପ୍ରମୋଦ କୁମାର ସାମଲ ଓ ଛାତ୍ର ଅଭିମନ୍ୟୁ ଦାସଙ୍କ ସ୍ମୃତିରେ ଶୋକ ପ୍ରକାଶ କରାଯାଇଥିଲା । ବରିଷ୍ଠ ଉପସଭାପତି ଡ. ତ୍ରୈଲୋକ୍ୟନାଥ ସାମଲ ଶୋକ ପ୍ରସ୍ତାବ ଆଗତ କରିଥିଲେ । ସଭାରେ ବରିଷ୍ଠ ସାମ୍ବାଦିକ ତଥା କାର୍ଯ୍ୟକାରୀ କମିଟି ସଦସ୍ୟ ଚିରଞ୍ଜନ ଦାସ, ଡ. ବିଧୁଭୂଷଣ ଦାଶ, ଡ. ବାସୁଦେବ ଦାସ, ଗୋଲଖ ଚନ୍ଦ୍ର ମହାଭୋଇ, ରାଜେଶ ନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ମଧୁସୂଦନ ବେହେରା, ଡ. ରଶ୍ମୀ କର, ବିଶ୍ୱନାଥ ଆଚାର୍ଯ୍ୟ, ଭବାନୀ ଓଝା, ଶରତ ସିଂହ, ବିଶ୍ୱଜିତ ଦାସ, ଡ. ପ୍ରଭାକର ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨ ବର୍ଷରେ ଗୋଟିଏ ପୋଖରୀରେ ୩୯ ଲକ୍ଷ ଟଙ୍କାର କାର୍ଯ୍ୟ

### ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ
### ତଦନ୍ତ ଦାବି କଲେ ଗ୍ରାମବାସୀ




ନିଳଗିରି,୧୯।୮ (ସଂଚାର ବ୍ୟୁରୋ): ଯିଏବି ଶୁଣିବ, ସିଏବି ଆଶ୍ଚର୍ଯ୍ୟ ହେବ। ଗୋଟାଏ ପୋଖରୀରେ ୨ ବର୍ଷରେ ତିରିଶି ଲକ୍ଷ ଟଙ୍କା ଏକ ପକ୍କା ଘାଟ ସହ ଉନ୍ନୟନ କାର୍ଯ୍ୟ ରେ ଖର୍ଚ୍ଚ ହୋଇଥିବା ଜାଣିବା ପରେ ପଂଚାୟତର ସ କିଛି ୱାର୍ଡ ମେମ୍ବର ଓ ଗ୍ରାମ ବାସୀ ଉକ୍ତ ପୋଖରୀ ପ୍ରକଳ୍ପରେ ମହା ଦୁର୍ନୀତି ହୋଇଥିବା ନେଇ ଆଜି ଗ୍ରାମବାସୀ ମାନେ ନୀଳଗିରି ଉପଜିଲ୍ଲାପାଳ ଓ ନିଳଗିରି ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ବେଗୁନିଆ ପଂଚାୟତର ୩ନମ୍ବର ୱାର୍ଡଡୁମ ଅଣ୍ଡିରା ଗ୍ରାମରେ ଥିବା ନୂଆ କୂଳିଆ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ୨୪-୨୫ଆର୍ଥିକ ବର୍ଷରେ ଏନ୍. ଆର୍. ଇ. ଜି ଏସ ଯୋଜନାରେ ୧୦ ଲକ୍ଷ ଟଙ୍କା, ଏସ ଏଫ୍ ସି ଯୋଜନାରେ ୨ ଲକ୍ଷ ଟଙ୍କା, ଜୀ ଆଇ ଏ ଯୋଜନାରେ ୫ଲକ୍ଷ ଟଙ୍କା, ଏବଂ ୨୬-୨୭ଆର୍ଥିକ ବର୍ଷରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ୭ ଲକ୍ଷ ଟଙ୍କାରେ ଉକ୍ତ ପୋଖରୀ ରେ କାର୍ଯ୍ୟ ହୋଇଥିବା ରୁ ପ୍ରକଳ୍ପରେ ମହା ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ପୋଖରୀରେ ପକ୍କା ପାହାଚ ନିର୍ମାଣରେ ମହା ଦୁର୍ନୀତି ହୋଇଥିବା ବେଳେ ୧୦ଫୁଟ ପାୟେଲିଂ ଥିବା ବେଳେ ୫ଫୁଟ କରାଯାଇଛି। ରୋଡ, ସିମେଣ୍ଟର ପରିମାଣ କମ୍ ଦେଇ କାର୍ଯ୍ୟ ହୋଇଥିବାର ୧ୱାର୍ଡ ସଭ୍ୟଟୁକୁଲା ସିଂ,୫ନମ୍ବର ୱାର୍ଡସଭ୍ୟା ଗୀତାଞ୍ଜଳି ମହାଳିକ,୯ନମ୍ବର ୱାର୍ଡସଭ୍ୟ ବିଜୟ ବେହେରା,୧୨ନମ୍ବର ୱାର୍ଡସଭ୍ୟ ବୁଦ୍ଧିଆ ସିଂ, ଗ୍ରାମବାସୀ ସତ୍ୟବାନ ବାରିକ, ଜୟନ୍ତ ମହାଳିକ, ବୁଲୁ କୁମାର ବେହେରା, ଆଲୋକ ପାତ୍ର, ଅମୂଲ୍ୟ ଜେନା, ସନାତନ ଦାସ ସମେତ ବହୁ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଉକ୍ତ ପୋଖରୀରେ ପ୍ରାୟ ତିରିଶି ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ବେଳେ ସଠିକ୍ ଭାବରେ ତଦନ୍ତ କରାଗଲେ ଦୁର୍ନୀତିର ଗୁମର ଖୋଲିବ ବୋଲି ପଞ୍ଚାୟତବାସୀ ଦାବୀ କରିବା ସହ ଏହାର ନିରପେକ୍ଷ ତଦନ୍ତ ପାଇଁ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲାପାଳ ସୂର୍ଯ୍ୟ ବଂଶୀମୟୁରବିକାଶ, ବାଲେଶ୍ୱର ସାଂସଦପ୍ରତାପ ଷଡଙ୍ଗୀ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଙ୍କୁ ପ୍ରଦାନ କରିଛନ୍ତି।

# 'କାଗଜ'ରେ ଜଙ୍ଗଲ ବଢ଼ିଲା, ବାସ୍ତବରେ ମିଳିଲା ଶୁଖିଲା ଡାଙ୍ଗ

### 'ସଂଚାର'ରେ ଖବର ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଏଫଓ
### ତଦନ୍ତ ପାଇଁ ଏସିଏଫଙ୍କୁ ଦାୟିତ୍ୱ
### ଅଭିଯୋଗ ପରେ ଖୋଲିଲା ଝାଉଁ ଚାରା ରୋପଣ କେଲେଙ୍କାରୀ



କାକଟପୁର/ଅସ୍ତରଙ୍ଗ,୧୯।୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ସରକାରୀ ଅର୍ଥରେ ହୋଇଥିବା କୋଟି କୋଟି ଟଙ୍କାର ଝାଉଁ ଚାରା ରୋପଣ କାର୍ଯ୍ୟ ଏବେ ବଡ ଘୋଟାଲା ରୂପ ନେଇଛି। "କାଗଜ କଲମରେ ଲକ୍ଷ ଲକ୍ଷ ଗଛ ବଢ଼ିଛି, କିନ୍ତୁ ଜମି ଖୋଳିଲେ ମିଳୁଛି କେବଳ ବାଲି ଓ ଶୁଖିଲା ଡାଙ୍ଗ" - ଏହି ଅଭିଯୋଗ ପରେ ପ୍ରଶାସନ ଏବେ ତତ୍ପର ହୋଇଛି।

ଗତ ୪ ତାରିଖରେ "ସଂଚାର"ରେ ଏହି ଅନିୟମିତା ଖବର ପ୍ରକାଶିତ ପାଇବା ପରେ ସାମାଜିକ ଗଣମାଧ୍ୟମରେ ପ୍ରତିବାଦ ତୀବ୍ର ହୋଇଥିଲା। ଏକ୍ସ ହ୍ୟାଣ୍ଡେଲରେ ଖବର ଭାଇରାଲ ହେଲା। ଏହା ସହ ଅସ୍ତରଙ୍ଗ ଅଞ୍ଚଳର ରୁଦ୍ରପ୍ରସାଦ ଲେଙ୍କା ଜନଶୁଣାଣୀ ପୋର୍ଟାଲରେ ସି୪୦୪୬୧୨ ଓ ମାଳଦା ଗ୍ରାମର ଅମିୟ ରଞ୍ଜନ ବାରିକ ସି୪୦୪୪୯୧ ନମ୍ବରରେ ଲିଖିତ ଅଭିଯୋଗ କଲେ।

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଅଭିଯୋଗ ପାଇବା ପରେ ଏହା ଜଙ୍ଗଲ ସଚିବ, ପ୍ରଧାନ ମୁଖ୍ୟ ବନ ସରଂକ୍ଷକ ଓ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମାଧ୍ୟମରେ ଅଗଷ୍ଟ ୧୦ରେ ପୁରୀ ବନଖଣ୍ଡ ଅଧିକାରୀଙ୍କ ଟେବୁଲରେ ପହଞ୍ଚିଥିଲା। ଏହାପରେ ଅଗଷ୍ଟ ୧୩ ତାରିଖରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମେମୋ ନମ୍ବର ୫୩୯୯/୧ଏଫ /୨୦୨୬ ଜାରି କରି ସହକାରୀ ବନ ସଂରକ୍ଷକ ଶ୍ରୀ ନୀଳମାଧବ ସାହୁଙ୍କୁ ତୁରନ୍ତ ବିସ୍ତୃତ ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ "ଅତି ଜରୁରୀ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ " ବୋଲି ଚିହ୍ନିତ କରାଯାଇଛି। ସମାନ ଦିନ ମେମୋ ନମ୍ବର ୫୪୦୦ ଜାରି କରି ଅସ୍ତରଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଧିକାରିଣୀଙ୍କୁ ମାନଚିତ୍ର, ଆକଳନ ଓ ସମସ୍ତ ନଥିପତ୍ର ସହ ତଦନ୍ତରେ ହାଜର ହେବାକୁ କୁହାଯାଇଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଅସ୍ତରଙ୍ଗ ରେଞ୍ଜ ଅଧୀନ ସହନଠାରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ କାମ୍ପା ଓ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ୮୦ହଜାର ରୁ ଉର୍ଦ୍ଧ ଝାଉଁ ଚାରା ରୋପଣ କରାଯାଇଥିବା ଦେଖାଯାଇଛି। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ରୋପଣ ହୋଇନଥିଲା। କେବଳ କାଗଜରେ କାମ ଦେଖାଯାଇ ବିଲ୍ ପାସ୍ କରାଯାଇଛି। "ସଂଚାର"ରେ ଖବର ବାହାରିବା ପରେ ରାତି ଅଧରେ ତଡାହୁଡା କରି ଚାରା ରୋପଣ କରାଯାଇଥିବା ଅଭିଯୋଗ ହୋଇଛି। ଆହୁରି ଗୁରୁତର ଅଭିଯୋଗ ହେଉଛି - ଯେଉଁ ମାନେ କାମ କରିନାହାନ୍ତି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି। ମଷ୍ଟର ରୋଲରେ ନାମ ଥିବା ଅନେକ ଲୋକ କାମ ବିଷୟରେ କିଛି ଜାଣିନାହାନ୍ତି। ଏହାକୁ ସ୍ଥାନୀୟ ଲୋକେ "ବନ ବିଭାଗର କିଛି କର୍ମଚାରୀ"ଙ୍କ ମିଳିଭଗତ" ବୋଲି କହୁଛନ୍ତି। ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ଝାଉଁ ଜଙ୍ଗଲ ହିଁ ସମୁଦ୍ର ଝଡ ଓ ମୃତ୍ତିକା କ୍ଷୟରୁ ଲୋକଙ୍କୁ ରକ୍ଷା କରେ। ପୁରୀ ସ୍ୱର୍ଗଦ୍ୱାରର ଶେଷକୃତ୍ୟ ପାଇଁ ଆବଶ୍ୟକ ଝାଉଁ କାଠ ମଧ୍ୟ ଏଇଠୁ ଯାଏ। ଏପରି ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲକୁ ନେଇ ଚାରା ରୋପଣ ଦୁର୍ନୀତି ହେବା ଶହ ଟଙ୍କା ଆତ୍ମସାଥ କରୁଥିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ସାଧାରଣ ଲୋକେ କହୁଛନ୍ତି।

ଲୋକଙ୍କ ଦାବି କେବଳ ତଳସ୍ତରର କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନହୋଇ ଯେଉଁ ବନପାଳ ଓ ଉଚ୍ଚପଦସ୍ଥ ଅଧିକାରୀ ବିଲ୍ ପାସ୍ କଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ। ସଠିକ ତଦନ୍ତ ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ରାସ୍ତା କାମରେ ମେସିନ ବ୍ୟବହାରକୁ ବିରୋଧ କରି ଦାବିପତ୍ର



ସୁନ୍ଦରଗଡ଼,୧୯।୮ (ସଂଚାର ବ୍ୟୁରୋ): ହେମଗିର ବ୍ଲକ କନିକା ପଞ୍ଚାୟତ ରେ ସରକାରୀ ପାଣ୍ଠି ରୁ ନିର୍ମାଣ କରାଯାଉଥିବା ରାସ୍ତା କାମରେ ଏଯେକ୍ସ ମେସିନ ବ୍ୟବହାର ବ୍ୟତୀତ ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ କରାଯିବା ନେଇ କନିକା ସରପଞ୍ଚ ଶାନ୍ତ ଧରୁଆ ବିରୋଧ କରି ହେମଗିର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି, ଦାବିପତ୍ର ଅନୁସାରେ ବିଭିନ୍ନ ପାଣ୍ଠି ରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରାସ୍ତା ନିର୍ମାଣ ପାଇଁ ସରକାର ବ୍ୟୟ କରୁଥିବା ବେଳେ ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀ ରାସ୍ତା ନିର୍ମାଣ କାମରେ ଏଯେକ୍ସ ମେସିନ ବ୍ୟବହାର କରୁଛନ୍ତି, ମେସିନରେ ରାସ୍ତା ନିର୍ମାଣ ସାମଗ୍ରୀ ପରିମାଣ କମ ଥିବା ସହ ନିମ୍ନମାନର ପକାଯାଉଛି, ଯାହା ଫଳରେ ରାସ୍ତା ନିର୍ମାଣ ନିମ୍ନମାନର ହେବା ସହ, ନିର୍ମାଣର କିଛି ଦିନ ମଧ୍ୟରେ ରାସ୍ତାରେ ଫାଟ ପଡି ଯାଉଚି। ଅନ୍ୟପଟେ ଏଯେକ୍ସ ମେସିନରେ କାଯ୍ୟ କରାହେବା ଯୋଗୁ ସ୍ଥାନୀୟ ଦିନ ମଜୁରିଆ ଖଟିଖିଆ ଙ୍କୁ ରୋଜଗାର ମଧ୍ୟ ମିଳି ପାରୁନାହିଁ, ଏନେଇ ଗ୍ରାମବାସୀ ପୂର୍ବରୁ ମଧ୍ୟ ଯନ୍ତ୍ରୀ ଓ ବ୍ଲକ ଅଧିକାରୀ ଙ୍କୁ ଜଣାଇଥିବା ସତ୍ତ୍ୱେ ଏ ନେଇ କୌଣସି ପଦକ୍ଷେପ୍ପ ନିଆ ଯାଇନାହିଁ, ଏହି ପରିପେକ୍ଷିରେ ବୁଧବାର କନିକା ସରପଞ୍ଚ ଶାନ୍ତ ଧୃଆ ବିଡିଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

■ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତି ଭିତ୍ତିଭୂମି ବିକାଶ ପାଇଁ ନୂଆ ଦିଗ

## ଟାଟା ଇଲେକ୍ଟ୍ରୋନିକ୍ସ ସେମିକଣ୍ଡକ୍ଟର ଫ୍ୟାବ୍ ବୁଲିଲେ ଆଇଟି ମନ୍ତ୍ରୀ



ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଓଡ଼ିଶାରେ ଆଧୁନିକ ପ୍ରଯୁକ୍ତି ଓ ଶିଳ୍ପ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଏକ ଦୃଢ଼ ପରିବେଶ ଗଠନ ଲକ୍ଷ୍ୟରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁଜରାଟର ଧୋଲେରା ଶିଳ୍ପ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଧୋଲେରାରେ ସମନ୍ୱିତ ଭିତ୍ତିଭୂମି ଓ ସହର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଆକ୍ଟିଭେସନ୍ ଏରିଆ ପରିଦର୍ଶନ କରିଛନ୍ତି। ଧୋଲେରାରେ ଦେଖାଯାଇଥିବା ଆଧୁନିକ ନଗର ଯୋଜନା ଓ ଭିତ୍ତିଭୂମି ବିକାଶର ବ୍ୟାପକତା ଏହି ପରିଦର୍ଶନର ମୁଖ୍ୟ ଆକର୍ଷଣ ଥିଲା।

ଏଥିସହ ମନ୍ତ୍ରୀ ଡ. ମହାଲିଙ୍ଗ ଟାଟା ଇଲେକ୍ଟ୍ରୋନିକ୍ସର ସେମିକଣ୍ଡକ୍ଟର ଫ୍ୟାବ୍ ପରିଦର୍ଶନ କରିଥିଲେ। ସେମିକଣ୍ଡକ୍ଟର ଶିଳ୍ପର ବିକାଶ କେବଳ ଏକ ଫ୍ୟାବ୍ ସ୍ଥାପନରେ ସୀମିତ ନୁହେଁ, ଏହା ସହିତ ଆବଶ୍ୟକ ଶିଳ୍ପ ଇକୋସିଷ୍ଟମ୍, ଭେଣ୍ଡର ନେଟୱର୍କ, ଉଚ୍ଚମାନର ଭିତ୍ତିଭୂମି ଓ ଦକ୍ଷ ମାନବ ସମ୍ବଳର ବିକାଶ ମଧ୍ୟ ଜଡ଼ିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଧୁନିକ ଭିତ୍ତିଭୂମି, ଉନ୍ନତ ପ୍ରଯୁକ୍ତି ଓ ଶିଳ୍ପ ଇକୋସିଷ୍ଟମ୍‌ର ସମନ୍ୱୟ ମାଧ୍ୟମରେ ରାଜ୍ୟକୁ ଭାରତର ଆଗାମୀ ସେମିକଣ୍ଡକ୍ଟର ଓ ଟେକ୍ନୋଲୋଜି ହବ୍ ଭାବେ ଗଢ଼ି ତୋଳିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

ଘରୋଇ ହିଂସା ଓ ଯୌତୁକ ନିରୋଧ ଆଇନ ସଂକ୍ରାନ୍ତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ

# ଯୌତୁକମୁକ୍ତ ଓ ଘରୋଇ ହିଂସାମୁକ୍ତ ଘର ଗଠନ ଲକ୍ଷ୍ୟ

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ‘ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫’ ଏବଂ ‘ଯୌତୁକ ନିରୋଧ ଆଇନ, ୧୯୬୧’ ବିଷୟରେ ରାଜ୍ୟସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଆଇନଗତ ପ୍ରାବଧାନ, ବିଭିନ୍ନ ଅଂଶୀଦାରଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ, ଏବଂ ଘରୋଇ ହିଂସା ଓ ଯୌତୁକଜନିତ ଅପରାଧ କ୍ଷେତ୍ରରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ ମହିଳା ଓ ବାଳିକାମାନଙ୍କ ସୁରକ୍ଷା, ସମ୍ମାନ ଓ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ ଯେତେବେଳେ ମହିଳାମାନେ

**ଅଧିକାର ନେଇ ସଚେତନତା ହିଁ ମହିଳା ସଶକ୍ତୀକରଣର ମୂଳଦୁଆ**

ନିଜର ଅଧିକାର ବିଷୟରେ ସଚେତନ ହେବେ, ସେତେବେଳେ ସେମାନେ ସଶକ୍ତ ହୋଇପାରିବେ। ହିଂସା, ଭେଦଭାବ ଓ ଯୌତୁକ ସମ୍ବନ୍ଧୀୟ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆଇନଗତ ଅଧିକାର ଏବଂ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ



ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ।

ସେ ଆହୁରି କହିଛନ୍ତି ଯେ ଏକ ‘ଯୌତୁକମୁକ୍ତ ଓଡ଼ିଶା’ ଏବଂ ‘ଘରୋଇ ହିଂସାମୁକ୍ତ ଘର’ ଗଠନ କରିବା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେବଳ କଠୋର ଆଇନ ନୁହେଁ, ବରଂ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା, ତୃଣମୂଳ ସ୍ତରରେ ସଚେତନତା ଓ ସମସ୍ତ ଅଂଶୀଦାରଙ୍କ ମିଳିତ ସହଯୋଗ ଆବଶ୍ୟକ। ଘରୋଇ ହିଂସା କିମ୍ବା ଯୌତୁକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ଯେପରି ସମୟସୀମା ମଧ୍ୟରେ ସୁରକ୍ଷା, ଆଇନଗତ ସହାୟତା, ପରାମର୍ଶ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ସହାୟତା ମିଳିପାରିବ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀ ଓ ପ୍ରତ୍ୟକ୍ଷ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ବିଜେଡି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ସଭା



କଟକ,୧୯।୮(ସଂଚାର ବ୍ୟୁରୋ): ବିଜୁ ଜନତା ଦଳ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସମନ୍ୱୟ କମିଟିର ସଂଯୋଜକ ପ୍ରଫୁଲ୍ଲ କୁମାର ସିଂହଙ୍କ ସୁପାରିଶକ୍ରମେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ତୋଳମୁଣ୍ଡାସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ବୁଧବାର ଅପରାହ୍ଣରେ ଜିଲ୍ଲା ଓ ସ୍ଥାନୀୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକାରୀ ସଭାପତି ଜୟଦେବ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି ନୂତନ କର୍ମକର୍ତ୍ତାଙ୍କୁ ଉଦବୋଧନ ଦେଇ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ସଭାପତି ଶ୍ରୀ ସିଂହ ନବନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରିବା ସହ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଦଳକୁ ସୁଦୃଢ଼ କରିବା ଦିଗରେ ଆଗାମୀ ଦିନରେ ସଂଗଠିତ ହୋଇ ଦଳ ପାଇଁ ଆହ୍ୱାନ ଦେଇଥିଲେ। ମନୋନୀତ ହୋଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଉପସଭାପତି ଭାବେ ରାଜେଶ ରଣା, ବିଷ୍ଣୁଚରଣ ସାହୁ, ପତିତପାବନ ନାୟକ, ବିଭୂତି ଭୂଷଣ ବେହେରା ପ୍ରମୁଖ ରହିଛନ୍ତି।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କଟକ,୧୯।୮(ସଂଚାର ବ୍ୟୁରୋ): କଟକ ବାଲୁବଜାର ପୂଜା କମିଟି ସଭାପତି ପୃଥ୍ୱୀରାଜ ସାହୁଙ୍କ ଦ୍ୱାରା ୨୦୨୫-୨୦୨୬ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରଥିବା ସରକାରୀ ଅଭ୍ୟାସ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନୋରମା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଲବାଗ ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟବ୍ରତ ଭୂତିଆ, ସମ୍ମାନିତ ଅତିଥି ଭାବେ ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ ଯୋଗଦେଇଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀ ଆକାଂକ୍ଷା ବେହେରା ଓ ପ୍ରୀତିପୂର୍ଣ୍ଣା ବେହେରାଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଶ୍ରୀ ମଲ୍ଲିକ ଫେସବୁକ ସାମାଜିକ ଅନୁଷ୍ଠାନ ‘ଆମ ପରିବାର ଚାରିଟେବୁଲ ଟ୍ରଷ୍ଟ’ ପକ୍ଷରୁ ଅର୍ଥରାଶି ସହ କଲମ ଉପହାର ଦେଇ କୃତୀ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଦାୟିତ୍ୱ ଗ୍ରହଣ କଲେ ଓଏଚ୍ଆର୍‌ସି ସଦସ୍ୟ ବିରଜା ଶଙ୍କର



ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ବରିଷ୍ଠ ଆଇନଜୀବୀ ବିରଜା ଶଙ୍କର ମିଶ୍ର ଆଜି ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି)ର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ତୋଷାଳି ଭବନସ୍ଥିତ ମାନବାଧିକାର ଆୟୋଗଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଆୟୋଗଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ ନୂତନ ସଦସ୍ୟ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ଜଣାଶୁଣା ଅଧିବକ୍ତା ଶ୍ରୀ ମିଶ୍ର ୧୯୯୩ରେ ଓଡ଼ିଶା ବାର୍ କାଉନ୍‌ସିଲ୍‌ର ସଦସ୍ୟ ହେବା ପରେ ଦୀର୍ଘ ୪ ଦଶନ୍ଧି ଧରି ଆଇନଜୀବୀ ଭାବରେ ସକ୍ରିୟ ଅଛନ୍ତି। ପୂର୍ବରୁ ଆୟୋଗରେ ଅଧ୍ୟକ୍ଷ ଓ ଜଣେ ସଦସ୍ୟ ଥିବା ବେଳେ ଶ୍ରୀ ମିଶ୍ର ସଦସ୍ୟ ଭାବେ ଯୋଗଦାନ କରିବା ଦ୍ୱାରା କମିଶନର ସମସ୍ତ ପଦବୀ ପୂରଣ ହୋଇଛି।

## ହୀରାକୁଦ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

● ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ପ୍ରକୃତି, ସଂସ୍କୃତି ଓ ସାହସିକ ପର୍ଯ୍ୟଟନର ସମନ୍ୱୟରେ ହୀରାକୁଦକୁ ଏକ ସ୍ଥାୟୀ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ବିକଶିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ହୀରାକୁଦ ଅଞ୍ଚଳର ସମନ୍ୱିତ ବିକାଶ ଯୋଜନାରେ ପର୍ଯ୍ୟଟନ, ଯୋଗାଯୋଗ, ଐତିହ୍ୟ, ପରିବେଶ, ଜଳ ପର୍ଯ୍ୟଟନ ଓ ସ୍ଥାନୀୟ ଜୀବିକାକୁ ପ୍ରାଥମିକତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଲୋକସେବା ଭବନରେ ହୀରାକୁଦ ଅଞ୍ଚଳରେ ସମନ୍ୱିତ ପର୍ଯ୍ୟଟନ ଭିତ୍ତିଭୂମି ବିକାଶର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି।



ଏହି ସମନ୍ୱିତ ପ୍ରକଳ୍ପରେ ହୀରାକୁଦ ଡ୍ୟାମ୍ ମ୍ୟୁଜିୟମ୍, ଆଦାଲିଆଲ ପ୍ଲାଜା, ଲାଇଟ୍ ଆଣ୍ଡ ଲେଜର ସିମ୍ଫୋନୀ, ରୋପୱେ, କ୍ରୁଜ୍ ଟର୍ମିନାଲ୍, ଫ୍ଲୋଟେଲ୍, ମହାନଦୀ ତ୍ରିପି ପ୍ରକୃତି ଉଦ୍ୟାନ, ଜଳୀୟର ଉଦ୍ୟାନର ପୁନର୍ବିକାଶ ଓ ବୁର୍ଲା-ହୀରାକୁଦ ଆଇକନିକ ବ୍ରିଜ୍ ଭଳି ପ୍ରକଳ୍ପ ଏହି ଯୋଜନାର ମୁଖ୍ୟ ଅଂଶ ରହିଛି। ହୀରାକୁଦ ଡ୍ୟାମ ମ୍ୟୁଜିୟମ୍ ଓ ଆଦାଲିଆଲ ପ୍ଲାଜାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିସହ ମା’ ସମଲେଶ୍ୱରୀ ମନ୍ଦିର ବିକାଶ ଦ୍ୱିତୀୟ ପର୍ଯ୍ୟାୟ, ହୁମା ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ଓ ପାୱାର୍ ଚ୍ୟାନେଲ୍ ପ୍ରୋମେନାଡ୍ ଭଳି ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପର୍ଯ୍ୟଟନ ଭିତ୍ତିଭୂମି ସହ ହୀରାକୁଦ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଏହି ପ୍ରକଳ୍ପ ମାଧ୍ୟମରେ ସୁଦୃଢ଼ ହେବ। ଜମାଡାପଲ୍ଲୀ ଏୟାରଷ୍ଟ୍ରିପ୍ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

● ଅବକାରୀ ବିଭାଗ କନଷ୍ଟେବଲଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ନିଶା କାରବାର ରୋକିବାରେ ଅବକାରୀ ବିଭାଗ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ବେଆଇନ ନିଶା ଓ ମାଦକ ଦ୍ରବ୍ୟ ଯୋଗୁଁ ଅନେକ ଧନଜୀବନ ହାନି ଘଟୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଶାମୁକ୍ତ ଭାରତ ଅଭିଯାନକୁ ଗୁରୁତ୍ୱ ଦେଇଆସିଛନ୍ତି। ଏହି କ୍ଷେତ୍ରରେ ଅବକାରୀ ବିଭାଗର ଦାୟିତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ। ବେଆଇନ ନିଶା ଓ ମାଦକ କାରବାରକୁ ରୋକିବା ଏବଂ ନିୟମିତ ଚଢ଼ାଉ କରିବା ଦିଗରେ ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଗତ ଦୁଇ ବର୍ଷ ମଧ୍ୟରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରି ଓଡ଼ିଶାକୁ ବେଆଇନ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଆଜି ବିଭାଗ ପକ୍ଷରୁ ଆୟୋଜିତ ଅବକାରୀ କନଷ୍ଟେବଲମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅବକାରୀ ମନ୍ତ୍ରୀ କହିଥିଲେ ଯେ ଚାକିରି ଜୀବନରେ ପ୍ରଶିକ୍ଷଣ କେବଳ ଔପଚାରିକତା ନୁହେଁ। ଏହା କାର୍ଯ୍ୟ ଦକ୍ଷତା, ଆଚରଣ, ସଚ୍ଚୋଟତା, ଶୃଙ୍ଖଳା ଜ୍ଞାନକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରେ। ତେଣୁ ଏହି ତାଲିମରୁ ଜ୍ଞାନ ଅର୍ଜନ କରି ବିଭାଗର କାର୍ଯ୍ୟକୁ ସଫଳତାର ସହ ଆଗକୁ ନେବା ପାଇଁ ଅବକାରୀ କନଷ୍ଟେବଲମାନଙ୍କୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ ୪୪୬ ଜଣ କନଷ୍ଟେବଲଙ୍କୁ ତାଲିମ ଦିଆଯିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୫୦ ଜଣ ତାଲିମ ଗ୍ରହଣ କରିବେ। ଏହି ୪୦ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅବକାରୀ ଆଇନ ଓ ନିୟମ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ, ଏନ୍‌ଡିପିଏସ୍ ଆକ୍ଟ ଓ ସରକାରୀ କର୍ମଚାରୀ ଆଚରଣ ନିୟମ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବ।

ସରିଲା ଏସଆଇଆର ଆପତ୍ତି ସମୟ ସୀମା

## ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା



ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଜୀକରଣ ଓ ସଂଶୋଧନ ପାଇଁ ନିର୍ଦ୍ଧାରିତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଆଜି ସମାପ୍ତ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ନୋଟିସ ପର୍ଯ୍ୟାୟ ସହ ସମସ୍ତ ଦାବି ଓ ଆପତ୍ତିର ଅନ୍ତିମ ଫୈସଲା କରାଯିବ ଓ ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ସୂଚନାନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ସମସ୍ତ ନୋଟିସ ପର୍ଯ୍ୟାୟ ଶେଷ ହେବା ସହ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିଗୁଡ଼ିକର ଅନ୍ତିମ ଫୈସଲା କରାଯିବ। ଏହି ସମସ୍ତ ଶୁଣାଣି ଓ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ଆଜି ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଥିଲା। ସେଥିମଧ୍ୟରୁ ପ୍ରଶାସନିକ ତତ୍ପରତା ଯୋଗୁଁ ୫୮ ଲକ୍ଷ ୩୬ ହଜାର ୩୭୪ ଜଣ ଭୋଟରଙ୍କ ନିକଟରେ ସଫଳତାର ସହ ନୋଟିସ ପହଞ୍ଚାଯାଇସାରିଛି। ବର୍ତ୍ତମାନ ସୁଦ୍ଧା ନୋଟିସ ପାଇଥିବା ଭୋଟରମାନଙ୍କ ଶୁଣାଣି ଶେଷ କରାଯାଇ ସେଥି ମଧ୍ୟରୁ ୫୪ ଲକ୍ଷ ୨୧ ହଜାର ୮୭୨ ଜଣ ଭୋଟରଙ୍କୁ ଭୋଟର ତାଲିକାରେ ବଜାୟ ରଖାଯାଇଛି।

ଏବେ ସୁଦ୍ଧା ରାଜ୍ୟରେ ମୋଟ ୩ କୋଟି ୯ ଲକ୍ଷ ୭୧ହଜାର ୯୪୧ ଜଣ ଯୋଗ୍ୟ ଭୋଟର ଚୂଡ଼ାନ୍ତ ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯେହେତୁ ଶୁଣାଣି ପ୍ରକ୍ରିୟା ଚାଲୁ ରହିଛି, ଆଗକୁ ଶୁଣାଣି କରାଯାଇ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଭାଇରାଲ ଅଡିଓ ପରେ କାର୍ଯ୍ୟାନୁଷ୍ଠାନ, ଏଏସ୍‌ଆଇ ନିଲମ୍ବିତ

ମୟୂରଭଞ୍ଜ,୧୯।୮(ସଂଚାର ବ୍ୟୁରୋ): ମଦ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ଅଭିଯୋଗରେ ଫାଣ୍ଡି ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା ଓ ନିଜ ଦାୟିତ୍ୱ ପାଳନରେ ଅବହେଳା ଅଭିଯୋଗରେ ମୟୂରଭଞ୍ଜ ମୋରଡ଼ା ଥାନା ଅଧୀନସ୍ଥ ଚିତ୍ରଡ଼ା ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ ଭୀମସେନ ମଲ୍ଲିକ ନିଲମ୍ବିତ ହୋଇଛନ୍ତି। ଚିତ୍ରଡ଼ା ଅଞ୍ଚଳରେ ମଦ ମାଫିଆଙ୍କ ସହ ଫାଣ୍ଡି ଅଧିକାରୀଙ୍କ ସମ୍ପର୍କକୁ ନେଇ ନିକଟରେ ଏକ ଅଡିଓ ଭାଇରାଲ ହୋଇଥିଲା। ଅଡିଓ ଭାଇରାଲ ପରେ ଏହା ପୁଲିସ ବିଭାଗର ଉପରିସ୍ଥ ଅଧିକାରୀଙ୍କ ନଜରକୁ ଆସିଥିଲା। ତଦନ୍ତ ପରେ କାର୍ଯ୍ୟରେ ଅବହେଳା ଓ ଦାୟିତ୍ୱ ପାଳନରେ ତ୍ରୁଟି ଅଭିଯୋଗରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଶ୍ରୀ ମଲ୍ଲିକଙ୍କୁ ନିଲମ୍ବନ କରିଛନ୍ତି।



ତଦନ୍ତ ସମୟରେ ଶ୍ରୀ ମଲ୍ଲିକଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ଓ ଦାୟିତ୍ୱ ପାଳନରେ ତ୍ରୁଟି ଅଭିଯୋଗ ଆସିଥିଲା। ଏହାକୁ ଆଧାର କରି ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ତାଙ୍କୁ ନିଲମ୍ବନ କରିଛନ୍ତି। ତେବେ ଭାଇରାଲ ହୋଇଥିବା ଅଡିଓରେ ଥିବା ଅଭିଯୋଗ ଓ ଏହାର ସତ୍ୟତା ସମ୍ପର୍କରେ ତଦନ୍ତ ପରେ ହିଁ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ। ପୁଲିସ ବିଭାଗ ପକ୍ଷରୁ ଏହି ଘଟଣାକୁ ଗୁରୁତର ସହ ନିଆଯାଇଥିବା ବେଳେ ଦାୟିତ୍ୱରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଆଗକୁ ମଧ୍ୟ ଶୃଙ୍ଖଳାଗତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ଚଳନ୍ତା ବିଏମ୍‌ଡବ୍ଲ୍ୟୁରେ ଲାଗିଲା ନିଆଁ

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠ ପାହାଳ ନିକଟରେ ଚଳନ୍ତା ବିଏମ୍‌ଡବ୍ଲ୍ୟୁରେ ଲାଗିଲା ନିଆଁ। ରାସ୍ତାରେ ଯାଉଥିବା ସମୟରେ ଗାଡ଼ି ଭିତରୁ ବାହାରିଥିଲା ଧୂଆଁ। ତୁରନ୍ତ ରାସ୍ତା କଡ଼ରେ ଗାଡ଼ି ଅଟକାଇଥିଲେ ଚାଳକ। ହେଲେ ଦେଖୁ ଦେଖୁ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା ବିଏମ୍‌ଡବ୍ଲ୍ୟୁ। କିନ୍ତୁ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଗାଡ଼ି ଚାଳକ। ନିଆଁ ଲାଗିବା ପରେ ଗାଡ଼ି ଚାଳକ ଓ ନିକଟରେ ଥିବା ଦୋକାନୀମାନେ ପାଣି ଢାଳି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଫଳରେ ଏକ ବଡ଼ ଧରଣର ବିପଦ ଟଳିଯାଇଥିଲା।



ଏମଏମଡିଆର ଆଇନ ସଂଶୋଧନ ବିରୋଧରେ ନବୀନ

## ମିଳିତ ସଂଗ୍ରାମ ପାଇଁ ବିରୋଧୀ ଦଳ ନେତାଙ୍କ ଆହ୍ୱାନ

■ ଏବେ କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ହେବ

■ ଆମ ଅଧିକାର ଛଡ଼ାଇ ନିଆଯାଇଛି



ଭୁବନେଶ୍ୱର, ୧୯।୮(ସଂଚାର ବ୍ୟୁରୋ): ଓଡ଼ିଶାର ଅର୍ଥନୀତି ଆଜି ବିପଦରେ। ନିକଟରେ ସଂସଦରେ ଏମଏମଡିଆର୍ ସଂଶୋଧନ ବିଲ ପାସ୍ ହୋଇଛି। ଏହା ଓଡ଼ିଶା ଓ ଓଡ଼ିଶାବାସୀଙ୍କର ବହୁତ କ୍ଷତି କରିବାକୁ ଯାଉଛି। ଏତେ ଗୁରୁତ୍ୱପୂର୍ଣ୍ଣ ବିଲ୍ କିନ୍ତୁ ବିନା ଆଲୋଚନାରେ କେନ୍ଦ୍ର ସରକାର ପାସ୍ କରିଦେଲେ। କେବଳ ବିଜେଡି ସାଂସଦମାନେ ଏହାକୁ ରାଜ୍ୟସଭାରେ ବିରୋଧ କରିଥିଲେ। ଏହା ବିରୋଧରେ ମିଳିତ ସଂଗ୍ରାମର ଆହ୍ୱାନ ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି।

ନବୀନ କହିଛନ୍ତି ଯେ ଏହି ବିଲକୁ ବିରୋଧ କରି ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ସର୍ବଦଳୀୟ ବୈଠକ ଡାକିବାକୁ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଅନୁରୋଧ ମଧ୍ୟ କରିଛି ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ ଆହୁରି ବି କହିଛନ୍ତି ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେହି ବଡ଼ ନୁହେଁ। ପାର୍ଟି ନୁହେଁ ମାଟିର ସ୍ୱାର୍ଥ ପାଇଁ ଆମକୁ ଆଜି ଏକାଠି ହେବାକୁ ପଡ଼ିବ। ଏମଏମଡିଆର୍ ବିଲ୍ ଆମ ଖଣି ଉପରେ ଆମର ଅଧିକାରକୁ ଶେଷ କରିଦେଇଛି। ଏହି ବିଲ୍ ଆମ ଅଧିକାର ଛଡ଼େଇ ନେଇଛି। ଆମ ଲୋକଙ୍କ କଲ୍ୟାଣ ପାଇଁ ଆମ ଖଣିରୁ ଆମେ କାହିଁକି ଟିକସ ସଂଗ୍ରହ କରିପାରିବୁନି ତାକୁ ନେଇ ପ୍ରଶ୍ନ କରିଛନ୍ତି ନବୀନ। ଦିଲ୍ଲୀ ଦରବାର ଆମ ସମ୍ପଦରେ ସମୃଦ୍ଧ ହେବ। ଏହା ଆମେ ହେବାକୁ ଦେବାନି। ୨୪ ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି। କେନ୍ଦ୍ରରେ ବିଭିନ୍ନ ଦଳର ସରକାର ଥିଲେ ମଧ୍ୟ ଓଡ଼ିଶାର ଅଧିକାରରେ କ୍ଷତି ଆଣିବାକୁ କେହି ସାହସ କରି ନ ଥିଲେ। ଆପଣମାନେ ୨୦୨୪ରେ ପରିବର୍ତ୍ତନ କରି ନୂଆ ବିଜେପି ସରକାର ଆଣିଲେ। କିନ୍ତୁ ମାତ୍ର ୨ ବର୍ଷ ଭିତରେ ସବୁ ବଦଳିଗଲା। ଓଡ଼ିଶାକୁ ଏବେ କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ହେବ। ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ଦେଲେ। କିନ୍ତୁ ଏ ମାଟି ପାଇଁ କେହି ବି ପାଟି ଖୋଲିଲେନି। କେବଳ ବିଜେଡି ହିଁ ରାଜ୍ୟସଭାରେ ଏହି ବିଲ୍‌କୁ ଦୃଢ଼ ବିରୋଧ କରିଥିଲା। ଏ ମାଟି ଆମର, ଏ ଖଣି ଆମର। ଆମ ଅଧିକାରର ସୁରକ୍ଷା ପାଇଁ ମୁଁ ଲଢ଼ିବି। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ମୋର ଲଢ଼େଇ ଜାରି ରହିବ। ଏହି ଲଢ଼େଇରେ ଓଡ଼ିଶାବାସୀ ସାମିଲ ହେବାକୁ ନିବେଦନ କରିଛନ୍ତି ନବୀନ।

## ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

■ ପ୍ରାଥମିକ ଅନୁସନ୍ଧାନରେ ଦୁର୍ଘଟଣାଜନିତ ମୃତ୍ୟୁ ସ୍ପଷ୍ଟ



ନୟାଗଡ଼,୧୯।୮(ସଂଚାର ବ୍ୟୁରୋ): ବିଲ ମଧ୍ୟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବାଇକ ଦୁର୍ଘଟଣାରେ ଉକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ୍ ମାମଲାର ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଗୋଡିସାହି- ବାଉଁଶିଆ ରାସ୍ତାରେ ଉକ୍ତ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ ଯୁବକ ଜଣଙ୍କ ହେଉଛନ୍ତି ଇଟାମାଟି ଥାନା ବାଉଁଶିଆପଡ଼ା ଗ୍ରାମର ନିରଞ୍ଜନ ବାରିକ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଶରଣକୁଳ ଥାନାକୁ ଖବର ଦେଇଥିଲେ। ଶରଣକୁଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କ ମୃତଦେହ ଜବତ କରିଥିଲେ। ପରେ ପୁଲିସ୍ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହ ନିକଟରେ ଏକ ବାଇକ ପଡ଼ିଥିଲା। ପୁଲିସ ପ୍ରାରମ୍ଭିକ ତଦନ୍ତ ପରେ ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଛି। ବାଇକରେ ଆସୁଥିବା ସମୟରେ ଯୁବକ ଜଣଙ୍କ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇ ମୃତ୍ୟୁବରଣ କରିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

# ବଜେଟ୍ ବ୍ୟୟ ୧୩ ପ୍ରତିଶତରୁ କମ୍



ଭୁବନେଶ୍ୱର,୧୯।୮: ଚଳିତ ଆର୍ଥିକ ବର୍ଷର ୫ ମାସ ପୂରିବାକୁ ଯାଉଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗର ବଜେଟ୍ ବ୍ୟୟ ୧୩ ପ୍ରତିଶତରୁ କମ୍ ରହିଛି। ବଜେଟ୍‌ରେ ୧୦,୭୨୬ କୋଟି ଟଙ୍କା ବରାଦ ହୋଇଥିବା ବେଳେ ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇଏଫଏମଏସ୍) ପକ୍ଷରୁ ହୋଇଥିବା ଖର୍ଚ୍ଚ ଆକଳନ ଅନୁଯାୟୀ ୧୩୩୬ କୋଟି ଟଙ୍କା ବ୍ୟୟ ହୋଇଛି ଯାହାକି ବଜେଟ୍‌ର ୧୨.୫ ପ୍ରତିଶତ। ଏହି ହିସାବ ଅନୁଯାୟୀ ରାଜ୍ୟ ଅର୍ଥ କମିଶନ ଯୋଗାଇ ଦେଇଥିବା ଅର୍ଥରୁ ମାତ୍ର ୨.୯ ପ୍ରତିଶତ ବ୍ୟୟ ହୋଇଥିବା ବେଳେ କେନ୍ଦ୍ରୀୟ ଅର୍ଥ କମିଶନ ଯୋଗାଇ ଦେଇଥିବା ୬୫୨ କୋଟି ଟଙ୍କାରୁ ଆଦୌ ଖର୍ଚ୍ଚ ହୋଇପାରିନାହିଁ। ତେବେ ପ୍ରଶାସନିକ ବ୍ୟୟ ପାଇଁ ବଜେଟ୍‌ରେ ବରାଦ ହୋଇଥିବା ଅର୍ଥ ମଧ୍ୟରୁ ୨୧ ପ୍ରତିଶତରୁ ଅଧିକ ଖର୍ଚ୍ଚ ହୋଇଛି। କର୍ମଚାରୀମାନଙ୍କର ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ନିୟମିତ ଭାବେ ହେଉଥିବାରୁ ଏ ବାବଦରେ ବ୍ୟୟ ଅନ୍ୟ ତୁଳନାରେ ଅଧିକ ରହିଛି।

ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ହୋଇଥିବା ଖର୍ଚ୍ଚ ସଂକ୍ରାନ୍ତରେ ଜଣାଯାଇଛି ଯେ ସୁଜଳା ଯୋଜନାରେ ୨୮ ପ୍ରତିଶତରୁ ସାମାନ୍ୟ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ୱାଟକୋକୁ ଦିଆଯାଇଥିବା ଅର୍ଥ ମଧ୍ୟରୁ ୨୦ ପ୍ରତିଶତ ଖର୍ଚ୍ଚ ହୋଇପାରିଛି। ତେବେ ଓଡ଼ିଶା ଜଳ ଯୋଗାଣ ନିଗମକୁ ଗ୍ରାଣ୍ଟ ଇନ୍ ଏଡ୍ ବେତନ ବାବଦରେ ଦିଆଯାଇଥିବା ଅର୍ଥରୁ ୪୪ ପ୍ରତିଶତ ବ୍ୟୟ ହୋଇପାରିଛି। ସେହିଭଳି ୨୪ଘଣ୍ଟିଆ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପାଇଁ ବରାଦ ଅର୍ଥରୁ ପ୍ରାୟ ୪୨ ପ୍ରତିଶତ ଖର୍ଚ୍ଚ ହୋଇଛି।

ଅନ୍ୟପକ୍ଷରେ ସ୍ୱଚ୍ଛ ଓଡ଼ିଶା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବରାଦ ଅର୍ଥରୁ ୬୦ ପ୍ରତିଶତରୁ ଅଧିକ ବ୍ୟୟ ହୋଇଥିବା ବେଳେ ତରଳ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଏହି ଖର୍ଚ୍ଚ ୫୭ ପ୍ରତିଶତ ରହିଛି। ବିଭାଗ ପକ୍ଷରୁ ଭିତ୍ତିଭୂମି ବିକାଶ ପାଇଁ ବଜେଟ୍‌ରେ ଥିବା ଅର୍ଥ ମଧ୍ୟରୁ ୨୦ ପ୍ରତିଶତ ବ୍ୟୟ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବରାଦ ଅର୍ଥରୁ ୧୮ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇପାରିଛି।

ସହରାଞ୍ଚଳରେ ମଜୁରୀଭିତ୍ତିକ କର୍ମନିଯୁକ୍ତି ପାଇଁ ବରାଦ ଅର୍ଥରୁ ମାତ୍ର ୧୨ ପ୍ରତିଶତ ବ୍ୟୟ ହୋଇଥିବା ବେଳେ ସହରାଞ୍ଚଳ ସଡ଼କ ପରିବହନ ବାବଦରେ ଥିବା ଅର୍ଥ ମଧ୍ୟରୁ ୧ ପ୍ରତିଶତ ବି ଖର୍ଚ୍ଚ କରାଯାଇ ପାରିନାହିଁ। ସମୃଦ୍ଧ ସହର ଯୋଜନା ଅର୍ଥରୁ ମାତ୍ର ୨.୫ ପ୍ରତିଶତ ବ୍ୟୟ ହୋଇଥିବା ବେଳେ ନୂତନ ସହର ବିକାଶ ପାଇଁ ଥିବା ୫୦ କୋଟି ଟଙ୍କାରୁ ପଇସାଟିଏ ଖର୍ଚ୍ଚ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପାଇଁ ବଜେଟ୍‌ରେ ଥିବା ଅର୍ଥରୁ ବି ୧ ପ୍ରତିଶତ ଖର୍ଚ୍ଚ ହୋଇପାରିନାହିଁ। ବଜେଟ୍ ଅର୍ଥର ଏଭଳି ବ୍ୟୟକୁ ନେଇ ଚିନ୍ତା ପ୍ରକଟ କରାଯାଇଥିବା ବେଳେ କ୍ଷେତ୍ର ସ୍ତରରେ ନିୟମିତ କର୍ମଚାରୀ ସଙ୍କଟ ସହ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ ଭାବେ ପାଉଣା ନ ମିଳିବା ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି। (ତଥ୍ୟ)

## ବାଲେଶ୍ୱର ବନ୍ୟା ମୁକାବିଲାରେ ସରକାର ବିଫଳ: ବିଜେଡି



ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରିସ୍ଥିତିକୁ ଆକଳନ କରିବାରେ ଓ ମୁକାବିଲା କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ବନ୍ୟା ଆସିବାର ଦୁଇ ସପ୍ତାହ ପରେ ବି ଜିଲ୍ଲାର ବହୁ ସ୍ଥାନରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚିନାହିଁ। ବନ୍ୟା ପାଣି ପଶି ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନଟିଏ ମଧ୍ୟ ମିଳିନାହିଁ। କେତେକ ସ୍ଥାନରେ ଲୋକଙ୍କୁ ଚୁଡ଼ା ଗଣ୍ଡାଏ ଦେଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ଆଜି ବାଲେଶ୍ୱର ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ରାଜ୍ୟ ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା ଏଭଳି ଅଭିଯୋଗ ଆଣିଛନ୍ତି।

ଶ୍ରୀ ଦାସବର୍ମାଙ୍କ ନେତୃତ୍ୱର ବିଜେଡିର ଏକ ପ୍ରତିନିଧି ଦଳ ଆଜି ସକାଳେ ଭୋଗରାଇ ବ୍ଲକରୁ ବନ୍ୟାଞ୍ଚଳ ପରିଦର୍ଶନ ଆରମ୍ଭ କରିଥିଲେ। ଡଙ୍ଗାରେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲେ। ପରେ ବାଲିଆପାଳ ଓ ବସ୍ତା ବ୍ଲକ୍‌ର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ୍ କରି ଶ୍ରୀ ଦାସବର୍ମା କହିଥିଲେ ଯେ ବାଲେଶ୍ୱରବାସୀଙ୍କ ପାଇଁ ବନ୍ୟା ନୂଆ ନୁହେଁ। କିନ୍ତୁ ଏ ସରକାର ପ୍ରବଳ ବର୍ଷା ଏବଂ ତଜ୍ଜନିତ ବନ୍ୟାକୁ ଠିକ୍ ଭାବେ ଆକଳନ କରିପାରିଲେ ନାହିଁ କି ବନ୍ୟାକୁ ପରିଚାଳନା କରିପାରିଲେ ନାହିଁ। ବନ୍ୟା ଯୋଗୁଁ ଦୁଇ ଦୁଇ ଥର ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ରିଲିଫ କୋଡ୍ ଅନୁସାରେ କ୍ଷତିପୂରଣ ପ୍ରଦାନ ସହ କୃଷିଋଣ ଛାଡ଼ କରିବାକୁ ସେ ଦାବି କରିଥିଲେ।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ଗୁରୁବାର ୨୦ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Thursday 20 August 2026, Bhubaneswar

# ସାମାଜିକ ମିଡିଆର ପରିହାସ

ସ୍ୱାଧୀନତା ଦିବସର ଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ବ୍ୟବହୃତ 'ଦିମାଗି ନକ୍ସଲ' ଶବ୍ଦଟି କେବଳ ଏକ ରାଜନୈତିକ ବିତର୍କ ସୃଷ୍ଟି କରିନାହିଁ ଏହା ସାମାଜିକ ମିଡିଆରେ ଏକ ନୂଆ ଘଟଣାକୁ ଜନ୍ମ ଦେଇଛି। ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ଦିଆଯାଇଥିବା ଭାଷଣରେ ସେ କହିଥିଲେ ଯେ ସଶସ୍ତ୍ର ନକ୍ସଲବାଦ ପ୍ରାୟ ଶେଷ ହୋଇଯାଇଛି, କିନ୍ତୁ 'ଦିମାଗି ନକ୍ସଲ' ମାନେ ବିଚାରଧାରା ସ୍ତରରେ ନକ୍ସଲ ଚିନ୍ତାଧାରା ଧରି ରଖିଥିବା ଲୋକମାନେ ଏବେ ବି ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରି ଅଲଗା କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଶବ୍ଦ ତୁରନ୍ତ ବିରୋଧୀ ଦଳ ଓ ସାମାଜିକ ମିଡିଆରେ ଆଲୋଚନାର ବିଷୟ ହୋଇଗଲା। କିଛି ଘଣ୍ଟା ମଧ୍ୟରେ ଇନଷ୍ଟାଗ୍ରାମ ଓ ଏକ୍ସ (ପୂର୍ବତନ ଟ୍ୱିଟର)ରେ 'ଦିମାଗି ନକ୍ସଲ ପାର୍ଟି' ବା 'ଦିମାଗି ନକ୍ସଲ ଜନତା ପାର୍ଟି' ନାମରେ ଆକାଉଣ୍ଟ ଖୋଲିଗଲା। କେବଳ କିଛି ଦିନରେ ଏହା ଲକ୍ଷ ଲକ୍ଷ ଅନୁଗାମୀ ସଂଗ୍ରହ କଲା। ଇନଷ୍ଟାଗ୍ରାମରେ ଏହା ୨ ଲକ୍ଷରୁ ଅଧିକ ଫଲୋଆର ପାଇଛି। ଆକାଉଣ୍ଟର ସ୍ଲୋଗାନ୍ ହେଉଛି 'ଝଷସଭଳ, ଜରସ୍ୱରବକ୍ସମଷ, ଜରସ୍ୱସସ୍ୱବ୍ୱ' ଅର୍ଥାତ୍ ଭାବ, ଗବେଷଣା କର, ପ୍ରତିରୋଧ କର। ପ୍ରତିଷ୍ଠାତା ଭାବେ 'ଏ ଦିମାଗି ଇଣ୍ଡିଆନ୍' ଓ ସହ-ପ୍ରତିଷ୍ଠାତା ଭାବେ '୫୬ ଇଞ୍ଚ କା' ଲେଖାଯାଇଛି। ଏହାର ପରିଚୟ ଗୁପ୍ତ ରହିଛି। ଏହା କୌଣସି ପଞ୍ଜୀକୃତ ରାଜନୈତିକ ଦଳ ନୁହେଁ। ଏହା ଏକ ସାମାଜିକ ମିଡିଆ ଆଧାରିତ ପରିହାସ ଓ ପ୍ରତିବାଦ ଆନ୍ଦୋଳନ।

ଏହି ପାର୍ଟି ନିଜକୁ କକ୍ରୋଚ ଜନତା ପାର୍ଟି (ସିଜେପି)ର ଭାଇ ଭାବେ ବର୍ଣ୍ଣନା କରେ। ସିଜେପି ଯେପରି ଏକ ଟ୍ୱିଟରୁ ଆରମ୍ଭ ହୋଇ ଯୁବ ଆନ୍ଦୋଳନରେ ପରିଣତ ହୋଇଥିଲା, ସେହିପରି ଏହା ମଧ ଏକ ଲେବଲକୁ ନିଜର ପରିଚୟରେ ରୂପାନ୍ତରିତ କରିଛି। ଏହାର ମାନିଫେଷ୍ଟୋରେ କୁହାଯାଇଛି ଯେ ଏଠାରେ କୌଣସି ପତାକା, ଫଣ୍ଡ କିମ୍ବା ସାର୍ବଜନୀନ ମୁଖପାତ୍ର ନାହିଁ। ଯୋଗଦାନ ପାଇଁ କେବଳ ଏକ କାର୍ଯ୍ୟକାରୀ ମସ୍ତିଷ୍କ ଓ 'କାହିଁକି?' ପଚାରିବାର ଇଚ୍ଛା ଯଥେଷ୍ଟ। ଏହ। ଭଗତ ସିଂହଙ୍କ ଚିନ୍ତାଧାରାକୁ




ଅନୁସରଣ କରୁଥିବା ଦାବି କରେ ଓ ପ୍ରଶ୍ନ କରିବାକୁ ଦେଶପ୍ରେମ ବୋଲି ମତ ଦିଏ।

ଏହାର ଅସ୍ତିତ୍ୱ କେବଳ ଭାଇରାଲ ହେବା ପାଇଁ ନୁହେଁ। ଏହା ଏକ ଗଭୀର ସାମାଜିକ ସଙ୍କେତ। ଭାରତରେ ରାଜନୀତିରେ 'ଅଣଦେଶପ୍ରେମୀ', 'ଅର୍ବାନ ନକ୍ସଲ' କିମ୍ବା 'ଦିମାଗି ନକ୍ସଲ' ଭଳି ଶବ୍ଦ ବହୁତ ସମୟରୁ ବ୍ୟବହୃତ ହୋଇଆସୁଛି। ଏହି ଲେବଲଗୁଡ଼ିକ ପ୍ରାୟତଃ ସମାଲୋଚନାକୁ ଚୁପ କରାଇବା ପାଇଁ ବ୍ୟବହାର ହୁଏ। ଦିମାଗି ନକ୍ସଲ ପାର୍ଟି ଏହି ଲେବଲକୁ ନିଜର କରି ନେଇ କହୁଛି ଯେ ଯଦି ସରକାରକୁ ପ୍ରଶ୍ନ କରିବା ନକ୍ସଲ ହେବା ତେବେ ଆମେ ସେହି ନକ୍ସଲ। ଏହା ଯୁବପିଢ଼ୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତା, ତଥ୍ୟ ଯାଞ୍ଚ ଓ ଗଣତାନ୍ତ୍ରିକ ଅଧିକାର ଉପରେ ଗୁରୁତ୍ୱ ଦେଉଛି।

ତଥାପି ଏହାର ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠେ। ଏହା କେତେ ଦିନ ଟିକିବ? ଏହା କେବଳ ମିମ୍ ଓ ହାସ୍ୟର ବିଷୟ ହୋଇ ରହିବ ନା ପ୍ରକୃତ ପରିବର୍ତ୍ତନ ଆଣିବ? ଅନାମୀକା ଓ ସାମାଜିକ ମିଡିଆ ଆଧାରିତ ହେବା ଯୋଗୁଁ ଏହାର ଜବାବଦିହିତା କମ୍। କିଛି ସମୟରେ ଆକାଉଣ୍ଟ ବନ୍ଦ ହୋଇଥିଲା ଓ ସାଇବର ଆକ୍ରମଣର ଦାବି କରାଯାଇଥିଲା। ଏହା ଦେଖାଏ ଯେ ଏହି ପ୍ରକାର ଆନ୍ଦୋଳନ କ୍ଷଣସ୍ଥାୟୀ ହୋଇପାରେ।

ତଥାପି ଏହାର ମହତ୍ତ୍ୱ ଅସ୍ୱୀକାର କରାଯାଇପାରିବ ନାହିଁ। ଏହା ଦେଖାଉଛି ଯେ ଆଜିର ଯୁବପିଢ଼ୀ ଲେବଲକୁ ଗ୍ରହଣ କରି ନିଜର ସ୍ୱର ଉଠାଇବାକୁ ପ୍ରସ୍ତୁତ। ରାଜନୀତିରେ ପ୍ରଶ୍ନ କରିବା ଏକ ଗଣତାନ୍ତ୍ରିକ ଅଧିକାର। ଯଦି ଏହି ପାର୍ଟି କେବଳ ପରିହାସ ରହେ ତେବେ ଏହା ଏକ ଭାଇରାଲ ମୋମେଣ୍ଟ ହୋଇ ରହିବ। କିନ୍ତୁ ଯଦି ଏହା ପ୍ରକୃତରେ ଚିନ୍ତା, ଗବେଷଣା ଓ ସମାଲୋଚନାକୁ ଉତ୍ସାହିତ କରେ ତେବେ ଏହା ଭାରତୀୟ ଗଣତନ୍ତ୍ର ପାଇଁ ଏକ ସକାରାତ୍ମକ ସଙ୍କେତ ହୋଇପାରେ।

ଶେଷରେ, ଦିମାଗି ନକ୍ସଲ ପାର୍ଟି ଏକ ପ୍ରକୃତ ରାଜନୈତିକ ଦଳ ନୁହେଁ। ଏହା ଏକ ସାମାଜିକ ମିଡିଆ ପରିଘଟନା ଯାହା ଏକ ଶବ୍ଦକୁ ନେଇ ଜନ୍ମ ହୋଇଛି। ଏହାର ଅସ୍ତିତ୍ୱ ଆମକୁ ମନେ ପକାଏ ଯେ ଗଣତନ୍ତ୍ରରେ ପ୍ରଶ୍ନ କରିବାର ଅଧିକାର ରକ୍ଷା କରିବା ଆବଶ୍ୟକ। କିନ୍ତୁ ଏହା ମଧ ସ୍ମରଣ କରାଏ ଯେ କେବଳ ଲେବଲ ବଦଳାଇବା ଯଥେଷ୍ଟ ନୁହେଁ; ପ୍ରକୃତ ପରିବର୍ତ୍ତନ ପାଇଁ ସମାଲୋଚନାତ୍ମକ ଚିନ୍ତା ଓ ଦାୟିତ୍ୱବୋଧ ଦୁଇଟି ଆବଶ୍ୟକ।

# ଅର୍ଦ୍ଧ ଇଂରାଜୀ ନିଶା



ଅରିଜିତ ମିଶ୍ର

ଭାଷା ହେଉଚି ମଣିଷ ସମାଜର ଭାବର ଆଦାନପ୍ରଦାନ କରିବାର ଏକ ବଳିଷ୍ଠ ମାଧମ। ଠିକ୍ ସମୟରେ ସାମ୍ନାରେ ଥିବା ମଣିଷଙ୍କୁ ଉପଯୁକ୍ତ ଭାଷାରେ କଥା ହେବା ଦ୍ୱାରା ଏବଂ ସିଏ ବୁଝି ପାରିଲେ ହିଁ ଆମେ ଉପକୃତ ହୋଇଥାଉ। ଭାରତରେ ଆମର ବିଭିନ୍ନ ପ୍ରକାରର ଭାଷା ରହିଛି। ଭାରତୀୟ ଜନଗଣନା ୨୦୧୧ ଅନୁଯାୟୀ ଦେଶରେ ୧୨୧ ଟି ଭାଷା ରହିଛି ତନ୍ମଧ୍ୟରୁ ୨୨ ଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ମିଳିଛି। କିନ୍ତୁ ଇଂରାଜୀ ଭାଷାର ପ୍ରଭାବ ଇଂରେଜ ସରକାରଙ୍କ ଅମଳରୁ ଚାଲିଆସୁଛି ଭାରତର ପ୍ରତ୍ୟେକ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସହିତ ସମସ୍ତ କାର୍ଯ୍ୟାଳୟ ସ୍ତରରେ। ଯାହା ଦ୍ୱାରା ଭାରତ ନିଜର ଜ୍ଞାନ କୌଶଳର ବିକାଶ କରି ପାରୁଛି ସମଗ୍ର ପୃଥିବୀରେ। ସାରା ପୃଥିବୀରେ ଇଂରାଜୀ ଭାଷାକୁ ମାତୃ ଭାଷା ଭାବରେ ୩୮ କୋଟି ଲୋକ ବ୍ୟବହାର କରୁଥିବା ବେଳେ ପ୍ରାୟ ୧୫୦ କୋଟି ସଂଖ୍ୟକ ଲୋକ ଏହି ଇଂରାଜୀ ଭାଷା କହିପାରନ୍ତି ବା ବ୍ୟବହାର କରନ୍ତି। ପ୍ରାୟତଃ ୧୦.୬୭% ଭାରତୀୟ ଇଂରାଜୀ ଭାଷା ବ୍ୟବହାର କରନ୍ତି। ବିଶେଷ ଭାବରେ ଭାରତରେ ଏହା ଦ୍ୱିତୀୟ ଭାଷା ଭାବରେ ବ୍ୟବହାର କରାଯାଏ। ଉତ୍ତର ପୂର୍ବ ରାଜ୍ୟ ସମୂହ ସହିତ କେରଳ, ଗୋଆ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଅଧିକ ମାତ୍ରାରେ ଇଂରାଜୀ ଭାଷାର ବ୍ୟବହାର ଦେଖିବାକୁ ମିଳେ। କିନ୍ତୁ ବର୍ତ୍ତମାନ ଆଧୁନିକ ସମୟରେ ଆମର ଯୁବ ସମାଜ ମାନଙ୍କ ଅର୍ଦ୍ଧ ଇଂରାଜୀ ଭାଷାର ବ୍ୟବହାର ବହୁଳ ଭାବରେ ଦେଖିବାକୁ ମିଳେ। ନିଜ ନିଜର ମାତୃ ଭାଷାରେ କଥା ହେବା ସମୟରେ ମଝିରେ ମଝିରେ ଅନେକ ଥର ଇଂରାଜୀ ଶବ୍ଦ ହେଉ ବା ଇଂରାଜୀ ବାକ୍ୟ ହେଉ କହିଥାନ୍ତି। ଏପରି ଅର୍ଦ୍ଧ ଇଂରାଜୀ କହିବା ଫଳରେ ସମାଜର କିଛି ମଣିଷ ତାଙ୍କୁ ଶିକ୍ଷିତ ବୋଲି କୁହନ୍ତି।

ଆମ ଓଡ଼ିଶାରେ ଯିଏ ଗୋଦା ଓଡ଼ିଆରେ କଥା ହେଲା ଅନେକ ମଣିଷ ଅଛନ୍ତି ତାଙ୍କୁ ମଫସଲି ବୋଲି ଭାବିବାକୁ ପଛାନ୍ତି ନାହିଁ। ଉଦାହରଣ ସ୍ୱରୂପ ଆମେ ଯଦି ବଡ଼ ସହର ମାନଙ୍କରେ ଥିବା ବିରାଟ ଅଟ୍ଟାଳିକା ଯୁକ୍ତ ଦୋକାନ ମାନଙ୍କରୁ କିଛି କିଣିବା ପାଇଁ ଯାଉ ତେବେ ସେଠାରେ ଥିବା ସହାୟକ କର୍ମଚାରୀ ମାନେ ଓଡ଼ିଆରେ କଥା ହୁଅନ୍ତି ସତ କିନ୍ତୁ ତାଙ୍କ ପାଟିରୁ ବାହାରୁଥିବା ଓଡ଼ିଆ ଶବ୍ଦ ଗୁଡ଼ିକର ଉଚ୍ଚାରଣରେ ବହୁଳ ପରିମାଣରେ ଇଂରାଜୀ ଭାଷାର ମିଶ୍ରିତ ଶବ୍ଦ ଶୁଣିବାକୁ ମିଳେ। ଯାହାକୁ ଶୁଣିଲେ ଲାଗେ ନା ଇଏ ଓଡ଼ିଆ କୁହନ୍ତି ନା ଇଂରାଜୀ ଯାହାକି ଏକ ଅଧାଳିଆ ଭାଷା ପରି ମନେହୁଏ।ଭାରତରେ ଆମର ଅନେକ ରାଜ୍ୟର ଅଧିବାସୀ ଅଛନ୍ତି ଯେଉଁମାନେ କି ତାଙ୍କ ନିଜ ଭିତରେ ହେଉ ବା ଯୁଆଡ଼େ ଗଲେ ମଧ୍ୟ ତାଙ୍କର ମାତୃ ଭାଷାରେ କଥା ହୁଅନ୍ତି ଏବଂ ଅନ୍ୟ ରାଜ୍ୟର ମଣିଷ ମାନଙ୍କ ସହିତ ତାଙ୍କ ମାତୃ ଭାଷାରେ କଥା ହେବା ପାଇଁ ମଧ୍ୟ ଚେଷ୍ଟା କରନ୍ତି। ଯାହା ଦ୍ୱାରା ତାଙ୍କ ଭାଷା ଗୁଡ଼ିକର ଅଧିକ ପ୍ରଚାର ପ୍ରସାର ହୋଇଥାଏ। ଇଂରାଜୀ ମାଧ୍ୟମ ଶିକ୍ଷାର ବ୍ୟାପକତା ଇଂରାଜୀ ଭାଷା ଅଧିକ ବ୍ୟବହାରର ଏକ କାରଣ। ତତ୍ସହିତ ଦୂରଦର୍ଶନ, ସିନେମା, ୱେବ୍ ସିରିଜ୍ ଓ ସାମଜିକ ଗଣମାଧ୍ୟମ ଆଦିରେ ଇଂରାଜୀ ଭାଷାର ବ୍ୟାପକ ବ୍ୟବହାର ଯୁବପିଢ଼ିକୁ ପ୍ରଭାବିତ କରୁଛି। ଉଚ୍ଚଶିକ୍ଷା ବିଭାଗର ଶ୍ରେଣୀଗୃହରେ ପାଠପଢ଼ା ସମୟରେ ଅଧିକାଂଶ ଛାତ୍ର ଛାତ୍ରୀ ଠିକ୍ ଭାବେ ନିଜର ମାତୃ ଭାଷାରେ ଉତ୍ତର ଦେବା କଷ୍ଟକର ହେଉଥିବା ବେଳେ ମଝିରେ ମଝିରେ ଇଂରାଜୀର କିଛି ଶବ୍ଦ ବ୍ୟବହାର କରି ଏକ ଅଦ୍ଭୁତ ଉତ୍ତର ଦେଇଥାନ୍ତି। ଚାକିରି ଓ ବୃତ୍ତିଗତ ଜୀବନରେ ଇଂରାଜୀ ଭାଷାର ଆବଶ୍ୟକତା ଥିବାରୁ ଲୋକମାନେ ଇଂରାଜୀ ଶବ୍ଦକୁ ଦୈନନ୍ଦିନ ଭାଷାରେ ଅଧିକାଂଶ ବ୍ୟବହାର କରୁଛନ୍ତି। ଅନାବଶ୍ୟକ ଭାବରେ ଇଂରାଜୀ ମିଶାଇ କଥା ହେବାର ଅଭ୍ୟାସ ମାତୃଭାଷାର ଶୁଦ୍ଧ ବ୍ୟବହାର ଉପରେ ପ୍ରଭାବ ପକାଇଥାଏ।

ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ; ଏହା ଏକ ଜାତିର ସାହିତ୍ୟ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ପରିଚୟର ବାହକ ଅଟେ। ତେଣୁ ମାତୃଭାଷା ପ୍ରତି ଅବହେଳା ଆମର ସାଂସ୍କୃତିକ ଦୁର୍ବଳତାକୁ ସୃଷ୍ଟି କରିଥାଏ। ଇଂରାଜୀ ଭାଷା ପୃଥିବୀର ବିଭିନ୍ନ ଦେଶର ଲୋକଙ୍କ ସହ ଯୋଗାଯୋଗ, ଉଚ୍ଚଶିକ୍ଷା, ଗବେଷଣା ଓ ଚାକିରି ପାଇଁ ଇଂରାଜୀ ଜ୍ଞାନ ଅନେକ ସୁଯୋଗ ଦେଇଥାଏ। ତେଣୁ ଇଂରାଜୀ ଶିଖିବାକୁ ବିରୋଧ କରିବା ଠିକ୍ ନୁହେଁ। କିନ୍ତୁ ଇଂରାଜୀ ଜାଣିବା ଓ ଇଂରାଜୀ ନିଶା ମଧ୍ୟରେ ପାର୍ଥକ୍ୟ ରହିଛି। ଆବଶ୍ୟକ ସ୍ଥାନରେ ଇଂରାଜୀ କହିବା ହେଉଚି ଦକ୍ଷତା। କିନ୍ତୁ ନିଜ ଭାଷାର ସରଳ ଶବ୍ଦ ଥାଇ ମଧ୍ୟ ତାହାକୁ ଛାଡ଼ି ଇଂରାଜୀ ଶବ୍ଦ ବ୍ୟବହାର କରିବା ଏକ ବିଚିତ୍ର ଅଭ୍ୟାସ। ନିଜ ଭାଷା କହିବାରେ ଲାଜ କରିବା ଆହୁରି ଚିନ୍ତାଜନକ ବିଷୟ। ଛାତ୍ରଛାତ୍ରୀମାନେ ଇଂରାଜୀ ସହିତ ନିଜ ମାତୃଭାଷାରେ ମଧ୍ୟ ଦକ୍ଷତା ବିକାଶ କରିବା ଦରକାର। ବିଶେଷ କରି ଆମ ଓଡ଼ିଆ ଭାଷା ପାଇଁ ଘରେ ଓଡ଼ିଆରେ କଥା କହିବା, ଓଡ଼ିଆ ପୁସ୍ତକ ଓ ଖବରକାଗଜ ପଢ଼ିବା, ଓଡ଼ିଆ ଗଳ୍ପ, କବିତା ଓ ସଂସ୍କୃତି ସହିତ ଯୋଡ଼ି ରହିବା ଉତ୍ତମ। ବର୍ତ୍ତମାନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ସରକାରୀ ଓ ବେସରକାରୀ ସଂସ୍ଥାମାନେ ଓଡ଼ିଆରେ ଉଚ୍ଚମାନର ବୈଜ୍ଞାନିକ, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଶିକ୍ଷା ଉପଯୋଗୀ ସାମଗ୍ରୀ ଅଧିକ ପରିମାଣରେ ପ୍ରସ୍ତୁତ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଉକ୍ତ ପ୍ରଚେଷ୍ଟା ଗୁଡ଼ିକର ଅଧିକ ଉନ୍ନତି ହେଲେ ଆମ ଓଡ଼ିଆ ଅସ୍ମିତାର ବିଜୟ ନିଶ୍ଚୟ ହେବା ସହିତ ଉକ୍ତ ଅର୍ଦ୍ଧ ଇଂରାଜୀ ଭାଷାର ବ୍ୟବହାର କମିପାରିବ।

ବୀରନରସିଂହପୁର, ପୁରୀ
ମୋବାଇଲ- ୯୦୪୦୩୫୦୦୮୯

# କେନ୍ଦ୍ରର ଖେଳ-ଓଡ଼ିଶା ପାଇଁ କାଳ: ଏଥିପାଇଁ ଦାୟୀ କିଏ ?

## ଏମଏମଡିଆର ଆକ୍ଟର ସଂଶୋଧନ ଦ୍ୱାରା ଓଡିଶାର ଦେଢଲକ୍ଷ କୋଟି ଟଙ୍କା କ୍ଷତି

ସଂସଦର ଗତ ମୌସୁମୀ ଅଧିବେଶନରେ ଯେପରି ଭାବେ 'ଖଣି ଓ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ ୧୯୫୭' (ସଂଶୋଧନ ୨୦୨୬) ସଂଶୋଧନ ବିଧେୟକକୁ ବିନା ଆଲୋଚନାରେ ପାରିତ କରିଦିଆଗଲା, ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହି ସଂଶୋଧନ ଦ୍ୱାରା ଏମଏମଡିଆର ଆକ୍ଟରେ ଏକ ନୂତନ ଧାରା ୯ଡି ସାମିଲ କରାଯାଇଛି, ଯାହା ଦ୍ୱାରା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ବା କଟକଣା ବ୍ୟତୀତ, ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜ ସମ୍ପନ୍ନ ଜମି ଉପରେ କୌଣସି ପ୍ରକାରର ଟ୍ୟାକ୍ସ, ସେସ୍ କିମ୍ବା ସେହିଭଳି ଅନ୍ୟ କୌଣସି ଶୁଳ୍କ ଲଗାଇ ପାରିବେ ନାହିଁ। ଏହି ପ୍ରବନ୍ଧନ ଖଣିଜ ପଦାର୍ଥର ପରିମାଣ, ଖଣିଜର ମୂଲ୍ୟ, ପ୍ରଦେୟ ରୟାଲଟି କିମ୍ବା ଅନ୍ୟ କୌଣସି ଆଧାରରେ ହୋଇଥାଉ ନାହିଁ କାହିଁକି।

ଏହି ନୂତନ ଆଇନ ଜୁଲାଇ ୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ (ସୁପ୍ରିମ୍ କୋର୍ଟ) ରାୟକୁ ରଦ୍ଦ କରିଦେଇଛି, ଯେଉଁ ରାୟ ବଳରେ ରାଜ୍ୟ ସରକାରମାନେ ନିଜ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସମ୍ପଦ ତଥା ଖଣିଜଯୁକ୍ତ ଜମି ଉପରେ କର ବା ସେସ ଲଗାଇ ପାରିବେ। ଏକ ଆକଳନ ଅନୁଯାୟୀ, ସୁପ୍ରିମ୍ କୋର୍ଟଙ୍କ ରାୟ ଆଧାରରେ ୨୦୦୫ ମସିହାରୁ ୨୦୨୪ ପର୍ଯ୍ୟନ୍ତ ପିଛିଲା ଭାବେ ଆଦାୟ କରାଯିବାକୁ ଥିବା ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ଓଡ଼ିଶା ହରାଇବାକୁ ଯାଉଛି ଏବଂ ଏହା ସହିତ 'ଓଡ଼ିଶା ଗ୍ରାମୀଣ ଭିତ୍ତିଭୂମି ଓ ସାମାଜିକ-ଅର୍ଥନୈତିକ ବିକାଶ ଅଧିନିୟମ ୨୦୦୪' ଅନୁଯାୟୀ ବାର୍ଷିକ ପ୍ରାୟ ୧୨, ୦୦୦ କୋଟି ଟଙ୍କାର ନିୟମିତ ରାଜସ୍ୱ ମଧ ଓଡ଼ିଶା ହରାଇବ।

ସମ୍ବିଧାନର ସପ୍ତମ ଅନୁସୂଚୀର ଦ୍ୱିତୀୟ ତାଲିକା (ଖସସ୍ୱସ୍ୱ-ଓଓ / ରାଜ୍ୟ ତାଲିକା) ଅନ୍ତର୍ଗତ ରାଜ୍ୟଗୁଡ଼ିକର କ୍ଷମତାକୁ ସଂକୁଚିତ କରିବା ପାଇଁ କେନ୍ଦ୍ରର ଏହି ପଦକ୍ଷେପ ହେଉଛି ସମ୍ପଦ ଭିତ୍ତିକ ସଂଘୀୟ ବ୍ୟବସ୍ଥାର ଏକ ଉଲ୍ଲଂଘନ, ଯାହାକି ଆମ ସମ୍ବିଧାନର ଅନ୍ୟତମ ମୂଳ ଗଠନ ପ୍ରଣାଳୀ ଅଟେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ (ସୁପ୍ରିମ୍ କୋର୍ଟ) ରାୟକୁ ବଦଳାଇ ଖଣି କମ୍ପାନୀଗୁଡ଼ିକର ସ୍ୱାର୍ଥ ରକ୍ଷା କରିବା ହିଁ ଏଭଳି ଏକ ସଂଶୋଧନ ପଛର ପ୍ରକୃତ ଉଦ୍ଦେଶ୍ୟ। ସୁପ୍ରିମ୍ କୋର୍ଟଙ୍କ ଏକ ୯-ଜଣିଆ ସାମ୍ବିଧାନିକ ପୀଠ ଜୁଲାଇ ୨୫, ୨୦୨୪ରେ ୮-୧ ବହୁମତରେ ଦେଇଥିବା ରାୟ ଏବଂ ଏହାର ପରବର୍ତ୍ତୀ ଅଗଷ୍ଟ ୧୪, ୨୦୨୪ର ନିର୍ଦ୍ଦେଶନାମାରେ ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଏବଂ ୫୦ ଅନୁଯାୟୀ, ଉତ୍ତୋଳନ କରାଯାଉଥିବା ଖଣିଜ ପଦାର୍ଥର ମୂଲ୍ୟ ଆଧାରରେ ଖଣିଜ ଓ ଖଣିଜ ଯୁକ୍ତ ଜମି ଉପରେ ଟ୍ୟାକ୍ସ ଲଗାଇବା ପାଇଁ ରାଜ୍ୟଗୁଡ଼ିକର ଅଧିକାରକୁ ସ୍ୱୀକୃତି ଦେଇଥିଲେ। ଏଥିସହ ରାଜ୍ୟଗୁଡ଼ିକ ଏପ୍ରିଲ ୧, ୨୦୦୫ରୁ ପିଛିଲା ପ୍ରଭାବ ସହିତ ଏହି ଟ୍ୟାକ୍ସ ଆଦାୟ କରିପାରିବେ। ଏହି ପାଉଣାକୁ ଏପ୍ରିଲ ୧, ୨୦୨୬ଠାରୁ ୧୨ ବର୍ଷ ମଧ୍ୟରେ କିସ୍ତି ଆକାରରେ ଏହା ଆଦାୟ କରାଯିବାର ବ୍ୟବସ୍ଥା ଥିଲା। ଏହି ରାୟ ପରେ, ବେସରକାରୀ ଭାବେ ଆକଳନ କରାଯାଇଥିଲା ଯେ ଭାରତର ଖଣି କ୍ଷେତ୍ରକୁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ବକେୟା ପ୍ରଦାନ କରିବାକୁ ପଡ଼ିବ। ୨୦୨୪ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନେକ ରାଜ୍ୟକୁ ସେସ୍ ଆଦାୟ ପାଇଁ ରାଜ୍ୟ-ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବାକୁ ସକ୍ଷମ କରିଛି, ଯେପରିକି 'ଝାଡ଼ଖଣ୍ଡ ଖଣିଜ ଯୁକ୍ତ ଜମି ସେସ୍ ଅଧିନିୟମ ୨୦୨୪' ଯାହା ୨୦୨୪ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି।୨୦୨୬-୨୭ ଆର୍ଥିକ ବର୍ଷରେ ଝାଡ଼ଖଣ୍ଡ ରାଜ୍ୟ ଏହି ସେସ୍‌ରୁ ୧୪, ୭୫୬ କୋଟି ଟଙ୍କାର ରାଜସ୍ୱ ଆକଳନ କରିଥିବାବେଳେ ୨୦୨୫-୨୬ ବର୍ଷରେ ଏହି ଆଦାୟ ପ୍ରାୟ ୧୩, ୪୪୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଜୁନ୍ ୨୦୨୪ରେ ଓଡ଼ିଶାରେ କ୍ଷମତାକୁ ଆସିଥିବା ବିଜେପିର 'ଡବଲ୍ ଇଞ୍ଜିନ' ସରକାର ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟରେ ଏହି ରାୟର କାର୍ଯ୍ୟକାରିତାକୁ ଏଡ଼ାଇ ଥିଲେ।

ଏବେ ଏହି ସଂଶୋଧନର ଫଳରେ ଖଣିଜଦ୍ରବ୍ୟ ଧନୀ ରାଜ୍ୟ ଅନେକ କ୍ଷତି ସହିବେ। ଝାଡ଼ଖଣ୍ଡ ଭଳି ରାଜ୍ୟ, ଯେଉଁମାନେ ସୁପ୍ରିମ୍ କୋର୍ଟଙ୍କ ରାୟ ପରେ ତୁରନ୍ତ ଖଣିଜ ଯୁକ୍ତ ଜମିରୁ ସେସ୍ ଆଦାୟ କରିସାରିଛନ୍ତି, ସେମାନେ ସାମାନ୍ୟ ଭାବେ ଲାଭବାନ ହୋଇଛନ୍ତି, କିନ୍ତୁ ଓଡ଼ିଶା କ୍ଷେତ୍ରରେ ଏପରି ହୋଇନାହିଁ। ଖଣିଜ ରାଜସ୍ୱ ବ୍ୟତୀତ, ସମ୍ପଦ ନିୟନ୍ତ୍ରଣ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ରାଜ୍ୟ ଅର୍ଥନୀତି ଉପରେ ବ୍ୟାପକ ପ୍ରଭାବ ପକାଇବ, କାରଣ ଖଣିରୁ ମିଳୁଥିବା ଆୟ ହେଉଛି ରାଜ୍ୟଗୁଡ଼ିକର କର (ସ୍ୱବଙ୍ଘ) ଏବଂ ଅଣ-କର ରାଜସ୍ୱର ଅନ୍ୟତମ ପ୍ରମୁଖ ଉତ୍ସ।

ଉଚ୍ଚତମ ନ୍ୟାୟାଳୟର ଏହି ରାୟ ଏକ ଐତିହାସିକ ନିଷ୍ପତ୍ତି ଥିଲା, କାରଣ ଖଣିଜ ଅଧିକାର ଏବଂ ଖଣିଜ ଯୁକ୍ତ ଜମି ଉପରେ ସେସ୍ ଆଦାୟ କରିବା ପାଇଁ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକର ଏକ ଦୀର୍ଘ ଦିନର ଦାବି ରହିଥିଲା। ଏହି ରାୟ 'ଇଣ୍ଡିଆନ୍ ସିମେଣ୍ଟ ବନାମ ତାମିଲନାଡୁ ରାଜ୍ୟ' ମାମଲାରୁ ସୃଷ୍ଟି ହୋଇଥିବା ଏବଂ ଗତ ୩୫ ବର୍ଷ ଧରି ପ୍ରଚଳିତ ଥିବା ସେହି ସ୍ଥାପିତ ଧାରଣାକୁ ବଦଳାଇ ଦେଇଛି, ଯେଉଁଥିରେ କୁହାଯାଇଥିଲା ଯେ 'ରୟାଲଟି ହେଉଛି ଏକ ଟ୍ୟାକ୍ସ'। ତତ୍କାଳୀନ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଲିଖିତ ଏହି ରାୟରେ ସପ୍ତମ ଅନୁସୂଚୀ ଅନ୍ତର୍ଗତ ରାଜ୍ୟଗୁଡ଼ିକର ଆଇନଗତ କ୍ଷମତାକୁ ସ୍ୱୀକୃତି ଦେବା ସହିତ, ରୟାଲଟି ଏବଂ ଟ୍ୟାକ୍ସ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟକୁ ବହୁତ ଭଲ ଭାବରେ ସ୍ପଷ୍ଟ କରାଯାଇଥିଲା।

ଖଣିଜ ପଦାର୍ଥ, ଖଣିଜ ଯୁକ୍ତ ଜମି ଏବଂ ଖଣିଜ କାର୍ଯ୍ୟକଳାପ ଉପରେ ରାଜ୍ୟଗୁଡ଼ିକର ଆଇନଗତ କ୍ଷମତାର ପ୍ରସଙ୍ଗ ତାମିଲନାଡୁ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାର ଭଳି ଅନେକ ରାଜ୍ୟ ଦ୍ୱାରା ବିଭିନ୍ନ ରାଜ୍ୟର ହାଇକୋର୍ଟ, ସର୍ବୋଚ୍ଚ ନ୍ୟାୟାଳୟ, ଆନ୍ତଃ-ରାଜ୍ୟ ସମ୍ପର୍କ ଓ ଖଣି ଉପରେ ଗଠିତ କମିଶନ, ଜଷ୍ଟିସ୍ ସରକାରିଆ କମିଶନ (୧୯୮୩) ଏବଂ ଅନୱାର ହୁଦା କମିଟି (୨୦୦୬) ଏବଂ ଶେଷରେ ସଂସଦରେ ମଧ ଅନେକ ଥର ଉଠାଯାଇଛି; କିନ୍ତୁ ବେସରକାରୀ ଖଣି ଲବି ଏବଂ କେନ୍ଦ୍ର ସରକାରଙ୍କ



ମାଲିକାନାରେ ଥିବା ପିଏସୟୁ ଗୁଡ଼ିକର ଚାପ ଯୋଗୁଁ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରାଯାଇ ଆସିଛି।

ଜମି ଏକ ରାଜ୍ୟ ଅଧୀନସ୍ଥ ବିଷୟ ହୋଇଥିବା ବେଳେ, ଏମଏମଡିଆର ଆକ୍ଟ ୧୯୫୭ର ଆଳ ଦେଖାଇ ଖଣିଜ ଏବଂ ଖଣିଜ ଯୁକ୍ତ ଜମିକୁ ଛଡ଼ାଇ ନିଆଯାଉଛି ଏବଂ ରାଜ୍ୟ ପାଇଁ ରୟାଲଟିକୁ ହିଁ ଏକମାତ୍ର ବିକଳ୍ପ ଭାବେ ସୀମିତ କରିଦିଆଯାଉଛି। କେନ୍ଦ୍ର ଦ୍ୱାରା ରୟାଲଟି ମଧ ଅନିୟମିତ ଭାବେ ସ୍ଥିର କରାଯାଉଛି, ଯାହା ରାଜ୍ୟଗୁଡ଼ିକୁ ଖଣିଜ କାର୍ଯ୍ୟକଳାପରୁ ସେମାନଙ୍କର ପ୍ରାପ୍ୟ ଅଂଶରୁ ବଞ୍ଚିତ କରୁଛି। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ ଭଳି ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକ ମୁଖ୍ୟତଃ ଭାରତର ଗରିବ ରାଜ୍ୟ ଅଟନ୍ତି, ଯେଉଁମାନେ କ୍ରମବର୍ଦ୍ଧିଷ୍ଣୁ ବିକାଶମୂଳକ ଆହ୍ୱାନଗୁଡ଼ିକୁ ପୂରଣ କରିବା ପାଇଁ ରାଜସ୍ୱ ନିଅଣ୍ଟ ସହ ସଂଘର୍ଷ କରୁଛନ୍ତି ଏବଂ ଏହି ରାଜ୍ୟଗୁଡ଼ିକରେ ଅଧିକାଂଶ ଭାବେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆ ବର୍ଗ ଭଳି ପଛୁଆ ସାମାଜିକ ଗୋଷ୍ଠୀର ଲୋକମାନେ ବସବାସ କରନ୍ତି। ଏହି ରାଜ୍ୟଗୁଡ଼ିକରୁ ହିଁ ଦେଶର ସବୁଠାରୁ ଅଧିକ ସଂଖ୍ୟକ ଦାଦନ ଶ୍ରମିକ ବାହାରକୁ ଯାଇଥାନ୍ତି।

ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟା ବ୍ୟତୀତ, ଖଣିଜ କାର୍ଯ୍ୟକଳାପ ଯୋଗୁଁ କୃଷି ଏବଂ ଜଙ୍ଗଲ ଭିତ୍ତିକ ଜୀବିକା ହରାଇବା ଭଳି ସମସ୍ୟା ଦ୍ୱାରା ଏହି ଖଣିଜ ଗର୍ଭିତ ଅଞ୍ଚଳଗୁଡ଼ିକ ବହୁତ ଖରାପ ଭାବେ ପ୍ରଭାବିତ ହେଉଛନ୍ତି। ଓଡ଼ିଶା ଏକ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟ ଭାବରେ, ଖଣି ଏବଂ ଖଣିଜ ଭିତ୍ତିକ ଶିଳ୍ପଗୁଡ଼ିକର ସମସ୍ତ ପ୍ରତିକୂଳ ପ୍ରଭାବ ସହୁଥିବା ବେଳେ ଜାତୀୟ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସୁଛି, କିନ୍ତୁ ଏହାର ବଦଳରେ ପରିବେଶ ସୁରକ୍ଷା ଏବଂ ସାମାଜିକ ବିକାଶ ପାଇଁ ମଧ ସେସ୍ ଲଗାଇବାର କୌଣସି କ୍ଷମତା ଏହା ପାଖରେ ନାହିଁ। ଜନସାଧାରଣଙ୍କ ପାଣ୍ଠିରୁ ନିର୍ମିତ ସମସ୍ତ ପ୍ରକାରର ସର୍ବସାଧାରଣ ଭିତ୍ତିଭୂମି ଯେପରିକି ରାସ୍ତା, ରେଳଲାଇନ, ସମୁଦ୍ର ବନ୍ଦର, ବିଦ୍ୟୁତ, ଜଳ ଏବଂ ଆଇନ ଶୃଙ୍ଖଳା ରକ୍ଷା ଭଳି ସରକାରୀ ସେବାର ମୁଖ୍ୟ ହିତାଧିକାରୀ ହେଉଛନ୍ତି ଖଣି କମ୍ପାନୀଗୁଡ଼ିକ। ଓଡ଼ିଶାର କୋଇଲା ଏବଂ ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଅନେକ ରାଜ୍ୟ ପାଇଁ ଶକ୍ତିର ମୁଖ୍ୟ ଉତ୍ସ ସାଜିଛି ଏବଂ ଏହାର ରଣନୀତିକ ଖଣିଜ ସମ୍ପଦ ଜାତୀୟ ପ୍ରଗତି ପାଇଁ ବ୍ୟବହୃତ ହେବା ସହ ଦୀର୍ଘ ଦିନ ଧରି ବଡ ବଡ ବେସରକାରୀ କମ୍ପାନୀଗୁଡ଼ିକୁ ବ୍ୟାପକ ଭାବେ ଲାଭାନ୍ୱିତ କରିଆସୁଛି। ସମ୍ବିଧାନ ଅଧୀନରେ ନିଜର ଅଧିକାରକୁ ସୁରକ୍ଷିତ କରିବା ପାଇଁ ସମସ୍ତ ଖଣିଜ ସମ୍ପଦ ଭିତ୍ତିକ ରାଜ୍ୟଗୁଡ଼ିକ ଏକାଠି ହେବା ଆବଶ୍ୟକ।

ଓଡିଶାର ବିକାଶ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭବ ପଡ଼ିବ, କାରଣ ଓଡିଶା ନିଜସ୍ୱ ସୂତ୍ରରୁ ଆଦାୟ କରୁଥିବା ଟିକସର ସିଂହଭାଗ କେବଳ ଖଣି ଏବଂ ଖଣିଜ ଦ୍ରବ୍ୟ ଉପରେ ଟିକସ ତଥା ସେସରୁ ମିଳିଥାଏ। କିନ୍ତୁ, ଏହି ଅଧିନିୟମ ଫଳରେ ରାଜ୍ୟ ବର୍ଷକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବା ସହିତ ନୂତନ ପାଣ୍ଠି ଯୋଗାଡ କରିବାରେ ଏହା ଅସୁବିଧାର ସମ୍ମୁଖୀନ ହେବ। ତେଣୁ, ଅନେକ କଲ୍ୟାଣକାରୀ ଯୋଜନା ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ କେନ୍ଦ୍ର ସରକାରର କ୍ଷତି ପୂରଣ ଓ ରୟାଲଟି ବାବଦରେ ଅନୁଦାନ ଉପରେ ନିର୍ଭର ହେବାକୁ ପଡ଼ିବ, ଯାହା ଅତ୍ୟନ୍ତ ସ୍ୱଳ୍ପ। ତେଣୁ, ଏହି ସଂଶୋଧିତ ବିଲରେ ଖଣିଜ ସମ୍ପନ୍ନ ରାଜ୍ୟର ଅଧିକାରକୁ ସୁରକ୍ଷିତ କରିବା ପାଇଁ ଧ୍ୟାନ ଦେବା ଆବଶ୍ୟକ। ଓଡିଶାରେ ଡବଲ ଇଞ୍ଜିନ ସରକାର ଏ ବିଷୟରେ ମୁହଁ ଖୋଲୁ ନାହାନ୍ତି, ରାଜ୍ୟରେ ଥିବା ଶାସକ ଦଳର କୋଡିଏ ଜଣ ସାଂସଦ ନା ଲୋକସଭା ନା ରାଜ୍ୟ ସଭାରେ ମୁହଁ ଫିଟାଇଲେ।

ଯେତେବେଳେ, ରାଜ୍ୟର ଟିକସ ଅଧିକାର ଉପରେ କେନ୍ଦ୍ର କୌଣସି ଆଇନ ପ୍ରଣୟନ କରିବ, ତାହା ରାଜ୍ୟସରକାରଙ୍କ ସହିତ ପୂର୍ବ ଆଲୋଚନା ସହିତ ହେବା ଉଚିତ। କିନ୍ତୁ, ଏହି ଆଇନକୁ କେବଳ ଖଣି କମ୍ପାନୀମାନଙ୍କୁ ସୁରକ୍ଷା ପ୍ରଦାନ ଦେବା ପାଇଁ ତରବାରିଆ ଭାବେ କୌଣସି ବିଚାର ବିମର୍ଶ ନ କରି ଏକ ପାଖିଆ ଭାବେ ପାରିତ କରି ଦିଆଗଲା। ତେଣୁ, ରାଜ୍ୟ ସରକାର ଏହି କ୍ଷତିକୁ ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିବା ଉଚିତ। ଏହି କ୍ଷତି କୌଣସି ଦଳର ନୁହେଁ, ଏହା ରାଜ୍ୟର କ୍ଷତି। ଓଡିଶା ଲୋକସଭାକୁ ପଠେଇଥିବା ଜନପ୍ରତିନିଧିଙ୍କ ଭୂମିକା ଉପରେ ଏହି ଅଧିନିୟମ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ସ୍ୱାର୍ଥ, ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହିବା ବାଞ୍ଛନୀୟ।

ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ବିଧାୟକ, ଆଠଗଡ଼

# ହାଟ ବନାମ ମଲ୍: ସଂସ୍କୃତି ପରମ୍ପରା ଓ ଆଧୁନୀକତାର ଦ୍ୱନ୍ଦ୍ୱ



ଗୋପାଳ ମହାପାତ୍ର

ବଜାର ଏବଂ ମଣିଷର ସମ୍ପର୍କ ଅତି ପ୍ରାଚୀନ। ଆଦିକାଳରୁ ହିଁ ବଜାର ମାନବ ସଭ୍ୟତାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ବଜାର କେବଳ ଜିନିଷପତ୍ର ବା ବସ୍ତୁର ଆଦାନ ପ୍ରଦାନ (ବିକ୍ରୀ)ର ସ୍ଥାନ ନୁହେଁ ବରଂ ସାମାଜିକତା ଏବଂ ସଂସ୍କୃତିର ପ୍ରତିବିମ୍ବ ଅଟେ। ସମୟ ସହ ତାଳ ମିଳାଇ ଏବେ ବଜାରର ସ୍ୱରୂପ ବଦଳିଯାଇଛି। ପ୍ରାଚୀନ ସମୟର ହାଟ ଏବେ ମଲ୍‌ରେ ପରିଣତ ହୋଇଯାଇଛି, ହାଟଠାରୁ ମଲ୍ ପର୍ଯ୍ୟନ୍ତର ଏହି ଯାତ୍ରା ଲୋକଙ୍କର ଜିନିଷପତ୍ର କିଣିବାର ପ୍ରକ୍ରିୟାକୁ ବଦଳାଇ ଦେଇଛି। ସଂସ୍କୃତି ଏବଂ ପରମ୍ପରା ଉପରେ ଏହା ମଧ ଗଭୀର ପ୍ରଭାବ ପକାଉଛି। ହାଟ, ଯାହାକୁ ସ୍ଥାନୀୟ ବଜାର ବା ସାପ୍ତାହିକ ବଜାର କୁହାଯାଉଥିଲା ସେଇ ହାଟ ଭାରତୀୟ ଗ୍ରାମାଞ୍ଚଳର ଲୋକଙ୍କ ଜୀବନର ଅଭିନ୍ନ ଅଂଶ ଥିଲା। ହାଟ ଖୋଲାସ୍ଥାନରେ ଲାଗିଥାଏ ଏବଂ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ପୁରଣ କରିଥାଏ। ହାଟରେ ସ୍ଥାନୀୟ ଉତ୍ପାଦ ବିକ୍ରୀ ହେଉଥିଲା ଓ ଅନ୍ୟ ପକ୍ଷରେ ହାଟକୁ ଆସିଥିବା ଲୋକଙ୍କ ମଧ୍ୟରେ ମିଳାମିଶା, ବାର୍ତ୍ତାଳାପ ଓ ଆଲୋଚନା ମଧ ହେଉଥିଲା। ଯେଉଁଠି ଅଧିକ ଲୋକ ପରସ୍ପରକୁ ଭେଟନ୍ତି ବାତାବରଣ ସରଳ, ସଜୀବ ଏବଂ ପ୍ରାକୃତିକ ହୋଇଥାଏ ଓ ଲୋକେ ମୂଲ ଚାଲ କରି ଜିନିଷପତ୍ର କିଣିଥାନ୍ତି।



ବର୍ତ୍ତମାନର କଥା ଜଣାନାହିଁ ପରନ୍ତୁ ପୁର୍ବେ ହାଟରେ ଲୋକନୃତ୍ୟ, ସଙ୍ଗୀତ ଏବଂ ପରମ୍ପରାଗତ ଖେଳ ହାଟର ଅଂଶ ବିଶେଷ ଥିଲା ଓ କୁହାଯାଇପାରିବ ଯେ ହାଟ କେବଳ ବ୍ୟବସାୟିକ ଗତିବିଧିରେ ସିମୀତ ନଥିଲା ବରଂ ହାଟ ସାମୁହିକଚେତନା ନିର୍ମାଣର ସ୍ଥଳ ଥିଲା।

ହାଟରେ ଲୋକେ ନିଜର ଉତ୍ପାଦ ବିକୁଥିଲେ। ହାଟ /ବଜାର ଗ୍ରାମାଞ୍ଚଳର ଅର୍ଥବ୍ୟବସ୍ଥାର ଆଧାର ଥିଲା ଓ ଛୋଟ ଛୋଟ ବ୍ୟବସାୟୀ କୃଷକଙ୍କର ଜୀବିକାର୍ଜନର ସାଧନ ପ୍ରଦାନ କରୁଥିଲା। ଆଧୁନିକତା ଯେତେବେଳେ ପ୍ରସାର ଲାଭ କଲା। ସେତେବେଳେ ମଲ୍ ସଂସ୍କୃତି ଶହରୀ ଜୀବନର ପ୍ରତୀକ ପାଲଟିଗଲା। ମଲ ବଡ଼ ବା ବିଶାଳ ଓ ସେଠାରେ ବାତାନୁକୁଳୀତ ବ୍ୟବସ୍ଥା ରହିଥାଏ ଯେଉଁଠି ଗୋଟିଏ ଛାତତଳେ ଅନେକ ପ୍ରକାରର ଦୋକାନ, ରେଷ୍ଟୁରାଣ୍ଟ ଏବଂ ମନୋରଞ୍ଜନର ସାଧନ ଉପଲବ୍ଧ ହୋଇଥାଏ। ଉପଭୋକ୍ତାବାଦ ଏବଂ ଶହରୀକରଣର ପରିଣାମ ହେଉଛି ମଲ୍‌ର ଉଦ୍‌ଭବ। ମଲ୍‌ରେ ଦାମୀ ଉତ୍ପାଦ, ବିଭିନ୍ନ ପ୍ରକାରର ଖାଦ୍ୟ, ଆରାମଦାୟକ ବାତାବରଣ ସହ ସମସ୍ତ ଜିନିଷ ଉପଲବ୍ଧ ହୋଇଥାଏ। ଲୋକଙ୍କ ମନୋବୈଜ୍ଞାନିକ ଆକର୍ଷଣ ପାଇଁ ମଲ୍‌ରେ ସିନେମାହଲ୍, ଖେଳକୁଦ ପାଇଁ ବ୍ୟବସ୍ଥା ଏବଂ ପିଲାଙ୍କ ପାଇଁ ଖେଳିବାର ସୁବିଧା କରାଯାଇଥାଏ।

ମଲ୍‌ର ବାତାବରଣ ମହିଳା ଶିଶୁ ଏବଂ ଯୁବବର୍ଗଙ୍କୁ ଆକର୍ଷିତ କରିଥାଏ। ଏ କଥା ସତ୍ୟଯେ ମଲ୍ ଶହରୀ ଜୀବନକୁ ସହଜ କରିଦେଇଛି କିନ୍ତୁ ମଲ୍ ସଂସ୍କୃତି କାରଣରୁ ପୁର୍ବରୁ ଗ୍ରାହାକ ଏବଂ ଦୋକାନୀଙ୍କ ମଧ୍ୟରେ ଥିବା ସମ୍ପର୍କ ଆଉ ନାହିଁ। ମଲ୍ ସାମାଜିକତାର ଆଧୁନିକ ପରିଭାଷା ତ ଗଢ଼ିଛି ହେଲେ ପାରମ୍ପରିକ ସାମାଜିକ ସମ୍ପର୍କର ବିକଳ୍ପ ହୋଇପାରିବ ନାହିଁ। ହାଟରେ ସ୍ଥାନୀୟ ପରମ୍ପରା ଏବଂ ସାଂସ୍କୃତିକ ଗତିବିଧିର ସଂରକ୍ଷଣ ହୋଇଥାଏ। ଅନ୍ୟ ପକ୍ଷରେ ମଲ ଆଧୁନିକତା ଏବଂ ବିଶ୍ୱସ୍ତରୀୟ ଉତ୍ପାଦକୁ ପ୍ରୋତ୍ସାହିତ କରିଥାଏ। ମଲ୍ ବୈଶ୍ୱିକରଣ (ଗ୍ଲୋବାଲାଇଜେସନ୍)ର ପ୍ରତୀକ ଅଟେ ଓ ଏଠାରେ ସ୍ଥାନୀୟ ପରମ୍ପରାର ଚିହ୍ନ ବର୍ଣ୍ଣ ନଥାଏ। ହାଟ ସାମୁହିକତା ଏବଂ ମଲ ବ୍ୟକ୍ତିଗତତାର ଭାବ ପ୍ରଦର୍ଶନ କରିଥାଏ। ମଲରେ ମୂଲଚାଲର ସ୍ଥାନ ନାହିଁ। ହାଟରେ ଆତ୍ମୀୟତା ଥାଏ କିନ୍ତୁ ମଲ୍ ଦୃତ ଗତିରେ ଭୌତିକତା ପ୍ରଦର୍ଶନ କରିଥାଏ। ହାଟ ଯୋଗୁଁ ସ୍ଥାନୀୟ କାରିଗର, କୃଷକ ଓ ବ୍ୟବସାୟୀଙ୍କ ପରିବାର ପୋଷଣ ହୋଇଥାଏ। କିନ୍ତୁ ମଲ୍ କର୍ପୋରେଟ ନିଯୁକ୍ତି ସୃଷ୍ଟି କରିଥାଏ ହେଲେ ସ୍ଥାନୀୟତା କମ୍‌ଥାଏ। ହାଟ ଏବଂ ମଲ୍ ମଧ୍ୟରେ ପାର୍ଥକ୍ୟ ସାଂସ୍କୃତିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଆଧୁନିକତା ଏବଂ ପରମ୍ପରା ମଧ୍ୟରେ ସ୍ଥାପିତ ଦ୍ୱନ୍ଦ୍ୱକୁ ବୁଝିବା ପାଇଁ ହାଟ ଏବଂ ମଲ୍ ମଧ୍ୟରେ ଯେଉଁ ଅଦୃଷ୍ୟ ସାମଞ୍ଜସ୍ୟ ରହିଛି ତାକୁ ମଧ ଜାଣିବା ଦରକାର।

ହାଟ ଏବଂ ମଲ୍ ଉଭୟ ଆମ ସମାଜର ଦୁଇ ପାର୍ଶ୍ୱକୁ ଭିନ୍ନ ଭିନ୍ନ ଭାବରେ ଦର୍ଶାଇଥାଏ। ହାଟ ଆମର ସଂସ୍କୃତିକ ମୂଲ୍ୟ ଏବଂ ସାମୁହିକତାର ପ୍ରତୀକ। ଅନ୍ୟ ପକ୍ଷରେ ମଲ୍ ଆଧୁନିକତା, ସୁବିଧା ଏବଂ ଉପଭୋକ୍ତାବାଦର ପ୍ରତୀକ। ଉଭୟରେ ଥିବା ଦ୍ୱନ୍ଦ୍ୱ ଆମ ସମାଜର ପରିବର୍ତ୍ତିତ ସ୍ୱରୂପକୁ ଦର୍ଶାଇଥାଏ। ଆଜିର ଆବଶ୍ୟକତା ହେଉଛି ଆମେ ଏଭଳି ସାମାଜିକ ମାନସିକତାର ବିକାଶ କରିବା ଯାହା ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରି ଏକ ସମୃଦ୍ଧ ସମାଜ ଗଠନ ଦିଗରେ ସହାୟକ ହେବ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ନିଟ୍ ପରୀକ୍ଷା ପାଇଁ ଏବର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ




## ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧୯।୮: କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ନିଟ୍-ୟୁଜି ପରୀକ୍ଷା ପରିଚାଳନା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ ହେରଫେର୍ କରିବା କଷ୍ଟକର। ତେବେ ସରକାର ଏହା ସ୍ୱୀକାର କରିଛନ୍ତି ଯେ ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ମଧ୍ୟ ଜଡିତ।

ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ପ୍ରଶ୍ନପତ୍ର କିପରି ଚୟନ କରାଯାଏ ତାହା ବୁଝାଇଥିଲେ। ୧୦୦ଟି ପ୍ରଶ୍ନ ସହିତ ଏକ ପଦାର୍ଥ ବିଜ୍ଞାନ ପତ୍ରର ଉଦାହରଣ ଦେଇ, ମେହେଟ୍ଟା ପ୍ରକ୍ରିୟା ବ୍ୟାଖ୍ୟା କରିଥିଲେ। ଅନେକ ମୋଡରେଟର ଗୋଷ୍ଠୀ ପ୍ରଥମେ ୫୦୦ଟି ପ୍ରଶ୍ନର ଏକ ବ୍ୟାଙ୍କ ତିଆରି କରନ୍ତି। ପ୍ରଶ୍ନବ୍ୟାଙ୍କରୁ ଅନ୍ୟ ମୋଡରେଟରମାନେ ପ୍ରତ୍ୟେକ ୧୦୦ ଟି ପ୍ରଶ୍ନ ଚୟନ କରନ୍ତି ଓ ୪ଟି ଭିନ୍ନ ଭିନ୍ନ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି। ଏହା ପରେ ଏନଟିଏର ମହାନିର୍ଦ୍ଦେଶକ ସେହି ଚାରୋଟି ପେପରରୁ ଦୁଇଟି ପେପର ଚୟନ କରନ୍ତି। ତା'ପରେ ପେପରକୁ ସିଲ୍ଡ ବାକ୍ସରେ ସିସିଟିଭି ଓ ସିଆଇଏସଏଫ ସୁରକ୍ଷାରେ ଦୁଇଟି ଭିନ୍ନ ପ୍ରିଣ୍ଟିଂ ପ୍ରେସ୍‌କୁ ପଠାଯାଏ। ବାକ୍ସର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପାଖରେ ଏକ ଡିଜିଟାଲ୍ ଚାବି ଥାଏ। ପ୍ରିଣ୍ଟିଂ ପ୍ରେସ୍ ମାଲିକ ଏନଟିଏ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରି କୋଡ୍ ପାଇଲେ ହିଁ ବାକ୍ସଟି ଖୋଲାଯାଇପାରିଥାଏ। ବାକ୍ସଟି ଖୋଲିବା ପରେ କୌଣସି ବାହାର ବ୍ୟକ୍ତିଙ୍କୁ ପ୍ରିଣ୍ଟିଂ ପ୍ରେସ୍ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ ଓ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଥାଏ।

ମୁଦ୍ରଣାଳୟରେ କଡ଼ା ସୁରକ୍ଷା ଓ ଗୋପନୀୟତା ବଜାୟ ରଖାଯାଇଥାଏ। ପ୍ରିଣ୍ଟିଂ ପ୍ରେସ୍ କର୍ମଚାରୀମାନେ ମଧ୍ୟ ଜାଣି ନଥାନ୍ତି ପ୍ରଶ୍ନପତ୍ର କେଉଁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ପ୍ରଶ୍ନପତ୍ର ଓ ଓଏମଆର ସିଟ୍ ଏକ ସିଲ୍ ଲଫାପାରେ ରଖାଯାଇଥାଏ। ଲଫାଫା ଖୋଲିବା ପାଇଁ ସିଲ୍ ଭାଙ୍ଗିବାକୁ ପଡିଥାଏ ବୋଲି ମେହେଟ୍ଟା କହିଛନ୍ତି।

**କାର, ଭତ୍ତା ଓ ୨୫ ଲକ୍ଷର ସ୍ୱାସ୍ଥ୍ୟ ବୀମା**

# ୨୩୪ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଉପହାର



ଚେନ୍ନାଇ,୧୯।୮: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି.ଯୋସେଫ ବିଜୟ ରାଜ୍ୟର ୨୩୪ ବିଧାୟକଙ୍କ ପାଇଁ ଏକ ବଡ଼ ଉପହାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ, ପ୍ରତ୍ୟେକ ବିଧାୟକଙ୍କୁ ଏକ ସରକାରୀ କାର୍, ମାସିକ ଇନ୍ଧନ ଓ ରକ୍ଷଣାବେକ୍ଷଣ ଭତ୍ତା ଏବଂ ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା କଭରେଜ୍ ମିଳିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ଶାସକ ଦଳ ଏବଂ ଅନ୍ୟ ବିଧାୟକ ଖୋଲାଖୋଲି ଭାବରେ ସ୍ୱାଗତ କରିଛନ୍ତି। ବିଧାୟକମାନଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀରେ ସାଧାରଣ ସେବା କାର୍ଯ୍ୟକୁ ସହଜ କରିବା ପାଇଁ ପ୍ରତ୍ୟେକଙ୍କୁ ଏକ ସରକାରୀ ଗାଡ଼ି ଯୋଗାଇ ଦିଆଯିବ। ଡ୍ରାଇଭର, ଇନ୍ଧନ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପାଇଁ ସରକାର ପ୍ରତି ମାସରେ ୭୫ ହଜାର ଟଙ୍କାର ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବେ। ସରକାରୀ କାର୍ଯ୍ୟ ପରିଚାଳନା ପାଇଁ ଜଣେ ସଚିବଙ୍କୁ ନିଯୁକ୍ତି ଦେବା ପାଇଁ ଅତିରିକ୍ତ ୨୫ ହଜାର ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯିବ। ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କଭର ୫ ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ରାଜ୍ୟ ରାଜକୋଷ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ପଡ଼ିବ ବୋଲି ହେଉଥିବା ଚର୍ଚ୍ଚାର ଉତ୍ତର ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ବିଜୟ ବିଧାନସଭାରେ ଏହି ଖର୍ଚ୍ଚକୁ ଯଥାର୍ଥ ବୋଲି କହିଛନ୍ତି।

**ଟ୍ରମ୍ପଙ୍କ ଦାବିକୁ ପରିହାସ କଲା ଇରାନ**

# ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ



ତେହରାନ, ୧୯।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହର୍ମୁଜ ପ୍ରଣାଳୀ ଉପରେ ଦାବି ପରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ସେ ଏହି ଗୁରୁତ୍ୱପୂର୍ଣ୍ଣ ପଥକୁ ନୂତନ ଆମେରିକା ଅଞ୍ଚଳ ଭାବରେ ଘୋଷଣା କରିଛନ୍ତି। ତାଙ୍କ ମନ୍ତବ୍ୟ ପରେ ଇରାନ ପକ୍ଷରୁ ତୀବ୍ର ଏବଂ କଠୋର ପ୍ରତିକ୍ରିୟା ପ୍ରକାଶ ପାଇଛି।ଇରାନର ସର୍ବୋଚ୍ଚ ସୁରକ୍ଷା ପରିଷଦର ନୂତନ ସଚିବ ମୋହସେନ ରେଜାଇ ଟ୍ରମ୍ପଙ୍କ ଘୋଷଣାକୁ ଖୋଲାଖୋଲି ଭାବରେ ପରିହାସ କରି କହିଛନ୍ତି ଯେ ଏହି ରଣନୈତିକ ସମୁଦ୍ର ମାର୍ଗକୁ ପୁନଃ ଖୋଲିବାରେ ୱାସିଂଟନର ବିଫଳତା ଏବଂ ଏହା ଉପରେ ନିଜର କର୍ତ୍ତୃତ୍ୱର ଦାବି ମଧ୍ୟରେ ପାର୍ଥକ୍ୟ ୭ ହଜାର ମାଇଲ ଦୂରତା ଅପେକ୍ଷା ବହୁତ ଅଧିକ। ରେଜାଇ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ସହିତ ବିଶ୍ୱ ମାନଚିତ୍ରର ଏକ ଫଟୋ ରଖି କଟାକ୍ଷ କରି ଲେଖିଛନ୍ତି ଯେ କିଛି ସ୍ୱପ୍ନ ବାସ୍ତବତାଠାରୁ ବହୁତ ଦୂରରେ ଥାଏ। ସେ ପାରସ୍ୟ ଉପସାଗରରେ ଆମେରିକା ପରବର୍ତ୍ତୀ ଯୁଗର ପ୍ରାଧାନ୍ୟକୁ ସ୍ୱାଗତ କରିବା ସହ ଟ୍ରମ୍ପଙ୍କ ଦାବିକୁ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ବିବାଦୀୟ ମାନଚିତ୍ର ପୋଷ୍ଟ କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଞ୍ଚଳ ଭାବରେ ଦର୍ଶାଇ ଜଳପଥକୁ କବଜା କରିବା ପାଇଁ ତାଙ୍କର ସାମ୍ପ୍ରତିକ କୂଟନୈତିକ ଧମକକୁ ଦୋହରାଇଥିଲେ। ଏହା ଅନ୍ତର୍ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା।

# ଆଜମ୍ ଖାନ୍‌ଙ୍କ ୧୦ ଠିକଣାରେ ଇଡି ଚଢ଼ାଉ



ଲକ୍ଷ୍ନୌ, ୧୯।୮: ସମାଜବାଦୀ ପାର୍ଟିର ମହାସଚିବ ଆଜମ ଖାନ୍‌ଙ୍କ ଜୌହର ବିଶ୍ୱବିଦ୍ୟାଳୟ ସମେତ ଉତ୍ତର ପ୍ରଦେଶର ରାମପୁରର ଅନେକ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଛି। ଇଡି ଆର୍ଥିକ ଅନିୟମିତତା ଓ ମନି ଲଣ୍ଡରିଂ ଅଭିଯୋଗର ତଦନ୍ତ କରୁଛି। ବୁଧବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉତ୍ତର ପ୍ରଦେଶର ରାମପୁର ଓ ଶାହାରନପୁର ଏବଂ ଦିଲ୍ଲୀରେ ଆଜମ ଖାନଙ୍କ ବିଭିନ୍ନ ଠିକଣାରେ ତଲାସ ଚଳାଇଛି। ଇଡିର ଟିମ୍ ରାମପୁରରେ ଜୌହର ବିଶ୍ୱବିଦ୍ୟାଳୟ ସମେତ ଆଜମ ଖାନ୍‌ଙ୍କ ସହିତ ଜଡ଼ିତ ଅନେକ ଠିକଣାରେ ଚଢ଼ାଉ କରିଥିଲା। ଇଡି ଟିମ୍ ଜୌହର ବିଶ୍ୱବିଦ୍ୟାଳୟରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ମନି ଲଣ୍ଡରିଂ ମାମଲାରେ ଇଡି ଲକ୍ଷ୍ନୌରେ ମାମଲା ରୁଜୁ କରିଛି। ରାମପୁରରେ ପାଖାପାଖି ୬ଟି ସ୍ଥାନ, ଶାହାରନ୍‌ପୁରରେ ଦୁଇଟି ସ୍ଥାନରେ ଚଢ଼ଉ ଚାଲିଛି। ଶାହାରନ୍‌ପୁରରେ ଚାଟାର୍ଡ ଆକାଉଣ୍ଟାଣ୍ଟ ଦୀପକ ଗୁପ୍ତାଙ୍କ ଘର ଓ କାର୍ଯ୍ୟାଳୟରେ ଇଡି ଚଢ଼ଉ କରିଛି। ଏହାସହିତ ଦିଲ୍ଲୀରେ ଜୌହର ଆସୋସିଏଟ୍‌ର ପାଟର୍ନର ସୟେଦ୍ ଖାଲିକଙ୍କ ଘରେ ଚଢ଼ାଉ ହୋଇଛି।

**ନିମ୍ନମାନର ଖାଦ୍ୟ ଅଭିଯୋଗ**

# ଜେନ୍ ଆଲଫାଙ୍କ ପ୍ରତିବାଦ



ଉନ୍ନାଓ,୧୯।୮: ଜେନ୍-ଜିଙ୍କ ପ୍ରତିବାଦ ପରେ ଏବେ ଦେଶରେ ଜେନ୍ ଆଲଫାଙ୍କ ପ୍ରତିବାଦ ଦେଖିବାକୁ ମିଳିଛି। ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ହାସନଗଞ୍ଜ-ନୟୋତାନି ନଗର ପଞ୍ଚାୟତରେ ଅବସ୍ଥିତ ଜୟପ୍ରକାଶ ନାରାୟଣ ସର୍ବୋଦୟ ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ନିମ୍ନମାନର ଖାଦ୍ୟ, ପାନୀୟ ଜଳ, ଶିକ୍ଷକ ଅଭାବ ଏବଂ ପ୍ରଧାନଶିକ୍ଷକଙ୍କ ଦୁର୍ବ୍ୟବହାରକୁ ନେଇ ହତୋତ୍ସାହିତ ହୋଇ ମୋହାନ ଛକ ଅବରୋଧ କରିଛନ୍ତି। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସମାଜ କଲ୍ୟାଣ ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ଡକାଯାଉ ବୋଲି ଦାବି କରି ଧାରଣାରେ ବସିଛନ୍ତି। ବୁଧବାର ସକାଳ ୭ଟାରେ ଜୟପ୍ରକାଶ ନାରାୟଣ ସର୍ବୋଦୟ ବିଦ୍ୟାଳୟର ଶହ ଶହ ଛାତ୍ର ହାତରେ ପ୍ଲାକାର୍ଡ ଧରି ମୋହନ ସ୍କୋୟାରରେ ପହଞ୍ଚି ରାସ୍ତା ଅବରୋଧ କରିଛନ୍ତି।ରାସ୍ତା ଅବରୋଧ ଯୋଗୁ ଯାନବାହାନର ଲମ୍ବା ଧାଡି ଲାଗି ରହିଛି। ଦୁଇ ଜଣ ସିଓ, ଏଡିଏମ୍ ଏବଂ ଏସଡିଏମ୍ ସମେତ ସମାଜ କଲ୍ୟାଣ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରୁଛନ୍ତି।

# ଚୀନ୍‌ରେ ୫.୬ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୧୯।୮: ପୁଣି ଭୂକମ୍ପରେ ଥରିଲା ଚୀନ। ବୁଧବାର ସ୍ଥାନୀୟ ସମୟ ସକାଳ ୫ଟା ୩୬ ମିନିଟ୍‌ରେ ଉତ୍ତର-ପଶ୍ଚିମ ଚୀନର କିଙ୍ଗହାଇ ପ୍ରଦେଶରେ ଭୂକମ୍ପ ଅନୁଭୂତ ହୋଇଥିଲା। ଚୀନ୍ ଭୂମିକମ୍ପ ନେଟୱାର୍କସ୍ ସେଣ୍ଟର ଅନୁଯାୟୀ, ଭୂକମ୍ପର ତୀବ୍ରତା ୫.୬ ଥିଲା। ଏହାର କେନ୍ଦ୍ରସ୍ଥଳ କିଙ୍ଗହାଇର ହାଇକ୍ସି ପ୍ରଦେଶରେ ଭୂମି ତଳେ ପ୍ରାୟ ୧୦ କିଲୋମିଟର ଥିଲା। ଭୂକମ୍ପର ଗଭୀରତା କମ୍ ଥିବାରୁ, ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ବର୍ତ୍ତମାନ କୌଣସି କ୍ଷୟକ୍ଷତି କିମ୍ବା ମୃତାହତର ସୂଚନା ମିଳିନାହିଁ। ଏବେ ସ୍ଥାନୀୟ ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି।

# ଚନ୍ଦ୍ରରେ କ୍ରାସ୍ ଲ୍ୟାଣ୍ଡିଂ କଲା ସ୍ପେସଏକ୍ସ ରକେଟ୍



ୱାଶିଂଟନ, ୧୯।୮: ଆମେରିକାର ମହାକାଶ ସଂସ୍ଥା ନାସା ଚନ୍ଦ୍ରପୃଷ୍ଠରେ ଏକ ନୂତନ ବିଶାଳ ଗର୍ତ୍ତର ଚିତ୍ର ପ୍ରକାଶ କରିଛି। ଏହି ଗର୍ତ୍ତଟି ଚଳିତ ମାସ ଆରମ୍ଭରେ ସ୍ପେସ୍‌ଏକ୍ସ ରକେଟ୍ ଚନ୍ଦ୍ରରେ କ୍ରାସ୍ ଲ୍ୟାଣ୍ଡିଂ କରିବା ଦ୍ୱାରା ସୃଷ୍ଟି ହୋଇଥିଲା। ନାସାର ଲୁନାର ରିକୋନାଇସାନ୍ସ ଅର୍ବିଟର (ଏଲଆରଓ) ଅଗଷ୍ଟ ୧୧ ଓ ୧୨ ମଧ୍ୟରେ ଏହି ଚିତ୍ରଗୁଡ଼ିକ ଉଠାଇଥିଲା, ଯାହା ଅଗଷ୍ଟ ୫ ରେ ସ୍ପେସଏକ୍ସ ଫାଲକନ୍ ୯ର କ୍ରାସ୍ ଲ୍ୟାଣ୍ଡିଂ ଯୋଗୁଁ ସୃଷ୍ଟି ହୋଇଥିବା ଚିହ୍ନଗୁଡ଼ିକୁ ଦର୍ଶାଉଛି। ଛାୟାର ଲମ୍ବକୁ ଆଧାର କରି ନାସା ବୈଜ୍ଞାନିକମାନେ ଆକଳନ କରିଛନ୍ତି ଯେ ଗର୍ତ୍ତଟି ପ୍ରାୟ ୬୦ ଫୁଟ ଚଉଡା ଓ ୧୦ ଫୁଟରୁ କମ୍ ଗଭୀର। ଏହି ରକେଟ୍ ଜାନୁଆରି ୨୦୨୫ରେ ଫାୟାରଫ୍ଲାଏ ଏରୋସ୍ପେସର ବ୍ଲୁ ଘୋଷ୍ଟ ୧ ଚନ୍ଦ୍ର ଲ୍ୟାଣ୍ଡର ସହିତ ଲଞ୍ଚ୍ କରାଯାଇଥିଲା, ଯାହା ଚନ୍ଦ୍ରରେ ଏକ ସଫଳ ସଫ୍ଟ ଅବତରଣ କରିଥିଲା।

**ଦାରା ସିଂହଙ୍କ ଆଗୁଆ ଖଲାସ ଆବେଦନ**

# ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ



ନୂଆଦିଲ୍ଲୀ,୧୯।୮: ଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଦାରା ସିଂହର ଆଗୁଆ ଖଲାସ ଆବେଦନକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଏବଂ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଚାରପତି ଜଷ୍ଟିସ୍ ମନୋଜ ମିଶ୍ର ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଦିନ ଶୁଣାଣି ସମୟରେ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ସିଧାସଳଖ ଚେତାବନୀ ଦେଇ କହିଛନ୍ତି, 'ଏହି ଆବେଦନ ଉପରେ ଆପଣ ନିଷ୍ପତ୍ତି ନିଅନ୍ତୁ, ନଚେତ୍ ଆମେ ଆମର ନିଷ୍ପତ୍ତି ଶୁଣାଇବୁ। ଆମେ ଏଭଳି ଅବହେଳାକୁ ଆଦୌ ବରଦାସ୍ତ କରିବୁ ନାହିଁ'। ଆସନ୍ତା ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇ କୋର୍ଟଙ୍କୁ ଅବଗତ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବ ଶୁଣାଣିରେ ମଧ୍ୟ କୋର୍ଟ ରାଜ୍ୟ ସରକାରଙ୍କୁ ନିଷ୍ପତ୍ତି ଜଣାଇବାକୁ କହିଥିଲେ, ମାତ୍ର ବୁଧବାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଓକିଲ ଜେଲ ନିର୍ଦ୍ଦେଶାଳୟର ଏକ ଚିଠି ଉପସ୍ଥାପନ କରି ଦର୍ଶାଇଥିଲେ ଯେ କେନ୍ଦୁଝର ଜିଲ୍ଲା କାରାଗାରରୁ ଏ ସମ୍ପର୍କିତ ରିପୋର୍ଟ ଆସିବା ଏବେ ବି ବାକି ରହିଛି।

**ବାର୍ କାଉନସିଲ ନିର୍ବାଚନ**

# ବାଜି ମାରିଲା ମମତାଙ୍କ ଟିଏମ୍‌ସି



କୋଲକାତା,୧୯।୮: ପଶ୍ଚିମବଙ୍ଗ ବାର୍ କାଉନସିଲ ନିର୍ବାଚନରେ ତୃଣମୂଳ କଂଗ୍ରେସ ୨୩ରୁ ୧୫ଟି ଆସନରେ ଜବରଦସ୍ତ ବିଜୟ ହାସଲ କରିଛି। ଏହାସହ ପୂର୍ବପରି ଏଠାରେ ନିଜର ଦବଦବା ବଜାୟ ରଖିଛି। ଏଥିରେ ବିଜେପି ତିନୋଟି, ବାମ ମୋର୍ଚ୍ଚା ୩ଟି ଏବଂ କଂଗ୍ରେସ ଦୁଇଟି ସିଟରେ ବାଜିମାତ କରିଛି। ମମତା ବାନାର୍ଜୀଙ୍କ ସୁପାରିଶରେ ନିର୍ବାଚନକୁ ଓହ୍ଲାଇଥିବା ଟିଏମସିର ଆଇନଜୀବୀ ପ୍ରାର୍ଥୀ ୫ଟି ସଂରକ୍ଷିତ ମହିଳା ସିଟରୁ ୪ଟିରେ ବିଜୟୀ ହୋଇଛନ୍ତି।

ବାର୍ କାଉନସିଲର ମୋଟ୍ ୨୩ଟି ନିର୍ବାଚିତ ଆସନରୁ ୧୮ଟି ପୁରୁଷ ଏବଂ ୫ଟି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ଏଥିରୁ ୧୫ଟି ଟିଏମସି ଜିତି ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିଛି। ମହିଳା ଆସନରୁ ଦଳ ୪ଟିରେ ଜିତିଥିବା ବେଳେ କଂଗ୍ରେସ ଗୋଟିଏ ଆସନ ହାତେଇଛି। ନିର୍ବାଚନ ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବାର କାଉନସିଲ୍ ଅଫ ଇଣ୍ଡିଆ ଆହୁରି ୨ ମହିଳା ପ୍ରାର୍ଥୀଙ୍କୁ ମନୋନୀତ କରିବେ। ଫଳରେ ମୋଟ୍ ଆସନ ସଂଖ୍ୟା ୨୫ରେ ପହଞ୍ଚିବ।

ସୂଚନାଯୋଗ୍ୟ, ବାର୍ କାଉନସିଲ୍ ନିର୍ବାଚନରେ ମୋଟ୍ ୭୫ ଜଣ ପ୍ରାର୍ଥୀ ଲଢ଼ିଥିଲେ। ଟିଏମସି ୨୩, ବିଜେପି ୨୨ ଏବଂ ବାମ ମେଣ୍ଟ ୧୨ ଜଣଙ୍କୁ ଓହ୍ଲାଇଥିଲା। ସେହିପରି ସ୍ୱାଧୀନ ଭାବେ ୧୮ ଜଣ ନିଜ ଭାଗ୍ୟ ପରୀକ୍ଷା କରିଥିଲେ।

# ବିଷାକ୍ତ ମଦ ପିଇ ଗୁଜରାଟରେ ୨ ମୃତ



ଭାବନଗର,୧୯।୮: ଗୁଜରାଟର ଭାବନଗର ଜିଲ୍ଲାରେ ବୁଧବାର ବିଷାକ୍ତ ମଦ ପିଇ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଓ ଅସୁସ୍ଥ ହୋଇଥିବା ଅନ୍ୟ ୧୯ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ୪ ଜଣ ମଦ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ଗୁଜରାଟରେ ମଦ ଉତ୍ପାଦନ, ବିକ୍ରି ଓ ପିଇବା ମନା ହୋଇଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି। ଭାବନଗର ଜିଲ୍ଲାପାଳ ମନୀଷ କୁମାର କହିଛନ୍ତି ଯେ, ଲୋକମାନେ ଭାରତ ନିର୍ମିତ ବିଦେଶୀ ମଦ ବ୍ରାଣ୍ଡର ନକଲି ବୋତଲରୁ ମଦ ପିଇଥିଲେ। ପୁଲିସ ଅଧିକ୍ଷକ (ଏସ୍‌ପି) ନିତେଶ ପାଣ୍ଡେ ସୂଚନା ଦେଇଛନ୍ତି ଯେ, କିଛି ଦିନ ପୂର୍ବେ ଖରକଡି ଗାଁରେ କିଛି ଲୋକ ଏକ ଭାରତ ନିର୍ମିତ ବିଦେଶୀ ମଦ ବ୍ରାଣ୍ଡର ନକଲି ବୋତଲରୁ ମଦ ପିଇଥିଲେ, ଯାହା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା।

**ହର୍ମୁଜରେ କ୍ୟାପଟେନ୍ ନିଖୋଜ୍ ମାମଲା**

# କେନ୍ଦ୍ର ସରକାରଙ୍କଠାରୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୯।୮: ହର୍ମୁଜ୍ ପ୍ରଣାଳୀରେ କ୍ଷେପଣାସ୍ତ୍ର ଦ୍ୱାରା ଆଘାତ ପାଇଥିବା ଭାରତୀୟ କ୍ରୁଜ ଏମଟି ସ୍କାଏଲାଇଟର କ୍ୟାପଟେନ୍ ଆଶିଷ କୁମାରଙ୍କ ନିଖୋଜ ସମ୍ପର୍କିତ ରହସ୍ୟ ଆହୁରି ଘନେଇବାରେ ହେବାରେ ଲାଗିଛି। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏହି ରହସ୍ୟର ସମାଧାନ ଏବଂ ପରିସ୍ଥିତି ସମ୍ପର୍କରେ ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧ ତାରିଖରେ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଉପରେ ହୋଇଥିବା ଘାତକ କ୍ଷେପଣାସ୍ତ୍ର ଆକ୍ରମଣ ପରଠାରୁ କ୍ୟାପଟେନ୍ ଆଶିଷ କୁମାର ନିଖୋଜ ଅଛନ୍ତି। ପ୍ରଥମେ ଅଗ୍ନିକାଣ୍ଡରେ ଜାହାଜର କ୍ୟାପଟେନଙ୍କ କ୍ୟାବିନରୁ ମିଳିଥିବା ଅବଶେଷକୁ ଆଧାର କରି ତାଙ୍କୁ ମୃତ ବୋଲି ଅନୁମାନ କରାଯାଇଥିଲା।

ତେବେ ଡିଏନଏ ପରୀକ୍ଷା ପରେ ନିଶ୍ଚିତ ହୋଇଥିଲା ଯେ ଅବଶେଷଗୁଡ଼ିକ କ୍ୟାପଟେନ ଆଶିଷଙ୍କର ନୁହେଁ। ଏହି ସମୟରେ କ୍ୟାପଟେନ ଆଶିଷଙ୍କ ପତ୍ନୀ ଅଂଶୁ କୁମାରୀ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରି ଗମ୍ଭୀର ଅଭିଯୋଗ ଆଣିଛନ୍ତି। ପିଟିସନ ଅନୁଯାୟୀ, ଘଟଣାର ତିନିଦିନ ପରେ ତାଙ୍କୁ ୟୁଏଇ ଓ ପାକିସ୍ତାନ ସମେତ ଅନ୍ତର୍ଜାତୀୟ ନମ୍ବରରୁ କଲ୍ ଆସିଥିଲା। ଆଶିଷଙ୍କୁ ମୁକ୍ତ କରିବା ପାଇଁ ଫୋନ୍ କଲ୍‌ରେ ୨୦ ଲକ୍ଷ ଟଙ୍କା ଦାବି କରାଯାଇଥିଲା।

ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କ୍ୟାପଟେନ ଆଶିଷ କୁମାରଙ୍କୁ ଖୋଜିବା ଏବଂ ଏକ ବିସ୍ତୃତ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ସୋମବାର ସୁଦ୍ଧା ଏହି ମାମଲାରେ ଜବାବ ଦାଖଲ କରିବେ ବୋଲି ସଲିସିଟର ଜେନେରାଲ କୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଜମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ



**ଗୁରୁତ୍ୱପୂର୍ଣ୍ଣ ବୟାନ ଦେଲେ ଆମେରିକୀୟ ରାଷ୍ଟ୍ରଦୂତ**

ନୂଆଦିଲ୍ଲୀ,୧୯।୮: ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ପାକିସ୍ତାନକୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରି କହିଛନ୍ତି ଯେ, ଜମ୍ମୁ ଓ କାଶ୍ମୀର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ଶ୍ରୀନଗରରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ଭେଟିବା ପରେ, ସେ ସଙ୍କେତ ଦେଇଥିଲେ ଯେ, ୱାଶିଂଟନ ଜମ୍ମୁ-କାଶ୍ମୀର ପାଇଁ ଏହାର ଯାତ୍ରା ସତର୍କତା ସମୀକ୍ଷା କରିପାରେ । ସେ କହିଛନ୍ତି ଯେ, ଉନ୍ନତ ସୁରକ୍ଷା ପରିସ୍ଥିତି ଆମେରିକୀୟ ପର୍ଯ୍ୟଟକମାନଙ୍କୁ ଏହି ଅଞ୍ଚଳ ପରିଦର୍ଶନ କରିବା ପାଇଁ ପଥ ପ୍ରଶସ୍ତ କରିବା ଉଚିତ।

ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସାକ୍ଷାତର ଏକ ଫଟୋ ସେୟାର କରି ସେ କହିଛନ୍ତି ଯେ ତାଙ୍କୁ ଭେଟିବା ଓ ତାଙ୍କର ପ୍ରାଥମିକତା ବିଷୟରେ ଅଧିକ ଜାଣିବା ଏକ ଆନନ୍ଦଦାୟକ ଘଟଣା। ଗୋର୍ କହିଛନ୍ତି, ଆମେ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବା ଓ ଆମ ଉଭୟ ଦେଶକୁ ଲାଭଦାୟକ ସୁଯୋଗ ସୃଷ୍ଟି କରିବା ପାଇଁ ଆଲୋଚନା କରିଛୁ। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ କହିଛନ୍ତି ଯେ, ଜମ୍ମୁ ଏବଂ କାଶ୍ମୀର ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏଠାକୁ ଆସି ବହୁତ ଭଲ ଅନୁଭବ ହେଉଛି । ସେ କହିଛନ୍ତି, ଏହି ସ୍ଥାନଟି ବହୁତ ସୁନ୍ଦର। ମୁଁ ଏଠାରେ ଆସି ଏହାକୁ ଦେଖି ବହୁତ ଉତ୍ସାହିତ। ଆମର ଏକ ସୁନ୍ଦର ବୈଠକ ହୋଇଥିଲା।

ଗୋର୍ କହିଛନ୍ତି ଯେ, ନୂଆଦିଲ୍ଲୀ ଓ ଏଠାକାର ସରକାର ଏହି ଅଞ୍ଚଳକୁ ସୁରକ୍ଷିତ କରିବା ପାଇଁ ଉତ୍କୃଷ୍ଟ ପଦକ୍ଷେପ ନେଇଛନ୍ତି। ତେଣୁ ଆମେ ଦେଖିବୁ ଯେ ଆମେରିକା ଦ୍ୱାରା ଜାରି କରାଯାଇଥିବା ଟ୍ରାଭେଲ ୱାର୍ଣ୍ଣିଂକୁ ହ୍ରାସ କରାଯାଇ ପାରିବ କି ନାହିଁ ।

**ହନିମୁନ୍‌ରେ ସ୍ତ୍ରୀଙ୍କ ପେଟ ବିନ୍ଧିଲା**

# ସାହାଯ୍ୟ ବଦଳରେ ତଣ୍ଟି ଚିପିଲା ସ୍ୱାମୀ

ଗୋରଖପୁର,୧୯।୮: ହନିମୁନରେ ନେଇ ସ୍ତ୍ରୀଙ୍କୁ ଅକଥନୀୟ ନିର୍ଯାତନା ଦେବାପରେ ସ୍ୱାମୀ ନାଁରେ ସାଙ୍ଘାତିକ ଅଭିଯୋଗ । ହନିମୁନରେ ମାସିକ ଋତୁସ୍ରାବ ହେବାରୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରୁଥିଲା ସ୍ୱାମୀ । ଉତ୍ତରପ୍ରଦେଶର ଗୋରଖପୁରର ଜଣେ ମହିଳା ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ମହିଳା ଜଣକ ୨୦୨୩ ରେ ଦିଲ୍ଲୀର ବାସିନ୍ଦା ନିଖିଲ ମିଶ୍ରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ତାଙ୍କ ବାପା ପ୍ରାୟ ୨୦ ଲକ୍ଷ ନଗଦ ଟଙ୍କା, ଗୋଟିଏ କାର୍ ଏବଂ ପ୍ରାୟ ୪୦ ଲକ୍ଷ ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଦେଇଥିବା ସେ ଦାବି କରିଛନ୍ତି। ପରେ ଏହି ସାମଗ୍ରୀକୁ ନେଇ ଶାଶୂଘର ଲୋକେ ତାଙ୍କୁ ଟାହିଟାପରା କରିବା ଓ ଅପମାନିତ କରୁଥିବା ଅଭିଯୋଗ ହୋଇଛି। ବିବାହର ପ୍ରାୟ ଏକ ମାସ ପରେ, ଜୁଲାଇ ୪ ତାରିଖରେ ଦମ୍ପତି ଆଣ୍ଡାମାନ ଓ ନିକୋବରକୁ ହନିମୁନରେ ଯାଇଥିଲେ। ସେଠାରେ ମହିଳାଙ୍କ ମାସିକ ଋତୁସ୍ରାବ ହେବା ସହ ତୀବ୍ର ପେଟ ଯନ୍ତ୍ରଣା ଓ ଅଧିକ ରକ୍ତସ୍ରାବ ହୋଇଥିଲା ବୋଲି ଅଭିଯୋଗରେ କୁହାଯାଇଛି। ଏହାପରେ ସ୍ୱାମୀ ରାଗିଯାଇଥିଲେ ଓ ଚାପୁଡ଼ା, ଗୋଇଠା ଓ ମୁଥ ମାରିବା ସହ ତଣ୍ଟି ଚିପିଥିଲେ।

# ଇମ୍ରାନଙ୍କୁ ଭେଟିଲେ ଭଉଣୀ ଓ ପତ୍ନୀ



ଇସଲାମାବାଦ, ୧୯।୮: ପାକିସ୍ତାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ତାଙ୍କ ଭଉଣୀ ନୌରିନ ନିୟାଜି ଓ ପତ୍ନୀ ବୁଶରା ବିବି ରାୱଲପିଣ୍ଡିର ଆଡିୟାଲା ଜେଲରେ ଭେଟିଛନ୍ତି। ନଅ ମାସ ପରେ ଭଉଣୀ ନୌରିନ ଇମ୍ରାନ ଖାନଙ୍କୁ ଭେଟିଛନ୍ତି। ୧୫ ମିନିଟର ଏହି ସାକ୍ଷାତ ସମୟରେ ପରିବାର ଲୋକ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଚିକିତ୍ସା ପାଇଁ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ପଠାଯାଇଛି। ଇମ୍ରାନ ପତ୍ନୀ ବୁଶରା ବିବିଙ୍କୁ ପାଖାପାଖି ୩୦ରୁ ୩୫ ମିନିଟ ଧରି ଭେଟିଥିଲେ। ସାକ୍ଷାତ ପରେ ନୌରିନ୍ ଇମ୍ରାନଙ୍କୁ ଭେଟିଥିବା ସ୍ପଷ୍ଟ କରିଛନ୍ତି। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଣମାଧ୍ୟମ ସହିତ ସେ କଥା ହୋଇନଥିଲେ। ନୌରିନ୍ ତାଙ୍କ ଭଉଣୀ ଅଲିମା ଖାନ ଓ ଉଜମା ଖାନଙ୍କ ସହ ଆଡିୟାଲା ଜେଲକୁ ଯିବା ବାଟରେ ଦହଗଲ ଚେକପଏଣ୍ଟରେ ପହଞ୍ଚିଥିଲେ। ପୁଲିସ ତିନି ଜଣଙ୍କୁ ଅଟକାଇ ଦେଇଥିଲା। ପରେ କେବଳ ନୌରିନ୍‌ଙ୍କୁ ଇମ୍ରାନଙ୍କୁ ଭେଟିବା ପାଇଁ ଜେଲ ଭିତରକୁ ଅନୁମତି ଦିଆଯାଇଥିଲା। ୧୫ ମିନିଟ୍‌ର ସାକ୍ଷାତ ପରେ ନୌରିନ୍ ଇମ୍ରାନଙ୍କୁ ଭେଟିବା ନିଶ୍ଚିତ କରିଥିଲେ।

# ୨୦୨୭ ସୁଦ୍ଧା ଖାଦ୍ୟ ପାନୀୟ ଦର ହେବ ଆକାଶଛୁଆଁ

## ଜେପି ମୋର୍ଗାନର ଚାଞ୍ଚଲ୍ୟକର ଚେତାବନୀ



ନୂଆଦିଲ୍ଲୀ,୧୯।୮: ୨୦୨୭ ସୁଦ୍ଧା ଭାରତରେ ଖାଦ୍ୟ ଏବଂ ପାନୀୟ ସାମଗ୍ରୀ ଦର ଅସମ୍ଭାଳ ହୋଇପାରେ। ବହୁରାଷ୍ଟ୍ରୀୟ ବିତ୍ତୀୟ ସେବା କମ୍ପାନି ଜେପି ମୋର୍ଗାନ ଏହି ଚେତାବନୀ ଦେଇଛି। ରିପୋର୍ଟ ଅନୁସାରେ, ଭାରତ ସରକାରଙ୍କ ଉପରେ ୩ ଲକ୍ଷ କୋଟି ଟଙ୍କାର ସବ୍‌ସିଡି ବୋଝ ବଢ଼ିବ।

ଜେପି ମୋର୍ଗାନ ପ୍ରକାଶ କରିଛି ଯେ, ଦରଦାମ ବୃଦ୍ଧିର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିବ। ସାର ଅଭାବ, ଭୂରାଜନୈତିକ ଅସ୍ଥିରତା ସହ ଏଲ୍‌ନିନୋ ରୂପକ ଝଡ଼ ଯୋଗୁ ସଂକଟ ଅଧିକ ବଢ଼ିବ। ବର୍ଷ ୨୦୨୭ର ପ୍ରଥମ ୬ ମାସରେ ବିଶ୍ୱ ସ୍ତରରେ ଖାଦ୍ୟ ପାନୀୟ ସାମଗ୍ରୀ ଦାମ ୫% ପର୍ଯ୍ୟନ୍ତ ବଢ଼ିପାରେ। ୨୦୨୬ର ପ୍ରଥମ ୬ ମାସରେ ଏହି ଅଙ୍କ ୨.୮% ଥିଲା। ଭାରତ ପାଇଁ ଏ ଚେତାବନୀ ଏଥିପାଇଁ ଗୁରୁତ୍ୱ ବହନ କରୁଛି କାରଣ ଦେଶରେ ପୂର୍ବରୁ ହିଁ ସାର ବଡ଼ ମାତ୍ରାରେ ମହଙ୍ଗା ହୋଇସାରିଲାଣି।

ବିଶ୍ୱର ୪୨% ୟୁରିଆ ଏବଂ ୨୭% ଆମୋନିଆ ମଧ୍ୟପ୍ରାଚ୍ୟରୁ ଆସିଥାଏ। ଯଦି ସେଠାରେ ଯୁଦ୍ଧ କିମ୍ବା ଅସ୍ଥିରତା ଯୋଗୁ ଯୋଗାଣ ପ୍ରଭାବିତ ହୁଏ ତେବେ ସମଗ୍ର ବିଶ୍ୱରେ ଭୟଙ୍କର ସାର ଅଭାବ ସ୍ଥିତି ଉପୁଜିବ ଏବଂ ଦାମ ଆକାଶ ଛୁଇଁବ। ୟୁରିଆ ଭଳି ସାର ପ୍ରସ୍ତୁତ କରିବାରେ ପ୍ରାକୃତିକ ଗ୍ୟାସ୍‌ର ସବୁଠୁ ଅଧିକ ବ୍ୟବହାର ହୋଇଥାଏ। ଯଦି ଗ୍ୟାସ ମହଙ୍ଗା ହୁଏ ତେବେ ସାର ଉତ୍ପାଦନ ବି ମହଙ୍ଗା ହୋଇଯିବ। ସାର ମହଙ୍ଗା ହେବା ଦ୍ୱାରା ଚାଷୀ ଏହାର ବ୍ୟବହାର କମାଇବେ, ଯାହାଫଳରେ ଫସଲ ଉତ୍ପାଦନ କମିଯିବ। ଫସଲ ଉତ୍ପାଦନ କମିବା ଦ୍ୱାରା ଦରଦାମ ତେଜିବା ସ୍ୱାଭାବିକ।

ଥରେ ସାର କାରଖାନା କିମ୍ବା ଗ୍ୟାସ୍ ପ୍ଲାଣ୍ଟ ଯୁଦ୍ଧ ଯୋଗୁ ବନ୍ଦ କିମ୍ବା ପ୍ରଭାବିତ ହେଲେ ସେଗୁଡ଼ିକ ପୁଣି ଥରେ ଠିକ୍ ହେବା। ପ । ଇଁ ବର୍ଷେରୁ ୫ ବର୍ଷ ପର୍ଯ୍ୟନ୍ତ ଲମ୍ବା ସମୟ ଲାଗିପାରେ। ଏଭଳି ସ୍ଥିତିରେ ସାର ଯୋଗାଣ ବଡ଼ ଆକାରରେ ବ୍ୟାହତ ହେବ।

ପ୍ରଥମ ଟେଷ୍ଟ: ପାଡିକଲ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍

# ଭାରତକୁ ଅପରାଜେୟ ଅଗ୍ରଣୀ

## ସୂତାରଙ୍କୁ ୧୦ ୱିକେଟ୍‌ର ସଫଳତା

ଗଲ୍, ୧୯।୮: ଚଳିତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ରେ ଭ୍ରମଣକାରୀ ଭାରତ ଅପରାଜେୟ ଅଗ୍ରଣୀ ଲାଭ କରିଛି। ଦଳ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ପରାସ୍ତ କରି ଏହି ସଫଳତା ପାଇଛି। ପ୍ରଥମ ଇନିଂସରେ ଭାରତ ୪୬୨ ରନ୍ କରିବା ପରେ ଶ୍ରୀଲଙ୍କା ୨୮୪ ରନ୍ କରି ପ୍ରଥମ ଇନିଂସ ଭିତ୍ତିରେ ୧୭୮ ରନ୍‌ରେ ପଛୁଆ ଥିଲା। ଏହାପରେ ଭାରତ ତା'ର ଦ୍ୱିତୀୟ ଇନିଂସରେ ୧୯୩ ରନ୍ କରିବା ଫଳରେ ଶ୍ରୀଲଙ୍କା ଆଗରେ ବିଜୟ ପାଇଁ ୩୭୨ ରନ୍‌ର ଲକ୍ଷ୍ୟ ରହିଥିଲା। ଏହାର ପିଛା କରି ଆଜି ମ୍ୟାଚ୍‌ର ଅନ୍ତିମ ଦିନରେ ଶ୍ରୀଲଙ୍କା ୨୦୬ ରନ୍‌ରେ



ମ୍ୟାଚ୍‌ର ସଫଳତମ ବୋଲର୍ ମାନବ ସୂତାର

ଅଲ୍‌ଆଉଟ୍ ହୋଇଯାଇଛି। ପ୍ରଥମ ଇନିଂସରେ ଚମତ୍କାର ଶତକ ହାସଲ କରିଥିବା ଭାରତୀୟ ବାମହାତୀ ବ୍ୟାଟ୍ସମ୍ୟାନ୍ ଦେବଦତ୍ତ ପାଡିକଲ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହ ମ୍ୟାଚ୍‌ରେ ଯୁବ ସ୍ପିନର୍ ମାନବ ସୂତାର ୧୦ଟି ୱିକେଟ୍ ହାସଲ କରି ଭାରତର ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି।

ଗତକାଲି ଶ୍ରୀଲଙ୍କା ତା'ର ଦ୍ୱିତୀୟ ଇନିଂସରେ ୪ ୱିକେଟ୍ ହରାଇ ୮୪ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଥମ ଇନିଂସର ଶତକଧାରୀ ସୋନାଲ୍ ଦିନୁଶା ଓ ଧନଞ୍ଜୟ ଡି'ସିଲ୍‌ଭା ଯଥାକ୍ରମେ ୩୪ ଓ ୩୧ ରନ୍ କରି ଅପରାଜିତ ଥିଲେ। ଉଭୟ ବ୍ୟାଟ୍ସମ୍ୟାନ୍ ଆଜି ଏହିଠାରୁ ଖେଳ ଆରମ୍ଭ କରି ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ।

ତେବେ ପଞ୍ଚମ ୱିକେଟ୍‌ରେ ୯୫ ରନ୍ ଯୋଡ଼ିବା ପରେ ଧନଞ୍ଜୟ ବ୍ୟକ୍ତିଗତ ଭାବେ ୫୯ ରନ୍ କରି ଆଉଟ୍ ହୋଇଥିଲେ। ପରେ ଦିନୁଶା ୮ ଚୌକା ସ ଗୋଟିଏ ଛକା ସହ ୮୪ ରନ୍ କରିଥିଲେ ହେଁ ଏହା କେବଳ ଦଳର ପରାଜୟ ବ୍ୟବଧାନକୁ ହ୍ରାସ କରିପାରିଥିଲା।

ଅନ୍ୟ ବ୍ୟାଟ୍ସମ୍ୟାନ୍‌ଙ୍କ ମଧ୍ୟରେ କେଶରା ନୁୱନ୍ତା କିଛି ସମୟ ପାଇଁ ଭାରତୀୟ ବୋଲର୍‌ଙ୍କ ମୁକାବିଲା କରି ୨୦ ରନ୍ କରିଥିଲେ। ଭାରତ ପକ୍ଷରୁ ସୂତାର ସର୍ବାଧିକ ୬ଟି, ପ୍ରସିଦ୍ଧ କ୍ରିଷ୍ଣା ୨ଟି ଏବଂ ମହମ୍ମଦ ସିରାଜ୍ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସିରିଜ୍‌ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ୍ ଆସନ୍ତା ୨୩ରୁ କଲମ୍ବୋଠାରେ ଆରମ୍ଭ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫ ବର୍ଷରୁ ଉର୍ଦ୍ଧ୍ୱ...

ବର୍ଷରୁ ଅଧିକ ସମୟ ଗୋଟିଏ ଦାୟିତ୍ୱ କିମ୍ବା ବିଭାଗରେ ରହିପାରିବେ ନାହିଁ। ବାହାର ସଂସ୍ଥାଗୁଡ଼ିକର ବିଲିଂ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ବ୍ୟକ୍ତିବିଶେଷଙ୍କ ନାମ ବଦଳରେ କେବଳ ପ୍ରକୃତ କାର୍ଯ୍ୟ କରିଥିବା ଦିନ ବା ଘଣ୍ଟା ହିସାବରେ ପାରିଶ୍ରମିକ ପ୍ରଦାନ କରାଯିବ। ଏଥିସହ ଉକ୍ତ ବାହ୍ୟ ନିଯୁକ୍ତି ଦ୍ୱାରା କୌଣସି ନୂଆ ପଦବୀ ସୃଷ୍ଟି ହୋଇଛି ବୋଲି ବିବେଚନା କରାଯିବ ନାହିଁ କିମ୍ବା ସେମାନଙ୍କୁ କୌଣସି ନିୟମିତ ମଞ୍ଜୁରୀପ୍ରାପ୍ତ ସରକାରୀ ପଦବୀ ଆଧାରରେ କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ ନାହିଁ। ଏହାଛଡ଼ା ରାଜ୍ୟ ସରକାର ନିଜସ୍ୱ କର୍ମଚାରୀଙ୍କୁ ଦକ୍ଷ, ପ୍ରଶିକ୍ଷିତ ସହ ସେମାନଙ୍କ ଜ୍ଞାନ ବୃଦ୍ଧି କରାଇବା ଉପରେ ଗୁରୁତ୍ୱ ଦେବାକୁ ବିଭାଗଗୁଡ଼ିକୁ କହିବା ସହ ନିଜ ଅଫିସରମାନଙ୍କ ଦକ୍ଷତାର ପୁନଃଆକଳନ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଓ ଗ୍ରୁମିଂ ଦେଇ ବିଭାଗଗୁଡ଼ିକ ଏଭଳି ପ୍ରସ୍ତୁତ କରିବେ, ଯାହାଫଳରେ ସେମାନେ ଭବିଷ୍ୟତରେ ଏହି ବାହ୍ୟ କନ୍‌ସଲଟାଣ୍ଟମାନଙ୍କ ସ୍ଥାନ ନେଇପାରିବେ। ଏଥିପାଇଁ ପ୍ରତ୍ୟେକ ପିଏମଓୟୁ ବା ଟିଏସୟୁରେ କନସଲଟାଣ୍ଟମାନଙ୍କ ସହ ନିୟମିତ ସରକାରୀ କର୍ମଚାରୀଙ୍କୁ ମୁତୟନ କରିବା ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ବିଭାଗରେ ୫ ଜଣ କନ୍‌ସଲଟାଣ୍ଟ ଅଛନ୍ତି, ତା'ହେଲେ ସେଠାରେ ଅତି କମରେ ୨ ଜଣ ସରକାରୀ କର୍ମଚାରୀ, ୫ରୁ ୧୦ ଜଣ କନସଲଟାଣ୍ଟ ଥିଲେ ୪ ଜଣ ଓ ୧୦ରୁ ୧୫ ଜଣ ଥିଲେ ୬ ଜଣ ନିୟମିତ ସରକାରୀ କର୍ମଚାରୀ ସେମାନଙ୍କ ସହ ମିଶି କାର୍ଯ୍ୟ କରିବେ। ଏହି ଅଧିକାରୀମାନଙ୍କୁ କୌଣସି ରୁଟିନ୍ କାର୍ଯ୍ୟ ଦିଆ ନ ଯାଇ କେବଳ ପ୍ରୋଜେକ୍ଟ କାମରେ ହିଁ ନିୟୋଜିତ ରଖାଯିବ ଓ ସେମାନଙ୍କ ବାର୍ଷିକ କାର୍ଯ୍ୟ ମୂଲ୍ୟାୟନ ସମ୍ପୃକ୍ତ ପିଏମଓୟୁର ମୁଖ୍ୟଙ୍କ ଦ୍ୱାରା ମଧ୍ୟ କରାଯିବ।

### ଓଡ଼ିଶାକୁ ୩ଟି...

ଧବଳେଶ୍ୱର ମନ୍ଦିର, ଲଳିତଗିରି ବୌଦ୍ଧ ଐତିହ୍ୟସ୍ଥଳୀ ଆଦି ପ୍ରମୁଖ ସ୍ଥାନକୁ ରେଳ ଯୋଗାଯୋଗରେ ସୁଧାର ଆସିବ। ସେହିପରି ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଓ ଇସ୍ପାତ, କଣ୍ଟେନର୍, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ। ଭାରତୀୟ ରେଳବାଇର ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏଥିସହ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ଏହା ସହାୟତା କରିବ। ଏହାଦ୍ୱାରା ତେଲ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଓ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଗ୍ରା ହ୍ରାସ ପାଇବ, ଯାହାକି ୨ କୋଟି ୬୦ ଲକ୍ଷ ଗଛ ସହ ସମାନ।

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ...

ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ମାଲ ଓ ଯାତ୍ରୀ ପରିବହନ କରିଡରରେ ଭିଡ଼ ହ୍ରାସ କରିବା ସହ ଉପକୂଳବର୍ତ୍ତୀ ଓ ଶିଳ୍ପାଞ୍ଚଳଗୁଡ଼ିକରେ ରେଳ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ। ଏହା ଓଡ଼ିଶାର ରେଳ ଭିତ୍ତିଭୂମି ପାଇଁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବ। ରେଳ ପରିବହନ କ୍ଷମତା ବୃଦ୍ଧି ଦ୍ୱାରା କୋଇଲା, ଲୁହାପଥର, ସିମେଣ୍ଟ ଓ ଖାଦ୍ୟଶସ୍ୟ ଭଳି ଓଡ଼ିଶା ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପରିବହନ ଅଧିକ ସୁଗମ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଥିସହ ଭିତରକନିକା ଜାତୀୟ ଉଦ୍ୟାନ, କୁଲଡ଼ିହା ଅଭୟାରଣ୍ୟ, ଚାନ୍ଦିପୁର ବେଳାଭୂମି, ଗଡ଼ଜଙ୍ଗଳ ଜଗନ୍ନାଥ ମନ୍ଦିର, ଧବଳେଶ୍ୱର ମନ୍ଦିର, ସାରଳା ମନ୍ଦିର ଓ ଲଳିତଗିରି ବୌଦ୍ଧ ଐତିହ୍ୟସ୍ଥଳୀ ଭଳି ପର୍ଯ୍ୟଟନ ଓ ଧାର୍ମିକ ସ୍ଥାନକୁ ଯୋଗାଯୋଗ ଆହୁରି ସୁଦୃଢ଼ ହେବା ଫଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଓ ସ୍ଥାନୀୟ ଜୀବିକାକୁ ନୂଆ ଗତି ମିଳିବ। ହଜାର ହଜାର ଗାଁ ଓ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଉନ୍ନତ ରେଳ ଯୋଗାଯୋଗ ସୁବିଧା ଉପଲବ୍ଧ ହେବା ଏହି ପ୍ରକଳ୍ପର ଅନ୍ୟତମ ପ୍ରମୁଖ ଲାଭ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ବିଶ୍ୱସ୍ତରୀୟ ହେବ...

ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନିକାଲ ବ୍ଲକ୍‌ଗୁଡ଼ିକରେ ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ହସ୍ପିଟାଲ ସଂଲଗ୍ନ ତାଳଚେର କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଓ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଓ ତାଳଚେର କେନାଲ ସଂଯୋଜିତ ଗ୍ରୀନ୍ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଅଧୀନରେ ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଓ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହ ସଂଯୋଜିତ କରାଯାଉଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜଧାନୀରେ ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳୀ ହନୁମାନ ବାଟିକାର ବିକାଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ (ଓବିସିସି) ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଡିଜାଇନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ବାଟିକା ନିକଟରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଓ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

### ହୋଟେଲ୍‌ରେ ଅଗ୍ନିକାଣ୍ଡ...

କାରଣ ଜଣାପଡ଼ି ନଥିଲେ ମଧ୍ୟ ଏୟାର କଣ୍ଡିସନର (ଏସି) ଫାଟି ହୋଟେଲରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ ଘଟିବା ପରେ ସମଗ୍ର ହୋଟେଲରେ ଧୂଆଁ ଭରିଯିବା ସହ ଆଖପାଖ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। ନିଶାର୍ଦ୍ଧ ହୋଇଥିବାରୁ ହୋଟେଲରେ ଥିବା ଲୋକମାନେ ନିଆଁ ଭିତରେ ଫସି ରହିଥିବା କୁହାଯାଉଛି। ମୃତ୍ୟୁବରଣ କରିଥିବା ଲୋକମାନେ ବାଂଲାଦେଶର ନାଗରିକ ବୋଲି ଅଗ୍ନିଶମ ବିଭାଗ କହିଛି। ତେବେ ମୃତକଙ୍କ ମଧ୍ୟରେ ଜଣେ ଝାଡ଼ଖଣ୍ଡର ନାଗରିକ ଅଛନ୍ତି। ଚିକିତ୍ସା ପାଇଁ କୋଲକାତା ଆସିଥିବା ବେଳେ ସେମାନେ ଏଭଳି ଅଗ୍ନି ବିପତ୍ତିର ସାମ୍ନା କରିଥିବା ସମ୍ବାଦ ଏଜେନ୍ସି ଏଏନଆଇ ରିପୋର୍ଟ କରିଛି। ହୋଟେଲରେ ମୌଳିକ ଅଗ୍ନି ନିରାପତ୍ତାମୂଳକ ବ୍ୟବସ୍ଥାର ଅଭାବ ଥିଲା ବୋଲି ପ୍ରାଥମିକ ତଦନ୍ତ ପରେ ପୁଲିସ୍ ପ୍ରକାଶ କରିଛି।

### ଅନଲାଇନ୍ ଗାଡ଼ି...

ଆରମ୍ଭ କଲେ। ଶିଶୁଭବନ ଛକରୁ ବାଣୀବିହାର ରାସ୍ତାର ଦୁଇ ପାର୍ଶ୍ୱରେ ଯାତାୟାତ ବନ୍ଦ। ଷ୍ଟେସନକୁ ଯାଉଥିବା ଯାତ୍ରୀ ହୁଅନ୍ତୁ ଅଥବା ମେଡ଼ିକାଲ ଯାଉଥିବା ରୋଗୀ କିମ୍ବା ଅଫିସ ଯାଉଥିବା ସାଧାରଣ ଲୋକେ, ସମସ୍ତେ ଏହି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହେଲେ। ଆମ ବସ୍ ଉପରେ ନିର୍ଭର କରୁଥିବା ଲୋକେ ମଧ୍ୟ ନାହିଁ ନ ଥିବା ଅସୁବିଧାର ଶିକାର ହେଲେ। ପୁଲିସ ଡ୍ରାଇଭରଙ୍କୁ ହଟାଇବାକୁ ଉଦ୍ୟମ କରିବା ସମୟରେ ହଠାତ ଆରମ୍ଭ ହୋଇଥିଲା ଅତର୍କିତ ଢେଲାପଥର ମାଡ଼। ଯାହା ଫଳରେ ଭାଙ୍ଗିରୁଜି ଯାଇଥିଲା ଆମ ବସ୍, ପୁଲିସ ଗାଡ଼ି। ଡ୍ରାଇଭରଙ୍କ ଆକ୍ରୋଶରୁ ବର୍ତ୍ତି ନ ଥିଲେ ନିଜେ କ୍ୟାପିଟାଲ ଥାନାଧିକାରୀ। ପରିସ୍ଥିତି ଅଣାୟତ ହେବାରୁ ଭୁବନେଶ୍ୱର ଡିସିପି ନିଜେ ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚି ଉତ୍ୟକ୍ତ ଡ୍ରାଇଭରଙ୍କୁ ଘଉଡ଼ାଇବା ପାଇଁ ମୃଦୁ ଲାଠିଚାଳନା କରିଥିଲେ। ପ୍ରାୟ ୧ ଘଣ୍ଟାର ହାଇଡ୍ରାମା ପରେ ରାସ୍ତା ସ୍ୱାଭାବିକ ହୋଇଥିଲା। ଆନ୍ଦୋଳନ ଯୋଗୁଁ ଉଭୟ ପୁଲିସ ଓ ଡ୍ରାଇଭର ସଂଘର ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନଲାଇନ୍ ଟ୍ୟାକ୍ସିର ଭଡ଼ା ଉପରେ ସରକାରଙ୍କ ନିୟନ୍ତ୍ରଣ ରହିବା ସହ ଯାତ୍ରୀଙ୍କ ପାଇଁ ଫିକ୍ସ ରେଟ୍ ନିର୍ଦ୍ଧାରଣ କରିବାକୁ ସଂଗଠନ ଦାବି କରିଛି। ଦିନରେ କିମି ପିଛା ୧୨ ଟଙ୍କା ଓ ରାତିରେ କିମି ପିଛା ୧୫ ଟଙ୍କା ଭଡ଼ା ନିର୍ଦ୍ଧାରଣ ପାଇଁ ଦାବି କରିଛନ୍ତି ଡ୍ରାଇଭର। ଏଭଳି ସ୍ଥିତିରେ ପୁଣିଥରେ ମାନବିକତା ଦେଖାଇଛି ଖାକି ବର୍ଦ୍ଦି। ବିମାନବନ୍ଦରରେ ମୁତୟନ ଥିବା ପିସିଆର ଏବେ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଉଛି। ମେଡିକାଲ୍ ଏମର୍ଜେନ୍ସି ଥିଲେ ବିମାନବନ୍ଦରରୁ ହସ୍ପିଟାଲ୍ ପହଞ୍ଚାଇବା ସହ ବରିଷ୍ଠ ନାଗରିକଙ୍କୁ ମଧ୍ୟ ପିସିଆର ଯୋଗେ ଘରେ ଛାଡୁଛି ପୁଲିସ୍।

### ୧୪୭ ଚାଳକ...

ଲଙ୍କାକାଣ୍ଡରେ ଆହୁରି ୫ ଶହ ଚାଳକ ସାମିଲ ଥିବା ନେଇ ଜାଣିବାକୁ ପାଇଛି କମିଶନରେଟ ପୁଲିସ। ଗାଡ଼ି ନମ୍ବର ଆଧାରରେ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। କିଛି ଅଭିଯୁକ୍ତ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି। ସମସ୍ତଙ୍କୁ ତୁରନ୍ତ ଧରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ଆଜି ମଧ୍ୟାହ୍ନ ସମୟରେ ରାସ୍ତା ବ୍ଲକ୍ କରିବା ସାଙ୍ଗରେ ନିଜର ଦାବି ପାଇଁ ଆନ୍ଦୋଳନ କରିଥିଲେ ଅନଲାଇନ ଚାଳକ ସଂଘ। ପୁଲିସ ହଟାଇବାକୁ ଉଦ୍ୟମ କରିବା ବେଳେ ଚାଳକଙ୍କ ପକ୍ଷରୁ ପୁଲିସ କର୍ମଚାରୀଙ୍କ ଉପରେ ହେଇଥିଲା ଢେଲାମାଡ଼, ଯେଉଁଥିରେ ୧୩ ପୁଲିସ କର୍ମଚାରୀ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

### ରଦ୍ଦ ହେବ ପରମିଟ...

ପ୍ରକ୍ରିୟା। ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୦୦ ଗାଡ଼ି ଚିହ୍ନଟ କରି ପରମିଟ କ୍ୟାନ୍ସଲ କରିବା ପ୍ରକ୍ରିୟା ଆରମ୍ଭ କରିଛି ପରିବହନ ବିଭାଗ। କେବଳ ପରମିଟ ନୁହେଁ ଆର୍‌ସିକୁ ମଧ୍ୟ ରଦ୍ଦ କରିବ ବିଭାଗ। ଆଗାମୀ ଦିନରେ ଏହି ଗାଡ଼ିଗୁଡ଼ିକ ଯେପରି ଓଡ଼ିଶାର କୌଣସି ସ୍ଥାନରେ ଚାଲି ନ ପାରିବ, ସେନେଇ ବ୍ୟବସ୍ଥା କରାଯିବ। ଚାଳକମାନଙ୍କର ଲାଇସେନ୍ସ କ୍ୟାନ୍ସଲ କରିବା ପାଇଁ ମଧ୍ୟ ଚିନ୍ତା କରୁଛି ବିଭାଗ ବୋଲି ଅତିରିକ୍ତ ପରିବହନ କମିଶନର ସମରେନ୍ଦ୍ର ପଟ୍ଟନାୟକ କହିଛନ୍ତି।

## ପୂର୍ବତନ ଯୁବ କଂଗ୍ରେସ ସଭାପତିଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତଃ ସଂଗ୍ରାମ କେଶରୀ ଜେନାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ କେନ୍ଦୁଝର ଜିଲ୍ଲାର ଆନନ୍ଦପୁରଠାରେ ଆୟୋଜିତ ହୋଇଥିଲା। ଏହି ସ୍ମୃତିସଭାରେ ଉଦବୋଧନ ଦେଇ ଓପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ହଜାର ହଜାର ବର୍ଷ ଧରି ବସବାସ କରୁଥିବା ଆଦିବାସୀଙ୍କୁ ବାସଚ୍ୟୁତ କରିବାକୁ ଚାହୁଁଛି ବିଜେପି ସରକାର। ଏହା ଆମେ କେବେ ସମ୍ଭବ ହେବାକୁ ଦେବୁନାହିଁ। ଓଡ଼ିଶାର ଜଳ ଜମି ଜଙ୍ଗଲ, ଖଣିଜ ଦ୍ରବ୍ୟ ସବୁ ରାଜ୍ୟବାସୀଙ୍କର। ଆଜି ହତାଶ ନିରାଶ ବେକାରୀ ଯୁବକଙ୍କୁ ଆହ୍ୱାନ ନିଜ ଅଧିକାରର ଲଢ଼େଇ ପାଇଁ କ୍ଷେତ୍ରକୁ ଆସନ୍ତୁ ବୋଲି ଭକ୍ତ ଦାସ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ସମସ୍ତ ଖଣି ବନ୍ଦ କରିବା ପାଇଁ ଖଣି ଆଇନରେ ସଂଶୋଧନ କରାଯାଇଛି। ସାରା ଓଡ଼ିଶାର ଖଣି ଖାଦାନ ବନ୍ଦ କରାଯିବ। ଓଡ଼ିଶା ଆଦିବାସୀଙ୍କୁ ଭୂମି ଓ ଅଧିକାର ଫେରାଇଦିଅ, ନ ହେଲେ ସମସ୍ତ ଖଣି ବନ୍ଦ ହେବ। ରାଜନୀତିକୁ, କଂଗ୍ରେସକୁ ଓ ଆମର ସ୍ୱାଭିମାନକୁ ଯଦି ବଞ୍ଚାଇବାର ଅଛି, ତେବେ ଆମ ନେତା ରାହୁଲ ଗାନ୍ଧିଙ୍କ ଭଳି ସାହସୀ ଓ ନିର୍ଭୀକ ହୋଇ ପ୍ରଧାନମନ୍ତ୍ରୀଙ୍କ ଘର ସାମ୍ନାରେ ଧାରଣା ଦେଇଥିଲେ, ଏଭଳି କରିବାକୁ ପଡ଼ିବ ବୋଲି ପିସିସି ସଭାପତି କହିଥିଲେ।

## ମହିଳା ସ୍ୱଚ୍ଛତା ଓ ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ଆଜି ସାଲିଆ ସାହିସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଛାତ୍ରୀମାନେ ଏବଂ ସେମାନଙ୍କ ମାଆମାନଙ୍କ ପାଇଁ ଏକ ସାର୍ଥକ ମହିଳା ସ୍ୱଚ୍ଛତା ଓ ଋତୁସ୍ରାବ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ସାନିଟାରୀ ନ୍ୟାପକିନ୍ ବଣ୍ଟନ କରାଯାଇଥିଲା। ଏହି ସଚେତନତା ଅଧିବେଶନକୁ ଡା. ଗାର୍ଗୀ ସୁମନ ତ୍ରିପାଠୀ ପରିଚାଳନା କରିଥିଲେ। ସେ ଛାତ୍ରୀ ଓ ମାଆମାନଙ୍କୁ ଋତୁସ୍ରାବ ସମୟରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଏବଂ ଯତ୍ନର ଗୁରୁତ୍ୱ ବିଷୟରେ ସରଳ ଓ ସୁନ୍ଦର ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉତ୍ତ୍ରା ଚାରିଟେବଲ୍ ଟ୍ରଷ୍ଟର ସଚିବ ସୁଭ୍ରଜ୍ୟୋତି ଦାସନାୟକ, ଭୁବନେଶ୍ୱର ଲେଡିଜ୍ ସର୍କଲ୍‌ର ଅଧ୍ୟକ୍ଷା ଡା. ଅର୍ଚ୍ଚିତା ସାହୁ, ଗୌରବ ଚାୱଲା (ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର ରାଉଣ୍ଡ ଟେବୁଲ୍ ଏବଂ ୱାଇଆଇ), ଗୌରବ ଗୋଏଲ, ସାବିଆ ଜିନ୍ଦଲ, ଏବଂ ପ୍ରିୟଙ୍କା ସିଂଘାନିଆ ଓ ତାଙ୍କ ଝିଅ ମାନଭୀ ମଧ୍ୟ ଉପସ୍ଥିତ ଥିଲେ। ଆସନ୍ତୁ, ଆମେ ସମସ୍ତେ ମିଶି ସଚେତନତା ସୃଷ୍ଟି କରିବା, ଝିଅ ଓ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଏକ ସୁସ୍ଥ ଆଗାମୀ ପିଢ଼ି ଗଢ଼ିବା।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ ଅନୁଷ୍ଠିତ




ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଫଟୋ ପ୍ରଦର୍ଶନୀର ପ୍ରଶଂସା କରିବା ସହ ଫଟୋଗ୍ରାଫି କଳାର ବିକାଶ ନିମନ୍ତେ ସମସାମୟିକ ଯୁବପିଢ଼ି ନିୟମିତ ପ୍ରୟାସ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସମର ମୁଦାଲି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଜୀବନରେ ଫଟୋଗ୍ରାଫିର ଆବଶ୍ୟକତା ଓ ଏହାର ବାସ୍ତବତା ସଂପର୍କରେ ସମସ୍ତେ ସଚେତନ ଥିବା ଯୋଗୁଁ ସଂପ୍ରତି ଯୁବପିଢ଼ି ଏଥିପାଇଁ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଇଛି ବୋଲି କହିଥିଲେ । ବରିଷ୍ଠ ଫଟୋ ସାମ୍ବାଦିକ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ଗଣମାଧ୍ୟମରେ ଫଟୋଗ୍ରାଫିର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିବା ସହ ଫଟୋଗ୍ରାଫିକୁ ନେଇ ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଫଟୋ ସାମ୍ବାଦିକ ଶ୍ରୀଯୁକ୍ତ ପୀୟୂଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫଟୋଗ୍ରାଫି କଳାର ବିଶେଷତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଫଟୋଗ୍ରାଫିର ବିକଶିତ ଓ ପରିବର୍ତ୍ତିତ ଦିଗ ବିଷୟରେ ବକ୍ତବ୍ୟ ରଖିଥିଲେ । ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଓ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ବିଶ୍ୱ ଫଟୋଗ୍ରାଫି ଦିବସର ପ୍ରାସଙ୍ଗିକତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ସମ୍ବରୁ ଶୋଭରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଫଟୋ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

● ଭୀମଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନିର୍ଯାତନା ଘଟଣା

## ଶିକ୍ଷା ସଚିବଙ୍କୁ ରିପୋର୍ଟ ମାଗିଲେ ମାନବାଧିକାର କମିଶନ

ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ଭୀମଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ତଥା ମାନସିକ ନିର୍ଯାତନା ଘଟଣାରେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା ନ୍ୟାସନାଲ ପ୍ୟାରେଣ୍ଟସ୍ ଫେଡେରେସନ। ଘଟଣାକୁ ଗୁରୁତର ସହ ଗ୍ରହଣ କରି ଆୟୋଗ ଅଧ୍ୟକ୍ଷ




ଏହି ଘଟଣା ସବିଶେଷ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଫେଡେରେସନ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ପୁରାତନ ଦୃଷ୍ଟିବାଧିତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଉଥିବା ଘଟଣାକୁ ନେଇ ଛାତ୍ରଛାତ୍ରୀ ଆମରଣ ଅନଶନକୁ ଓହ୍ଲାଇଥିଲେ। ଘଟଣା ସମ୍ବନ୍ଧରେ ଜାଣିବା ପରେ ଫେଡେରେସନ୍ ପକ୍ଷରୁ ସଭାପତି ଓ ସାଧାରଣ ସମ୍ପାଦକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଧାରଣାରେ ବସିଥିବା ପୀଡ଼ିତ ଛାତ୍ରଛାତ୍ରୀଙ୍କ ସହ ସେମାନେ ବିସ୍ତୃତ ଆଲୋଚନା କରିଥିଲେ। ଘଟଣାର ସତ୍ୟାସତ୍ୟ ତଥ୍ୟ-ପ୍ରମାଣ ସହ ଉପଲବ୍ଧି କରିବା ପରେ ଜିଲ୍ଲା ଶିକ୍ଷାଧିକାରୀ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତ ଛାତ୍ରଛାତ୍ରୀଙ୍କୁ ତ୍ୱରିତ ନ୍ୟାୟ ଓ ଅଭିଯୁକ୍ତ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଫେଡେରେସନ ପକ୍ଷରୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରାଯାଇଥିଲା।

## ଶ୍ରୀକ୍ଷେତ୍ର ଭାଗବତ ମହାସଂଘର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ଦୈନିକ ଭାଗବତ ପାଠ କଲେ ମନକୁ ଶାନ୍ତି ମିଳିଥାଏ ବୋଲି ଶ୍ରୀକ୍ଷେତ୍ର ଭାଗବତ ମହାସଂଘ, ଭୁବନେଶ୍ୱର ପକ୍ଷରୁ ଆଇଗିଣିଆସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନନ୍ତ ଗୋପାଳ ପଣ୍ଡା ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବକ୍ତା ଓ ଆଲୋଚକ ଭାବେ ବିଶିଷ୍ଟ ପାଲା ଗାୟକ ବାଗ୍ମୀ ବସନ୍ତ କୁମାର ସ୍ୱାଇଁ, ଅନୁଷ୍ଠାନର ପ୍ରତିଷ୍ଠାତା ସବିତା ହାତୀ, ଶିକ୍ଷାବିତ୍ ଆରତି କର ପ୍ରମୁଖ ଯୋଗଦାନ କରି ଭାଗବତ ଉପରେ ସୁବିସ୍ତୃତ ଆଲୋଚନା କରି ନିୟମିତ ଭାଗବତ ପାଠ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଶେଷରେ ସଦସ୍ୟା ନିଶିଗନ୍ଧା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

● ସମସ୍ୟା ଘେରରେ ଉତ୍କଳମଣି ସ୍ମାରକୀ ବିଦ୍ୟାପୀଠ

## ପିଇବା ପାଣିର ବ୍ୟବସ୍ଥା ନାହିଁ, ଛାତରୁ କଂକ୍ରିଟ୍ ଖସୁଛି



ଗୋଟିଏ ଘରେ ପଢୁଛନ୍ତି ୯୦ରୁ ଉର୍ଦ୍ଧ୍ୱ ପିଲା

କଟକ, ୧୮।୮ (ସଂଚାର ବ୍ୟୁରୋ): କଟକ ଖାନ୍ ନଗରସ୍ଥିତ ପୁରାତନ ଉତ୍କଳମଣି ସ୍ମାରକୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ସ୍କୁଲକୋଠା ବିପଦ ସଂକୁଳ ଅବସ୍ଥାରେ ରହିଛି। ୬ ମାସ ହେବ ଅଙ୍ଗନୱାଡ଼ି କାର୍ଯ୍ୟାଳୟର ଗୋଟିଏ ଘରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୯୦ ଜଣ ପିଲା ପାଠ ପଢୁଥିବା ଅଭିଯୋଗ ହୋଇଛି। ସ୍କୁଲରେ ଶୌଚାଳୟ ନାହିଁ କି ପିଇବା ପାଣିର ବ୍ୟବସ୍ଥା ନାହିଁ। ୧୯୬୨ରେ ନିର୍ମିତ ଏହି ଉଚ୍ଚ ପ୍ରାଥମିକ ସ୍କୁଲର ରକ୍ଷଣାବେକ୍ଷଣ ଦାୟିତ୍ୱ କେଏମ୍‌ସିର ହୋଇଥିବା ବେଳେ ଏବେ ସ୍କୁଲ୍ ଛାତରୁ କଂକ୍ରିଟ୍ ଖସିବା ସହ ଅନେକ ସ୍ଥାନରେ କାନ୍ଥ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଗତ ମାର୍ଚ୍ଚରେ ଛାତ୍ରଛାତ୍ରୀ ଓ ଅଭିଭାବକ ନୂଆ ସ୍କୁଲ କୋଠା ନିର୍ମାଣ ଦାବି କରି ରାସ୍ତାରୋକ କରିଥିଲେ। ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ସେତେବେଳେ ନୂଆ ସ୍କୁଲକୋଠା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ। ଏହାକୁ ନେଇ ଅଭିଭାବକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍କୁଲକୋଠା କେବେ ନିର୍ମାଣ ହେବ, ତାହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ତୁରନ୍ତ ସ୍କୁଲକୋଠା ନିର୍ମାଣ ନ ହେଲେ ଆଗକୁ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ତିନି ଦିନ ହେବ ନାକେଦମ କଲେଣି ୩୦ଟିକିଆ ହାତୀପଲ



ବଲାଙ୍ଗୀର, ୧୯।୮ (ସଂଚାର ବ୍ୟୁରୋ): ସଇଁତଳା ଅଞ୍ଚଳରେ ଗତ ତିନିଦିନ ହେଲା ୩୦ଟିକିଆ ହାତୀପଲ ସ୍ଥାନୀୟ ଲୋକଙ୍କୁ ନାକେଦମ୍ କରିସାରିଲେଣି। କଳାହାଣ୍ଡି ଅଞ୍ଚଳରୁ ତେଲ ନଦୀ ପାର ହୋଇ ଏହି ହାତୀପଲ ସଇଁତଳା ବ୍ଲକର ଘୁନସର ଗାଁ ଅଞ୍ଚଳରେ ପ୍ରବେଶ କରିଥିଲେ। ହାତୀପଲ ଗାଁ ନିକଟରେ ଘୂରି ବୁଲିବା ସହ ଚାଷ ଜମିରେ ପଶି ଅନେକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏହାପରେ ଗୋଟିଏ ଦିନ ଧରି ଜାତୀୟ ରାଜପଥ ୨୬ ନିକଟ ମହଗାଁ ଅଞ୍ଚଳର ଏକ ନର୍ସରୀରେ ହାତୀପଲ ରହିଥିଲେ। ଗତ ରାତିରେ ପୁଣି ଲାନ୍ଥ ନଦୀ ପାର ହୋଇ ସେମାନେ ସଇଁତଳା ରେଞ୍ଜର ବାଦିପଡ଼ା ଗାଁ ନିକଟସ୍ଥ ଏକ ଛୋଟ ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀଙ୍କ ଗତିବିଧି ଜାରି ରହିଥିବାରୁ ଆଖପାଖ ଗାଁର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ହାତୀପଲକୁ ଜନବସତିଠାରୁ ଦୂରେଇବା ପାଇଁ ସଇଁତଳା ରେଞ୍ଜର୍ ବନ କର୍ମଚାରୀ ଲଗାତାର ପ୍ରୟାସ ଜାରି ରଖିଛନ୍ତି। ଗତକାଲି ରାତିତମାମ ଡାକବାଜି ଯନ୍ତ୍ର ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଉଛି।

# ଖାଲି ସରକାରୀ ପଦବୀ ପୂରଣ କେବେ ?

ଭୁବନେଶ୍ୱର, ୧୯।୮: ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ଏବେ ପ୍ରାୟ ଏକ-ତୃତୀୟାଂଶ ପଦ ପଦବୀ ଖାଲି ପଡ଼ିଛି। ଖାଲି ପଦବୀ ପୂରଣ ପାଇଁ ମେଳା ମାଧ୍ୟମରେ ନିଯୁକ୍ତିପତ୍ର ବଣ୍ଟନ କରାଯିବା ସତ୍ତ୍ୱେ ମଧ୍ୟ ଖାଲିଥିବା ସମସ୍ତ ପଦପଦବୀ କେବେସୁଦ୍ଧା ପୂରଣ ହେବ, ସେ ସଂକ୍ରାନ୍ତରେ କେହି କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇପାରୁନାହାନ୍ତି। ୨୦୨୪ ସାଧାରଣ ନିର୍ବାଚନବେଳେ ବିଜେପି ତା'ର ନିର୍ବାଚନୀ ଇସ୍ତାହାରରେ ୫ ବର୍ଷ ଭିତରେ ଦେଢ଼ ଲକ୍ଷ ଖାଲି ପଦବୀ ପୂରଣ କରିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲା। ଏହି କ୍ରମରେ ପ୍ରଥମ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ଚାକିରିରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଉଥିଲା। ତେବେ ୨୦୨୪ ଜୁନ୍‌ରୁ ଗତ ୧୦ ତାରିଖରେ ଅନୁଷ୍ଠିତ ଷୋଡ଼ଶ ନିଯୁକ୍ତିମେଳା ପର୍ଯ୍ୟନ୍ତ ୪୫,୪୦୮ ସରକାରୀ ଚାକିରିରେ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି।

ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଇଥିବା ତଥ୍ୟ ମୁତାବକ, ୨୦୨୩ ଶେଷସୁଦ୍ଧା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଚାକିରିରେ ୨ ଲକ୍ଷ ୫ ହଜାରରୁ ଅଧିକ ପଦବୀ ଖାଲି ପଡ଼ିଥିଲା। ୨୦୨୪ ପ୍ରଥମ ଭାଗରେ ରାଜ୍ୟ ବିଧାନସଭା ସହ ଲୋକସଭା ନିର୍ବାଚନ ହୋଇଥିବା ପରିପ୍ରେକ୍ଷୀରେ ନୂଆ ନିଯୁକ୍ତି ଉପରେ କଟକଣା ଜାରି କରାଯାଇଥିଲା। ୨୦୨୪ରୁ ଏଯାବତ୍ ପ୍ରତି ମାସରେ ଅବସର, ଇସ୍ତଫା, ବହିଷ୍କାର, ଅସମୟ ମୃତ୍ୟୁ ଆଦି ବିଭିନ୍ନ କାରଣରୁ ବ୍ୟାପକ ପଦବୀ ଖାଲି ହେଉଛି। ଅବସରପ୍ରାପ୍ତ ପୁରୁଖା ଅଧିକାରୀମାନେ ଅନୁମାନ କରୁଛନ୍ତି ଯେ ଗତ ୨୦୨୪ ଜାନୁଆରୀରୁ ଏଯାବତ୍ ଅତି କମରେ ୬୦ ହଜାର ପଦବୀ ଖାଲି ହୋଇଥାଇପାରେ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଯେତିକି ପଦବୀ ପୂରଣ କରିଛନ୍ତି ସେଥିଯୋଗୁଁ ଖାଲି ପଡିଥିବା ମୋଟ ପଦବୀ ସଂଖ୍ୟାରେ ବିଶେଷ ହ୍ରାସ ଘଟୁନାହିଁ। ରାଜ୍ୟ ସରକାରଙ୍କ ବାର୍ଷିକ ଏଷ୍ଟାବ୍ଲିସମେଣ୍ଟ ରିଭ୍ୟୁର ତଥ୍ୟ ମୁତାବକ ୨୦୧୧ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୫,୩୧,୬୬୨ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ଏଥିରୁ ୧,୪୧,୪୮୪ଟି ଖାଲି ପଡ଼ିଥିଲା। ସେହି ହିସାବ ମୁତାବକ ୨୦୧୫ ମାର୍ଚ୍ଚ ଶେଷ ସୁଦ୍ଧା ଖାଲି ଥିବା ପଦବୀ ସଂଖ୍ୟା ୧,୪୭,୫୨୨କୁ ବୃଦ୍ଧି ପାଇଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ଖାଲି ପଦବୀ ସଂଖ୍ୟା ୧,୩୧,୫୧୮କୁ ହ୍ରାସ ପାଇଥିଲା। ତେବେ ୨୦୨୪ରେ କରାଯାଇଥିବା ବାର୍ଷିକ ଏଷ୍ଟାବ୍ଲିସମେଣ୍ଟ ରିଭ୍ୟୁ ବିଧାନସଭାରେ ଉପସ୍ଥାପନ କରାଯାଇଥିବା ବେଳେ ଏହା ତନୁଯାୟୀ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ୨ ଲକ୍ଷକୁ ଟପିଯାଇଥିଲା।

ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ୍‌ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାଳ ମାଳ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ୬୦ ପ୍ରତିଶତରୁ ଅଧିକ ବିଭିନ୍ନ ପାହ୍ୟାର ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ୭୦ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦବୀ ଖାଲି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ମେଡିକାଲ କଲେଜ ପର୍ଯ୍ୟନ୍ତ ଚାରିଆଡ଼େ ମାଳ ମାଳ ଡାକ୍ତର, ଡାକ୍ତରୀ ଶିକ୍ଷକ ଓ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ଏହି କାରଣରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବିଶେଷ ଭାବେ ପ୍ରଭାବିତ ହେଉଥିବା ସମାଜ ବିଜ୍ଞାନୀମାନେ କହୁଛନ୍ତି।

କେବଳ ସେତିକି ନୁହେଁ, ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଗୁଡୁଥିବା ବେଳେ ପୁଲିସ୍ ବାହିନୀରେ ବି ବ୍ୟାପକ ପଦବୀ ଖାଲି ପଡ଼ିଛି। ଅନ୍ୟାନ୍ୟ ଇଞ୍ଜିନିୟରିଂ ବିଭାଗଗୁଡ଼ିକରେ ଅବସ୍ଥା ତଦ୍ରୂପ। ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗରେ ମଧ୍ୟ ଖାଲି ପଦବୀ ସମସ୍ୟାର ମୁଖ୍ୟ କାରଣ ହେଉଛି।

ଗୋଟିଏ ପଟେ ରାଜ୍ୟରେ ବେକାରୀ ଓ ବେରୋଜଗାରୀ ବଢ଼ିଚାଲିଥିବା ପରିପ୍ରେକ୍ଷୀରେ ବହୁ ଶିକ୍ଷିତ ଯୁବକଯୁବତୀଙ୍କ ବୟସ ଅତିକ୍ରାନ୍ତ କରିଯାଉଥିଲେ ମଧ୍ୟ ସେମାନେ ସରକାରୀ ଚାକିରି ପାଇପାରୁନାହାନ୍ତି। ଅନ୍ୟ ପକ୍ଷରେ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ନ ଥିବା ବେଳେ ସରକାରୀ ପଦବୀ କିନ୍ତୁ ଖାଲି ପଡୁଛି। କୌଣସି ନିର୍ବାଚିତ ପ୍ରତିନିଧିଙ୍କ ଆସନ ଖାଲି ପଡ଼ିଲେ ସୀମିତ ସମୟ ମଧ୍ୟରେ ତାହା ପୂରଣ କରାଯାଉଛି। ଅଥଚ ବର୍ଷ ବର୍ଷ ଧରି ବିଚାରପତିଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ପଦ ପଦବୀ ଖାଲି ପଡୁଥିବା ବେଳେ ତାହା କିନ୍ତୁ ଆର୍ଥିକ ସଙ୍କଟ ଯୋଗୁଁ ପୂରଣ

## ହିଞ୍ଜିଳିକାଟୁ କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି




ହିଞ୍ଜିଳିକାଟୁ,୧୯।୮ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ହିଞ୍ଜିଳିକାଟୁର ବୁଦ୍ଧିଜୀବୀଗଣ କଲେଜ ଅଧ୍ୟକ୍ଷ ଡ଼. ହରିହର ମୁନୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି | ସେଥିରେ ଇଂରାଜୀ, ଗଣିତ, ଗୃହ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଓ ବିଏଡ଼ ଖୋଲିବାକୁ ଦର୍ଶାଇଛନ୍ତି | ପୂର୍ବରୁ ଏଠାରେ କଳାରେ ପିଜି ନିମନ୍ତେ ରାଜନୀତି ବିଜ୍ଞାନ, ଅର୍ଥନୀତି ଏବଂ ଓଡ଼ିଆ ଥିବା ବେଳେ ଏମ.କମ ଓ ବିଜ୍ଞାନ ନିମନ୍ତେ ଉଦ୍ଭିଦ ବିଜ୍ଞାନ, ଭୌତିକ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ପୂର୍ବରୁ ଖୋଲା ଯାଇଛି। ତେବେ ଗଞ୍ଜାମ ଜିଲ୍ଲାର ଅଧିକାଂଶ ସ୍ଥାନରୁ ରୁମ ଭଡ଼ା ନେଇ ବିଦ୍ୟାର୍ଥୀ ପାଠ ପଢୁଥିବା ବେଳେ ଉଚ୍ଚ ଶିକ୍ଷା ପାଇଁ ବ୍ରହ୍ମପୁର ଉପରେ ନିର୍ଭର କରିବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଦାବିପତ୍ର ପ୍ରଦାନ ବେଳେ ସାମାଜିକ କର୍ମୀ ଶରତ ଚନ୍ଦ୍ର ସାବତ, ଅଜୟ କୁମାର ସାହୁ, ତରୁଣ କୁମାର ପଣ୍ଡା, ଚନ୍ଦନ ପାତ୍ର ,ପୁରାତନ ଛାତ୍ର ଏସ ବଳରାମ ପାତ୍ର ଓ ସରୋଜ ପାତ୍ରଙ୍କ ସମେତ ବହୁ ଶିକ୍ଷାବିତ ଉପସ୍ଥିତ ଥିଲେ |

# କୂଳ ଲଙ୍ଘୁଛି କୁଶେଇ ନଦୀ, ଖାଉଛି ଅତଡ଼ା

**● ବିପଦରେ ନଦୀକୂଳବାସୀ ● ପଥର ପ୍ୟାକିଂ ସହ ରାସ୍ତା ଉଚ୍ଚତା ବଢ଼ାଇବାକୁ ଦାବି**

ଆନନ୍ଦପୁର,୧୯।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମ ଦେଇ ବହି ଯାଇଥିବା କୁଶେଇ ନଦୀ ଏବେ ଧୀରେ ଧୀରେ ନିଜ କୂଳ ଲଂଘିବାରେ ଲାଗିଛି। ନଦୀର ଅତଡ଼ା ଖସିବା ସହ ଦିନକୁ ଦିନ ନଦୀର ପ୍ରସ୍ଥ ବଢ଼ୁଥିବାରୁ ନଦୀକୂଳିଆ ଲୋକଙ୍କ ମଧ୍ୟରେ ବଢ଼ିଛି ଚିନ୍ତା।



ଜଳସୁଆଁ ଗ୍ରାମର ମା' କୁଣ୍ଡୁଳାଇ ମନ୍ଦିର ନିକଟରୁ ନୟାଗଡ଼ ଗ୍ରାମ ନମକାନିପାଳ ପର୍ଯ୍ୟନ୍ତ ରାସ୍ତାର ଉଚ୍ଚତା କମ୍ ରହିଥିବାରୁ ସାମାନ୍ୟ ବନ୍ୟା ଆସିଲେ ରାସ୍ତା ଉପରେ ପ୍ରାୟ ୧୦ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହେଉଛି। ଏହାର ପ୍ରଭାବରେ ନଦୀକୂଳିଆ ଚାଷଜମିରେ ବନ୍ୟାଜଳ ପଶି ଏକର ଏକର ଚାଷଜମି ଜଳମଗ୍ନ ହେଉଛି ଏବଂ ଫସଲ ନଷ୍ଟ ହେଉଛି। ସେହିପରି ରାସ୍ତା ଉପରେ ପାଣି ପ୍ରବାହିତ ହେଲେ ପ୍ରାୟ ୧୫ରୁ ଅଧିକ ଗାଁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ଫଳରେ ଛାତ୍ରଛାତ୍ରୀ, ଚାଷୀ ଓ ସାଧାରଣ ଲୋକେ ଗୁରୁତର ସମସ୍ୟାରେ ପଡୁଛନ୍ତି।

ସେହିପରି ଜଳସୁଆଁ ଗ୍ରାମର ଜଳେଶ୍ୱର ମନ୍ଦିର ନିକଟରୁ ନୟାଗଡ଼ ପର୍ଯ୍ୟନ୍ତ ଖସୁଥିବା ନଦୀର ଅତଡ଼ାକୁ ରୋକିବା ସହ ନଦୀକୂଳକୁ ସୁରକ୍ଷିତ କରିବା ପାଇଁ ତୁରନ୍ତ ଜଳ ସମ୍ପଦ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରିବାକୁ ଦାବି ହୋଇଛି। ଏଥିସହ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ଉଚ୍ଚତା ବଢ଼ାଇବାକୁ ମଧ୍ୟ ଦାବି ହୋଇଛି। ତୁରନ୍ତ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଦୃଷ୍ଟି ନଦେଲେ ଆଗାମୀ ଦିନରେ କୁଶେଇ ନଦୀର ଅତଡ଼ା ଖସିବା ଯୋଗୁଁ ନଦୀକୂଳିଆ ଅଞ୍ଚଳରେ ଆହୁରି ବଡ଼ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି।

### ବିପଦସଂକୁଳ ସୁଟାଣି ଘାଟି ରାସ୍ତା

## ପାହାଡ଼ରୁ ଖସୁଛି ମାଟି ଅତଡ଼ା, ବିପଦରେ ଯାତ୍ରୀ



ଫୁଲବାଣୀ, ୧୯।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ସୀମାନ୍ତ ଅଞ୍ଚଳ ବାଲନ୍ଦାପଡା ଠାରୁ କନ୍ଧମାଳ ଯାଇଥିବା ଲୁଇସିଂ ପଞ୍ଚାୟତର ସୁଟାଣି ଘାଟି ରାସ୍ତା ଏବେ ବିପଦ ସଂକୁଳ ହୋଇପଡିଛି। ଲଗାଣ ବର୍ଷା ଜାରି ରହିଥିବା ବେଳେ ପାହାଡ଼ ଉପରୁ ମାଟି ଅତଡ଼ା ଧସି ରାସ୍ତା ଉପରେ ଜମା ହେଉଥିବା ଦେଖିବାକୁ ମିଳିଛି।

ପାଖାପାଖି ବର୍ଷେ ହେବ ଏହି ରାସ୍ତା ପାଇଁ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ କନ୍ଧମାଳର ଏକ ଠିକା ସଂସ୍ଥା କାମ କରୁଥିବା ବେଳେ କାମ ମଧ୍ୟ ଚାଲୁ ରହିଥିବା ଦାୟିତ୍ୱରେ ଥିବା ଏବିଓ ସୂଚନା ଦେଇଛନ୍ତି। ତେବେ ବର୍ଷା ଓ ବିଭିନ୍ନ ସମସ୍ୟା ଯୋଗୁଁ ଘାଟି କାମ ଧିମେଇ ଥିବା ବେଳେ ବର୍ତ୍ତମାନ ପାହାଡ଼ରୁ ମାଟି ଅତଡ଼ା ଧସିବା ପଥଚାରୀ ଓ ଯାତ୍ରୀଙ୍କ ପାଇଁ ବିପଦ ସଂକୁଳ ହୋଇ ପଡିଛି। କେତେବେଳେ ଯେ ଅଘଟଣ ନ ହେବ ତାହା ମଧ୍ୟ କହିବା ଅସମ୍ଭବ। ଅନ୍ୟପଟେ କାମ ଧିମେଇ ଥିବା ବେଳେ ଠିକାଦାର ରାସ୍ତା କଡରେ ସୁରକ୍ଷା ବାଡ଼କୁ ଗୁରୁତ୍ୱ ଦେଉନଥିବା ବେଳେ ରାସ୍ତା ସାରା କାଦୁଅ ପଚ ପଚ ହେବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେଉଛି। ଯାହାଦ୍ୱାରା ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ଏହି ଘାଟି ରାସ୍ତାରେ ବାରମ୍ବାର ମାଟି ଅତଡ଼ା ଧସୁଥିବାରୁ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖା ଦେଇଛି। ବିଭାଗୀୟ ଅଧିକାରୀ ଏବଂ ଠିକାଦାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ବିଦ୍ୟୁତ ବିଭାଗର ମନମାନି

## ଟ୍ରାନ୍ସଫର୍ମର ଲାଗିଲା କିନ୍ତୁ ଜଳିଲାନି ଲାଇଟ୍

**ପୁଣି ଅନ୍ଧାରରେ କୁତୁକୁଡି ଗ୍ରାମବାସୀ**



ଫୁଲବାଣୀ,୧୯।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସଲାଗୁଡା ପଞ୍ଚାୟତର କୁତୁକୁଡି ଗାଁ। ଏହି ଗାଁରେ ପ୍ରାୟ ଦେଢ ଶହ ବସବାସ କରିଆସୁଥିବା ବେଳେ ସରକାରଙ୍କ ତରଫରୁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବିଦ୍ୟୁତ ସଂଯୋଗ ପରେ କିଛି ଦିନ ବିଦ୍ୟୁତ ଜଳିଲା ପରେ ଦୀର୍ଘ ୨ ବର୍ଷ ହେବ ଟ୍ରାନ୍ସଫର୍ମର ପୋଡି ଯିବାରୁ ସମୁହ ଗ୍ରାମବାସୀ ଅନ୍ଧାରରେ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ ବିଭାଗ ତରଫରୁ ବିଲ ଟଙ୍କା ବକେୟା ଥିବା ଦର୍ଶାଇ ଚାଳିଶ ହଜାର ଟଙ୍କା ଡିପୋଜିଟ କରିବାକୁ କହିଥିଲେ। ଗ୍ରାମବାସୀ ବାଧ୍ୟ ହୋଇ ଚାନ୍ଦା କରି ବିଦ୍ୟୁତ ବିଭାଗରେ ଚାଳିଶ ହଜାର ଟଙ୍କା ଡିପୋଜିଟ ମଧ୍ୟ କରିଥିଲେ। ବିଲ ପୈଠ ପରେ ବିଭାଗ ତରଫରୁ ଟ୍ରାନ୍ସଫର୍ମର ଲଗାଇବାକୁ ପ୍ରତିଶ୍ରୁତି ଦେବା ସହ ଗାଁକୁ ଯାଇ ଏକ ଟ୍ରାନ୍ସଫରମର ଲଗାଇଥିଲା। ଟ୍ରାନ୍ସଫରମର ଲାଗିବା ପରେ ୨ ଦିନ ଡିମ ଆଲୁଅ ଜଳିଲା ଆଉ ତାପରେ ପୁଣି ବନ୍ଦ, ଯେଉଁ ଅବସ୍ଥାକୁ ସେଇ ଅବସ୍ଥା। ପୁଣି ଅନ୍ଧାରରେ ଗ୍ରାମବାସୀ। ତେବେ ଟଙ୍କା ଡିପୋଜିଟ ପରେ ବି ବିଭାଗ ଠକି ଦେଇ ଖରାପ ଟ୍ରାନ୍ସଫରମର ଲଗାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେବେ ବିଦ୍ୟୁତ ବିଭାଗର ଏଭଳି ମନମାନି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତୁରନ୍ତ ଏହାର ସମାଧାନ ନ ହେଲେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି କହିଛନ୍ତି କେଶବ କହଁର, ମୋହନ କହଁର, ସହଦେବ କହଁରଙ୍କ ସହ ଗ୍ରାମବାସୀ।

## ବନ୍ୟାଞ୍ଚଳ ପରିଦର୍ଶନ ସହିତ ରିଲିଫ୍ ସାମଗ୍ରୀ ବାଣ୍ଟିଲେ କୋରେଇ ବିଧାୟକ



କୋରେଇ,୧୯।୮ (ସଂଚାର ବ୍ୟୁରୋ): କୋରେଇ ବିଧାୟକ ଆକାଶ ଦାସନାୟକ ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା, ଗନ୍ଧଣ ଓ ବିଜରପଡା ଗ୍ରାମ ପଂଚାୟତରେ ଖରସ୍ରୋତା ନଦୀବନ୍ଧ ଭାଙ୍ଗି ସୃଷ୍ଟି ହୋଇଥିବା ବନ୍ୟା ଅଂଚଳକୁ ପରିଦର୍ଶନ କରିବା ସହିତ ବନ୍ୟାପିଡିତ ପରିବାର ବର୍ଗଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ଅନ୍ୟାନ୍ୟ ରିଲିଫ ସାମଗ୍ରୀ ପ୍ରଦାନ କରିଥିଲେ। ବିଧାୟକଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ଯନ୍ତ୍ରଚାଳିତ ବୋଟ୍ ମାଧ୍ୟମରେ ଜଳବନ୍ଦୀରେ ଥିବା ଗ୍ରାମ ଗୁଡିକରେ ପହଂଚିଥିଲେ। ବିଧାୟକ ଲୋକ ମାନଙ୍କର ଅସୁବିଧା, ସମସ୍ୟା ଦେଖି ତାର ତୁରନ୍ତ ସମାଧାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ପ୍ରଶାସନିକ ଅଧିକାରୀ ମାନଙ୍କୁ ତୁରନ୍ତ କ୍ଷୟକ୍ଷତିର ନିରପେକ୍ଷ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଗାଜର ଘାସ ସଚେତନତା ସପ୍ତାହ ପାଳିତ




ଭୁବନେଶ୍ୱର, ୧୯।୮ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଗାଜର ଘାସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଏହି ସଚେତନତା କାର୍ଯ୍ୟକ୍ରମ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରଣପଧାନ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିଲା।

ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ଶ୍ରୀ ସ୍ଥିତପ୍ରଜ୍ଞ ଖମାରି ଯୋଗଦାନ କରି ଗାଜର ଘାସର ସମସ୍ୟା ଓ ଭୟାବହତା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଓ କ୍ଷେତ୍ର ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ଼କ୍ଟର ବାସୁଦେବ ବେହେରା ଗାଜର ଘାସର ନିରାକରଣ ଉପରେ ଆଲୋକପାତ କରିଥିଲେ। ଡ଼କ୍ଟର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼କ୍ଟର ଶୁଭପ୍ରଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶତାଧିକ ଚାଷୀଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ।

ଡ଼କ୍ଟର ଅଂଶୁମାନ ଜେନାଙ୍କ ତତ୍ତ୍ୱାବଧାନରେ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗାଜର ଘାସ ସଚେତନତା ପାଇଁ ଏକ ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା ଓ ଏହି ସଭାକୁ ସୋଆ କୃଷି ମହାବିଦ୍ୟାଳୟର କ୍ଷେତ୍ର ବିଜ୍ଞାନ ବିଭାଗ ଓ ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗ ମିଳିତ ଭାବରେ ପରିଚାଳନା କରିଥିଲେ।

ଏହି ସଭାରେ ସୋଆ କୃଷି ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ଋଷିକୂଲ୍ୟା ନଦୀରୁ ଯୁବକ ଓ ଯୁବତୀଙ୍କ ଶବ ଉଦ୍ଧାର

ଛତ୍ରପୁର,୧୯।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଥାନା ଅନ୍ତର୍ଗତ ଋଷିକୂଲ୍ୟା ନଦୀରୁ ବୁଧବାର ଜଣେ ଯୁବତୀ ଓ ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧସ୍ଥିତ ଗଙ୍ଗାଦେବୀ ମନ୍ଦିର ନିକଟରୁ ସକାଳେ ଜଣେ ଯୁବତୀଙ୍କ ଶବ ମିଳିଥିବାବେଳେ ଅପରାହ୍ନରେ ଅଳ୍ପ ଦୂରରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର ହୋଇଛି। ଉଭୟଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ।

ସକାଳେ ସ୍ଥାନୀୟ ଲୋକେ ନଦୀରେ ଜଣେ ଯୁବତୀଙ୍କ ଶବ ଭାସୁଥିବା ଦେଖି ଗଞ୍ଜାମ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ କଲେଜକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମଧ୍ୟ ପରିଚୟ ମିଳିନଥିବାରୁ ଶବକୁ ଶବଗୃହରେ ରଖାଯାଇଛି। ଯୁବତୀଙ୍କ ବୟସ ପ୍ରାୟ ୨୫ରୁ ୩୦ ବର୍ଷ ହୋଇଥିବା ପ୍ରାଥମିକ ଭାବେ ଅନୁମାନ କରାଯାଇଛି।

ସେହିପରି ଅପରାହ୍ନରେ ଯୁବତୀଙ୍କ ଶବ ମିଳିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ଶବ ମିଳିଥିଲା। ଯୁବକଙ୍କ ହାତ କଳା ଚୁନିରେ ବନ୍ଧା ଥିବା ପୁଲିସ ଜଣାଇଛି। ତାଙ୍କ ବୟସ ପ୍ରାୟ ୩୦ରୁ ୩୨ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଯୁବକଙ୍କ ଶବକୁ ମଧ୍ୟ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ କଲେଜକୁ ପଠାଯାଇଛି। ଗୋଟିଏ ଦିନରେ ଋଷିକୂଲ୍ୟା ନଦୀର ଅଳ୍ପ ଦୂରତା ମଧ୍ୟରେ ଜଣେ ଯୁବତୀ ଓ ଜଣେ ଯୁବକଙ୍କ ଶବ ମିଳିବା ଘଟଣାକୁ ନେଇ ରହସ୍ୟ ବଢ଼ିଛି।

## ନୂତନ ପେନସନ୍‌ଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ଦାବିପତ୍ର



ପୁରୀ,୧୯।୮ (ସଂଚାର ବ୍ୟୁରୋ): ନୂତନ ପେନସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ, ପୁରୀ ଜିଲ୍ଲା ପକ୍ଷରୁ ବିଭିନ୍ନ ନ୍ୟାର୍ଯ୍ୟ ଦାବି ନେଇ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁରୀ ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଚନ୍ଦ୍ରକାନ୍ତ ପଣ୍ଡା ଶିକ୍ଷକମାନଙ୍କ ଦୀର୍ଘଦିନର ସେବାଗତ ଓ ଆର୍ଥିକ ସମସ୍ୟା ସମ୍ପର୍କରେ ଶାସନକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

ସଂଘର ପ୍ରମୁଖ ଦାବି ମଧ୍ୟରେ ମାଧ୍ୟମିକ ଶିକ୍ଷକଙ୍କ ୩୨ ବର୍ଷ ପୁରୁଣା କ୍ୟାଡରର ପୁନର୍ଗଠନ, ଏଣ୍ଟ୍ରି ଲେଭଲ୍ ଗ୍ରେଡ୍ ପେ' ୨୮୦୦ରୁ ୪୨୦୦ ଏବଂ ୪୨୦୦ରୁ ୪୬୦୦କୁ ବୃଦ୍ଧି, ୨୦୧୬ରେ ପୁନଃନିଯୁକ୍ତ ଶିକ୍ଷକମାନଙ୍କୁ ୨୦୨୨ ମସିହା ଏପ୍ରିଲ ୪ରୁ ଅକ୍ଟୋବର ୧୯ ପର୍ଯ୍ୟନ୍ତର ବକେୟା ଓ ଅନ୍ୟାନ୍ୟ ସେବାଗତ ଆର୍ଥିକ ସୁବିଧା ପ୍ରଦାନ ଆଦି ରହିଛି। ସେହିପରି ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ୬ ବର୍ଷର ଚୁକ୍ତିଭିତ୍ତିକ ସେବାକାଳକୁ ନିୟମିତ ସେବାରେ ଗଣନା କରି ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ ସହ ଶିକ୍ଷକ ଓ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ବୀମା ଲାଗୁ କରିବାକୁ ସଂଘ ଦାବି କରିଛି।

ସଂଘର ଦାବିଗୁଡ଼ିକୁ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ସହାନୁଭୂତିର ସହ ଶୁଣିବା ସହ ଏହାର ସକାରାତ୍ମକ ସମାଧାନ ପାଇଁ ଶୀଘ୍ର ବିଭାଗୀୟ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି।

## ଉତ୍କୃଷ୍ଟତା ଉତ୍ସବରେ ରୁକ୍ମିଣୀ ମହନ୍ତ ସମ୍ମାନିତ



କୋଟପାଡ଼, ୧୯।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଅୟୋଜିତ ଓଡ଼ିଶାର ହାଥକରଘା ଦିବସରେ ସମ୍ମାନିତ ହେଇଛନ୍ତି କୋଟପାଡ଼ର ରୁକ୍ମିଣୀ ମହନ୍ତ । ତାଙ୍କର ଉତ୍କୃଷ୍ଟ ଅବଦାନ ପାଇଁ ଓଡ଼ିଶା ହସ୍ତତନ୍ତ ଓ ବୟନ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। ଗତ ଦିନରେ କୋଟପାଡ଼ରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ରୁକ୍ମିଣୀ ଏବଂ ତାଙ୍କ ଟିମ୍ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରୁକ୍ମିଣୀଙ୍କ କଳା ସମସ୍ତ ବିଚାରକଙ୍କୁ ଚକିତ ଏବଂ ଆକର୍ଷିତ କରିଥିଲା। ଓଡ଼ିଆ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରୁକ୍ମିଣୀ ମହନ୍ତ ଓ ତାଙ୍କ ଟିମ୍‌କୁ ସମ୍ମାନିତ କରିଥିଲେ । ଏହି ସମ୍ମାନ ପାଇବା ପରେ ରୁକ୍ମିଣୀ ମହନ୍ତଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଯାଇଛି ।

### ଆଣବିକ ଶକ୍ତି ପ୍ରକଳ୍ପକୁ ବିରୋଧ

## ବିଧାୟକଙ୍କୁ ଦାବିପତ୍ର ଦେଲେ ଶତାଧିକ ଲୋକ

ନବରଙ୍ଗପୁର,୧୯।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲୀଖୁଣ୍ଟି ବ୍ଲକ ଅଧୀନ ପୂଜାରୀଗୁଡ଼ା ପଞ୍ଚାୟତ ଅଞ୍ଚଳରେ ପ୍ରସ୍ତାବିତ ଆଣବିକ ଶକ୍ତି ପ୍ରକଳ୍ପକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ଦେଖାଦେଇଛି।



ପ୍ରକଳ୍ପକୁ ବିରୋଧ କରି ଅଞ୍ଚଳବାସୀ ପୂର୍ବରୁ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରି ପ୍ରକଳ୍ପ ନ କରିବା ପାଇଁ ନିବେଦନ କରିଥିଲେ। ଏହା ପରେ ଆଜି ଅଞ୍ଚଳର ଶତାଧିକ ଲୋକ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଶ୍ରୀ ଗୌରୀ ଶଙ୍କର ମାଝୀଙ୍କୁ ସାକ୍ଷାତ କରି ପ୍ରକଳ୍ପକୁ ବିରୋଧ କରିବା ସହ ଏହାକୁ ବନ୍ଦ କରିବା ପାଇଁ ଦାବି ଜଣାଇଥିଲେ।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏପରି ପ୍ରକଳ୍ପ ହେଲେ ସ୍ଥାନୀୟ ଲୋକଙ୍କ ଜୀବନ-ଜୀବିକା, ଜଙ୍ଗଲ, ବାସସ୍ଥାନ ଓ ପ୍ରାକୃତିକ ପରିବେଶ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶର ସୁରକ୍ଷା ପାଇଁ ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ମତାମତ ଓ ଆଶଙ୍କାକୁ ଗୁରୁତ୍ୱ ଦେବାକୁ ସେମାନେ ବିଧାୟକଙ୍କ ନିକଟରେ ନିବେଦନ କରିଥିଲେ।

ଏହି ଅବସରରେ ଅଞ୍ଚଳବାସୀ ପ୍ରକଳ୍ପ ସମ୍ପର୍କରେ ସ୍ୱଚ୍ଛ ତଥ୍ୟ, ପରିବେଶୀୟ ପ୍ରଭାବ ଓ ସ୍ଥାନୀୟ ଲୋକଙ୍କ ହିତକୁ ନେଇ ଆଲୋଚନା କରିବା ପାଇଁ ଦାବି ରଖିଥିଲେ।

## ଫଟୋଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ



ଢେଙ୍କାନାଳ,୧୯।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ ଫଟୋଗ୍ରାଫର୍ ଆସୋସିଏସନ୍ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଯାଉଁଳି ପୋଖରୀ ମଠ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ କେକ୍ କଟାଯାଇଥିଲା। ପରେ ବରିଷ୍ଠ ଫଟୋଗ୍ରାଫର ଶରତ କୁମାର ବେହେରା ଓ ଜିତେନ୍ଦ୍ର ସାହୁ ଯୋଗଦେଇ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତୀତ ଓ ବର୍ତ୍ତମାନ ଫଟୋଗ୍ରାଫିରେ ଅନେକ ଫରକ ରହିଛି । ନୂଆ ନୂଆ ଟେକ୍ନୋଲୋଜି ଆସୁଛି । ସାଧାରଣ ଲୋକଟିଏ ମୋବାଇଲ୍ ମାଧ୍ୟମରେ ଭଲ ଭଲ ଫଟୋ ଉତ୍ତୋଳନ କରିପାରୁଛି । ଫଟୋ ବାସ୍ତବରେ ଅନେକ କଥା କହିଥାଏ । ଫଟୋ ଆମକୁ ଚିହ୍ନାଏ, ଆମର ଉନ୍ନତିରେ ସହାୟକ ହୋଇଥାଏ। ଢେଙ୍କାନାଳର ପ୍ରାକୃତିକ ବିଭବ, ଧର୍ମ, ସଂସ୍କୃତି ଓ ପରମ୍ପରା ଅନନ୍ୟ । ଏସବୁକୁ ଫଟୋଚିତ୍ର ମାଧ୍ୟମରେ ଦେଶ ତଥା ବିଶ୍ୱରେ ପ୍ରସାର ପ୍ରଚାର କରିପାରିଲେ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିବ ବୋଲି ଉଭୟ କହିଥିଲେ ।

ସଂଘର ସଭାପତି ଟଙ୍କଧର ବେହେରା ଓ ସମ୍ପାଦକ ମନୋରଞ୍ଜନ ଜେନା ଫଟୋଗ୍ରାଫରଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ସାମ୍ପ୍ରତିକ ପରିସ୍ଥିତିରେ ଏହାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ ।

# ଆସ୍ଥା ହରାଉଛି ୧୦୮ ଆମ୍ବୁଲାନ୍ସ!

**ବାରମ୍ବାର ଦେଖିବାକୁ ମିଳୁଛି ଯାନ୍ତ୍ରିକ ତ୍ରୁଟି**

**ମଝିରାସ୍ତାରେ ଅଚଳ ହେବାରୁ ଗୁରୁତର ରୋଗୀଙ୍କ ହାଲ ବେହାଲ୍**

**ଆଖି ବୁଜିଛି ଜିଲ୍ଲା ପ୍ରଶାସନ**

**ଆମ୍ବୁଲାନ୍ସର ରକ୍ଷଣାବେକ୍ଷଣକୁ ନେଇ ଉଠିଲା ବଡ଼ ପ୍ରଶ୍ନ ?**



ନାରାୟଣପାଟଣା,୧୯।୮ (ସଂଚାର ବ୍ୟୁରୋ): ଜରୁରୀ ସମୟରେ ଗୋଟିଏ ମିନିଟ୍‌ର ବିଳମ୍ବ ବି ରୋଗୀଙ୍କ ପାଇଁ ଗୁରୁତର ହୋଇପାରେ। ଦୁର୍ଗମ କୋରାପୁଟରେ ଏହି ଜୀବନରକ୍ଷକ ଦାୟିତ୍ୱ ନେଇଥିବା ୧୦୮ ଆମ୍ବୁଲାନ୍ସ ଯଦି ନିଜେ ଅଧାବାଟରେ ଅଚଳ ହୋଇଯାଏ, ତେବେ ଜରୁରୀ ସ୍ୱାସ୍ଥ୍ୟସେବାର ଚିତ୍ର କେତେ ଭୟାବହ ହୋଇପାରେ, ତାହା ପୁଣି ସାମ୍ନାକୁ ଆସିଛି। କେତେବେଳେ ଇଞ୍ଜିନ ଖରାପ, ଆଉ କେତେବେଳେ ଚକା ପମ୍ପଚର କିମ୍ବା ଟାୟାର ଫାଟିବା ଯୋଗୁଁ ରାସ୍ତା ମଝିରେ ଅଟକୁଛି ଆମ୍ବୁଲାନ୍ସ। ଫଳରେ ଜୀବନ ବଞ୍ଚାଇବା ଆଶାରେ ହସ୍ପିଟାଲ ଯାଉଥିବା ରୋଗୀ ଓ ପରିବାର ଲୋକଙ୍କୁ ମଝି ରାସ୍ତାରେ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

ବୁଧବାର ଏହାର ପୁଣି ଏକ ଉଦାହରଣ ଦେଖିବାକୁ ମିଳିଛି। ବନ୍ଧୁଗାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଗୁରୁତର ରୋଗୀଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିଲା। ୧୦୮ ଆମ୍ବୁଲାନ୍ସରେ ରୋଗୀଙ୍କୁ ନେଇ ଯାଉଥିବା ସମୟରେ ନାରାୟଣପାଟଣାର ଗେଚେଲା ଛକ ନିକଟରେ ହଠାତ୍ ଗାଡ଼ିର ଗୋଟିଏ ଚକା ଫାଟିଯାଇଥିଲା। ଫଳରେ ରୋଗୀଙ୍କୁ ନେଇ ଯାଉଥିବା ଜୀବନରକ୍ଷକ ଗାଡ଼ି ରାସ୍ତା ମଝିରେ ଅଟକିଯାଇଥିଲା।

ଗୁରୁତର ରୋଗୀଙ୍କ ଅବସ୍ଥା ଦେଖି ଶେଷରେ ଅନ୍ୟ ଏକ ଗାଡ଼ିର ବ୍ୟବସ୍ଥା କରି ତାଙ୍କୁ କୋରାପୁଟ ମେଡିକାଲକୁ ନିଆଯାଇଥିବା ଜଣାପଡ଼ିଛି। ଆମ୍ବୁଲାନ୍ସ ଅଧାବାଟରେ ଅଚଳ ହୋଇଯିବା ପରେ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଓ ଅସନ୍ତୋଷ ପ୍ରକାଶ ପାଇଥିଲା।

ତେବେ ଏହା କୌଣସି ପ୍ରଥମ ଘଟଣା ନୁହେଁ। ଗତ ଜୁଲାଇ ୨୧ ତାରିଖରେ ମଧ୍ୟ ବନ୍ଧୁଗାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀଙ୍କୁ କୋରାପୁଟ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ନାରାୟଣପାଟଣା ବ୍ଲକର ଓଡ଼ିଆପେଣ୍ଠ ଗାଁ ନିକଟ ଡୁମ୍ବାଗୁଡ଼ା ଛକରେ ଟାୟାର ପଞ୍ଚର ହୋଇ ଅଟକିଥିଲା। ଦୀର୍ଘ ସମୟର କସରତ ପରେ ଟାୟାର ଲଗାଯାଇ ରୋଗୀଙ୍କୁ ସେହି ଆମ୍ବୁଲାନ୍ସରେ କୋରାପୁଟ ନିଆଯାଇଥିଲା।

କୋରାପୁଟ ଭଳି ଦୁର୍ଗମ ଜିଲ୍ଲାରେ ଅନେକ ଗାଁ ପାଇଁ ଜରୁରୀ ସ୍ୱାସ୍ଥ୍ୟସେବାର ପ୍ରଥମ ଭରସା ହେଉଛି ୧୦୮ ଆମ୍ବୁଲାନ୍ସ। ଦୂରଦୂରାନ୍ତରୁ ରୋଗୀଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ନେବାରେ ଏହି ସେବାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ଆମ୍ବୁଲାନ୍ସ ମଝିରାସ୍ତାରେ ଅଚଳ ହେବା କେବଳ ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ଜରୁରୀ ସ୍ୱାସ୍ଥ୍ୟସେବାର ପ୍ରସ୍ତୁତି ଓ ଜବାବଦେହିତାକୁ ନେଇ ବଡ଼ ପ୍ରଶ୍ନ।

ଦୁର୍ଗମ ଅଞ୍ଚଳର ଲୋକଙ୍କ ଜୀବନ ସହ ଜଡ଼ିତ ଏହି ସେବାରେ ଆଉ ଅବହେଳା ନୁହେଁ। ଅଚଳ ଆମ୍ବୁଲାନ୍ସର ତୁରନ୍ତ ମରାମତି, ଆବଶ୍ୟକସ୍ଥଳେ ନୂଆ ଗାଡ଼ି ଯୋଗାଣ ଓ ନିୟମିତ ଫିଟନେସ୍ ଯାଞ୍ଚ ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ଦାବି ଜୋର ଧରିଛି।

## ସତୀଗୁଡ଼ା ଡ୍ୟାମ୍ ନିକଟରୁ ମୃତ ଅଜଗର ଜବତ, ଜଣେ ଗିରଫ



ମାଲକାନଗିରି, ୧୯।୮ (ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଜଣେ ବ୍ୟକ୍ତି ମୃତ ଅଜଗର ଧରି ନେଉଥିବା ଭିଡିଓ ଭାଇରାଲ ହେବା ପରେ ତତ୍ପର ହୋଇଛି ମାଲକାନଗିରି ବନ ବିଭାଗ। ଭିଡିଓ ଆଧାରରେ ତଦନ୍ତ ଆରମ୍ଭ କରି ସତିଗୁଡ଼ା ଗ୍ରାମ ନିକଟରୁ ଜଣେ ଅଭିଯୁକ୍ତଙ୍କୁ ୧୯ ଅଗଷ୍ଟ ୨୦୨୬ରେ ଗିରଫ କରାଯାଇଛି।

ତଲାସୀ ବେଳେ ଅଭିଯୁକ୍ତଙ୍କ ନିକଟରୁ ୫୦ ଗ୍ରାମ ଶୁଖିଲା ମାଂସ ସହ ଏକ ଭାରତୀୟ ରକ୍ ପାଇଥନ୍ ବା ଅଜଗରର ମୃତଦେହ ଜବତ ହୋଇଛି। ଜବତ ଅଜଗରର ବୈଜ୍ଞାନିକ ନାମ Python molurus ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାଲକାନଗିରି ରେଞ୍ଜ ଅଧୀନରେ ଘଟିଥିବା ଏହି ଘଟଣାରେ ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ର ସଂଶୋଧିତ ୨୦୨୨ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାନ୍ୟବର ଅଦାଲତରେ ହାଜର କରାଯାଇଛି।

### ଜଟଣୀରେ ପ୍ରସ୍ତାବିତ ହୋମି ଭାବା କ୍ୟାନ୍ସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର

# ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ବଜେଟ୍‌ରୁ ଦିଆଯିବ

### ମୁଖ୍ୟମନ୍ତ୍ରୀଙ୍କ ନୀତିଗତ ନିଷ୍ପତ୍ତି



ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଜଟଣୀଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମି ଭାବା କ୍ୟାନ୍ସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟ୍‌ରୁ ଯୋଗାଇଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନ୍ସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି। ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି। ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି। ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି। ତେବେ ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ।

ସୂଚନାଯୋଗ୍ୟ ଯେ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି। ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର ରୋଗୀମାନେ ନୁହେଁ, ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।



### ନଗର ଉନ୍ନୟନ ଓ ଗମନାଗମନ ବ୍ୟବସ୍ଥାର ଉଚ୍ଚସ୍ତରୀୟ ସମୀକ୍ଷା

## ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ନଗର ଉନ୍ନୟନ ଓ ସହରାଞ୍ଚଳରେ ଗମନାଗମନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସହରାଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ବରାଦ ଅର୍ଥର ସମଯୋଚିତ ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ବାଧାବିଘ୍ନ ଦୂର କରିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବରାଦ ଅର୍ଥର ବିନିଯୋଗ ସୁନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନଗର ଉନ୍ନୟନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମନ୍ୱିତ ପଦକ୍ଷେପ, ନିୟମିତ ତଦାରଖ ଓ ଫଳାଫଳଭିତ୍ତିକ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନଗର ଉନ୍ନୟନମୂଳକ ପଦକ୍ଷେପଗୁଡ଼ିକର ସୁଫଳ ଯେପରି ନାଗରିକମାନଙ୍କ ନିକଟରେ ଶୀଘ୍ର ପହଞ୍ଚିପାରିବ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ବିଭିନ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାର ସୁଲଭ ଆବାସ ସୁବିଧା ବିସ୍ତାର ଉପରେ ଗୁରୁତ୍ୱ ଦେଉଛନ୍ତି। ଆର୍ଥିକ ଦୁର୍ବଳ ବର୍ଗ, ନିମ୍ନ ଆୟ ବର୍ଗ ଓ ମଧ୍ୟମ ଆୟ ବର୍ଗ ପାଇଁ ନୂତନ ଆବାସ ମଡେଲ ବିକଶିତ କରିବା ସହ ସହରାଞ୍ଚଳବାସୀଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡ଼ା ଆବାସ ବ୍ୟବସ୍ଥାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହୋଇଥିଲା। ନିକଟରେ ମହାରାଷ୍ଟ୍ର ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ପ୍ରିକାଷ୍ଟ ନିର୍ମାଣ ପ୍ରଯୁକ୍ତି ଓ 'ମିଶନ୍ ୧୦୦' ଭଳି ପଦକ୍ଷେପ, ଯେଉଁଥିରେ ୧୦୦ ଦିନରେ ୧୦୦ଟି ଘର ନିର୍ମାଣ କରାଯାଉଛି, ତାହା ଅଧ୍ୟୟନ କରାଯାଇଛି। ଓଡ଼ିଶାରେ ଏଭଳି ପ୍ରଯୁକ୍ତି ଉପଯୋଗ କରାଯିବାର ସମ୍ଭାବନା ଅନୁଧ୍ୟାନ କରିବା ପାଇଁ ଏକ ବୈଷୟିକ ଦଳ ପଠାଯିବ ବୋଲି ସେ କହିଛନ୍ତି।

## ଜଣ୍ଡିସ୍ ପାଇଁ ୧୫ ଦିନ ସ୍କୁଲ ଛୁଟି



ବେଗୁନିଆ,୧୯।୮(ସଂଚାର ବ୍ୟୁରୋ): ଜଣ୍ଡିସ୍ ପାଇଁ ସ୍କୁଲ ଛୁଟି ୧୫ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ମୁଗମୋଣ ଆଶ୍ରମ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ ସୃଷ୍ଟି ହୋଇଛି। ଅନେକ ପିଲା ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସ୍କୁଲରେ ଛୁଟି ଘୋଷଣା କରାଯାଇଛି। ସ୍କୁଲରେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୩୫୦ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଛନ୍ତି। କେତେକ ପିଲା ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସମସ୍ତଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ପରେ ସେମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଦୂଷିତ ପାଣି ଯୋଗୁ ଜଣ୍ଡିସ୍ ବ୍ୟାପିଥିବା ଜଣାପଡ଼ିଛି।

### ● ପ୍ରେମିକ ଆଗରେ ଆତ୍ମାହୁତି ଉଦ୍ୟମ ଘଟଣା

## ୫ ଦିନ ପରେ ଆଖିବୁଜିଲେ ପ୍ରଭାସିନୀ



ରାଉରକେଲା, ୧୯।୮ (ସଂଚାର ବ୍ୟୁରୋ): ପ୍ରେମ ସମ୍ପର୍କକୁ ନେଇ ଘଟିଥିବା ଏକ ଆତ୍ମାହୁତି ଘଟଣାରେ ପ୍ରଭାସିନୀ ନାମକ ଜଣେ ଯୁବତୀଙ୍କ ଜୀବନ ଚାଲିଯାଇଛି। ପ୍ରେମିକଙ୍କ ଘର ସମ୍ମୁଖରେ କିରୋସିନି ଢାଳି ପ୍ରଭାସିନୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ୫ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସେ ପ୍ରାଣ ହରାଇଛନ୍ତି। ମୃତ୍ୟୁ ପରେ ପରିବାର ଲୋକେ ନ୍ୟାୟ ଦାବି କରିଥିବା ବେଳେ ଘଟଣା ପରଠାରୁ ପ୍ରେମିକ ଭିକି ଦାସ ଫେରାର ଥିବା ଅଭିଯୋଗ ହୋଇଛି। ଗତ ୧୪ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ପ୍ରଭାସିନୀ ଘରୁ ସ୍କୁଟର ଧରି ପହଞ୍ଚିଥିଲେ ଝିରିପାଣି ଥାନା ଭାଟା ବସ୍ତିରେ ରହୁଥିବା ପ୍ରେମିକ ଭିକି ଦାସଙ୍କ ଘରେ। ଆଉ ପ୍ରେମିକ ଆଗରେ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଭିକି ପ୍ରଭାସିନୀଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତିକରି ସେଠାରୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ହସ୍ପିଟାଲରେ ପହଞ୍ଚି ପ୍ରଭାସିନୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଇସ୍ପାତ ଜେନେରାଲ ହସ୍ପିଟାଲର ବର୍ଣ୍ଣ ସେଣ୍ଟରରେ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ପ୍ରଭାସିନୀଙ୍କ ଚିକିତ୍ସା ଚାଲିଥିବା ବେଳେ ବୁଧବାର ସକାଳ ପ୍ରାୟ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି।

### ● ବ୍ୟବସାୟୀ ଅପହରଣ ମାମଲା

## କ୍ରାଇମ୍ ଭିଡିଓ ଜାରି କଲା ପୁଲିସ୍

ବଲାଙ୍ଗୀର,୧୯।୮(ସଂଚାର ବ୍ୟୁରୋ): ବଲାଙ୍ଗୀରର ବ୍ୟବସାୟୀ ନରେନ୍ଦ୍ର ଓରଫ ଗୁଣ୍ଡା ସାହୁଙ୍କ ଅପହରଣ ଘଟଣା ସମ୍ପର୍କିତ କ୍ରାଇମ ଭିଡିଓ ଜାରି କରିଛି ବଲାଙ୍ଗୀର ପୁଲିସ। କିଭଳି ଶ୍ରୀ ସାହୁଙ୍କୁ ବଲାଙ୍ଗୀରରୁ ଅପହରଣ କରି ଭୁବନେଶ୍ୱରର ଏକ ହୋଟେଲରେ ବନ୍ଦୀ କରାଯାଇଥିଲା। ତାଙ୍କୁ କିଭଳି ଅପହର୍ତ୍ତାମାନେ ନେବା ଆଣିବା କରୁଥିଲେ, ତା'ର ସିସିଟିଭି ଭିଡିଓ ଫୁଟେଜ ଜାରି କରାଯାଇଛି। ବ୍ୟବସାୟୀ ଶ୍ରୀ ସାହୁଙ୍କୁ ଅପହର୍ତ୍ତାମାନେ ତାଙ୍କ ମୁହଁ ବାନ୍ଧି ନେବା ଆଣିବା କରୁଥିଲେ, ସେ ଦୃଶ୍ୟ ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ବଲାଙ୍ଗୀର ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଆଜି ଟାଉନ ଥାନାରେ କ୍ରାଇମ ଭିଡିଓ ଜାରି କରିଥିଲେ। ଏହି ମାମଲାରେ ବଲାଙ୍ଗୀର ପୁଲିସ ଅଦ୍ୟାବଧି ମୋଟ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ କ୍ଷୀତିଶ ଚନ୍ଦ୍ର ସାହୁ, ତାଙ୍କ ଭଉଣୀ ସବଇନ୍ସପେକ୍ଟର ସ୍ନେହାମଞ୍ଜରୀ ସାହୁ, ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଜେନା ଓ ବଲାଙ୍ଗୀର ତୁଳସୀନଗରର ସଞ୍ଜିତ ବେହେରାଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୭/୮ ଜଣ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି।

### ● କେଏମସି ପକ୍ଷରୁ ଇଦ୍ ମିଲାଦୁନ୍ ନବୀ ପ୍ରସ୍ତୁତି ବୈଠକ

## ଜୁଲୁସ୍ ବାହାରିବା ରାସ୍ତାର ମରାମତି ପାଇଁ ନିର୍ଦ୍ଦେଶ



କଟକ,୧୯।୮(ସଂଚାର ବ୍ୟୁରୋ): ମୁସଲମାନ୍ ସଂପ୍ରଦାୟର ପ୍ରମୁଖ ପର୍ବ ଇଦ୍ ମିଲାଦୁନ୍ ନବୀ ଉପଲକ୍ଷେ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିଜୁ ଭବନ ପରିସରରେ ଅନୁଷ୍ଠିତ ହୋଇଛି। ମହାନଗର ନିଗମ ମେୟର ସୁବାସ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଇଚାରାର ସହର କଟକରେ ପ୍ରଫେଟ ମହମ୍ମଦଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ପ୍ରତିବର୍ଷ ପାଳନ ହେଉଥିବା ଇଦ୍ ମିଲାଦୁନ୍ ନବୀ ଉତ୍ସବକୁ ଏଥର କିଭଳି ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ସମାପ୍ତ କରାଯିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଇଦ୍ ମିଲାଦୁନ୍ ନବୀ ଉପଲକ୍ଷେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଦରଘା ବଜାରସ୍ଥିତ କଦମ ଏ ରସୁଲ୍ ପରିଚାଳନା କମିଟି ସଭାପତି ଓ ସମ୍ପାଦକ, ଦିୱାନ ବଜାରସ୍ଥିତ ଅଞ୍ଜୁମାନ ଇସଲାମିଆ କମିଟିର ସଭାପତି ଓ ସମ୍ପାଦକ, ସହରରେ ଥିବା ବିଭିନ୍ନ ମସଜିଦ କମିଟିର ସଭାପତି ଓ ସଦସ୍ୟ ଯୋଗଦେଇ ସେମାନଙ୍କର ମତାମତ ରଖିଥିଲେ। ଚଆସନ୍ତା ୨୬ ତାରିଖ ଉତ୍ସବ ପାଇଁ ନିରନ୍ତର ଜଳଯୋଗାଣ, ବିଭିନ୍ନ ସ୍ଥାନରେ ଆଲୋକୀକରଣ, ବିଜୁଳି ଯୋଗାଣ, ଖରାପ ଥିବା ରାସ୍ତାର ମରାମତି ସହ ସ୍ଲାବ୍ ପକାଇବା କାର୍ଯ୍ୟ ଶେଷ ଓ ବର୍ଷା ହେଲେ ତୁରନ୍ତ ଜଳ ନିଷ୍କାସନ ଆଦି ବିଷୟ ଉପସ୍ଥାପନ କରାଯାଇଥିଲା।

## ପୁଣି ଆସୁଛି ଲଘୁଚାପ,୨୨ରୁ ପୁଣି ବଢ଼ିବ ବର୍ଷା



ଭୁବନେଶ୍ୱର,୧୯।୮(ସଂଚାର ବ୍ୟୁରୋ): ପୁଣି ଆସୁଛି ଲଘୁଚାପ। ଗୋଟିଏ ନ ଯାଉଣୁ ଆଉ ଗୋଟିଏ ଲଘୁଚାପ। ଆସନ୍ତା ୨୨ ଓ ୨୩ ତାରିଖ ଆଡ଼କୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରେ ଓ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା। ଏହାର ପ୍ରଭାବରେ ଆସନ୍ତା ୨୨ ତାରିଖରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷା ପରିମାଣ। ଝାଡ଼ଖଣ୍ଡ ଓ ସଂଲଗ୍ନ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ସକ୍ରିୟ ଅପଚାପ ସୃଷ୍ଟି ହୋଇଛି। ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୧୨ କିମି ବେଗରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ପ୍ରଭାବରେ ୪ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

## ନିଶା ଚକୋଲେଟ୍ ଖୁଆଇ ୩ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

ବାରିପଦା, ୧୯।୮ (ସଂଚାର ବ୍ୟୁରୋ): ନିଶା ଚକୋଲେଟ୍ ଖୁଆଇ ୩ ଛାତ୍ରୀଙ୍କୁ ଅପହରଣ ପାଇଁ ଉଦ୍ୟମ ହୋଇଛି। ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନାଞ୍ଚଳର ଏକ ସ୍କୁଲ ପରିସରରୁ ୩ ଜଣ ପ୍ରାଥମିକ ସ୍କୁଲ ଛାତ୍ରୀଙ୍କୁ ନିଶା ଚକୋଲେଟ ଦେଇ ଅପହରଣ ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ପିଲାମାନେ ଖେଳୁଥିବା ସମୟରେ ଏକ ସ୍କୁଟରରେ ତିନ ଜଣ ଯୁବକ ଆସି ପହଞ୍ଚିଥିଲେ। ସେମାନେ ବଳପୂର୍ବକ ତିନି ଜଣ ଛାତ୍ରୀଙ୍କୁ ନିଶାଯୁକ୍ତ ଚକୋଲେଟ୍ ଖୁଆଇବାକୁ ଚେଷ୍ଟା କରିଥିଲେ। ତେବେ ଛାତ୍ରୀମାନେ ଏହାକୁ ଖାଇବାକୁ ମନା କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଚକୋଲେଟ ଖାଇବା ପରେ ତିନିଜଣଯାକ ଛାତ୍ରୀ ଅଚେତ ହୋଇ ପଡ଼ିଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଲୋକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ସହାୟତାରେ ୩ ଛାତ୍ରୀଙ୍କୁ ତୁରନ୍ତ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ପରେ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ତିରିଂ ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଫେରାର୍ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ୍ ଛାନଭିନ୍ ଚଳାଇଛି।

## ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର




ଭୁବନେଶ୍ୱର ୧୯।୮ (ସଂଚାର ବ୍ୟୁରୋ): ବିଶିଷ୍ଟ ଓଡ଼ିଆ କବି ଓ ପ୍ରାବନ୍ଧିକ ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ୨୦୨୫ ବର୍ଷର ସମ୍ମାନଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ। ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ସାମାଜିକ ଶାଖା ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଏ। ୨୦୨୪ରେ ପ୍ରଭା ପବ୍ଲିକେସନ୍ସ ପକ୍ଷରୁ ପ୍ରକାଶିତ ତାଙ୍କ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସେ ଏହି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୫ରେ ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଡକ୍ଟର ପରିଡ଼ାଙ୍କୁ ମାନପତ୍ର, ତାମ୍ରଫଳକ ସହ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

ଚଳିତ ବର୍ଷ ଶାରଳା ପୁରସ୍କାରର ଚୂଡ଼ାନ୍ତ ବିଚାର ପର୍ଯ୍ୟାୟରେ ୭ଟି ପୁସ୍ତକ ସ୍ଥାନ ପାଇଥିଲା। ସେଗୁଡ଼ିକ ହେଲା ଅର୍ଣ୍ଣବ ମହାନ୍ତିଙ୍କ 'ଅପର୍ଣ୍ଣ ମହାନ୍ତିଙ୍କ ପାଇଁ କବିତା', ପଦ୍ମଜ ପାଳଙ୍କ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ ପୃଥିବୀ', ଅର୍ଚ୍ଚନା ନାୟକଙ୍କ 'ସାତ', ବିଜୟ ନାୟକଙ୍କ 'ମାୟାବାଡ଼ୀ', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଓ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ'।

ଏହା ସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୬ ପାଇଁ ଘୋଷଣା ହୋଇଛି। ଓଡ଼ିଶୀ ନୃତ୍ୟଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଏହି ସମ୍ମାନ ଦିଆଯିବ। ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ୨.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ।

୧୯୮୦ରେ ଇଲା ପଣ୍ଡା ଓ ଡକ୍ଟର ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇମ୍ପାକ୍ଟ ଓଡ଼ିଆ ସାହିତ୍ୟ, କଳା, ସଙ୍ଗୀତ ଓ ନୃତ୍ୟର ପ୍ରସାର ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛି। ୧୯୯୩ରେ ଟ୍ରଷ୍ଟ ପକ୍ଷରୁ ପ୍ରତିଷ୍ଠିତ 'ଏକଲବ୍ୟ ପୁରସ୍କାର' ମଧ୍ୟ ଓଡ଼ିଶାର ଏକ ପ୍ରତିଷ୍ଠିତ କ୍ରୀଡ଼ା ସମ୍ମାନ ଭାବେ ପରିଚିତ।

## କଟକ ସିଡିଏମ୍‌ଓ କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନିୟମକୁ ଫୁଁ'

### ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବିକଲା ଜନ ଅଧିକାର ପରିଷଦ



କଟକ,୧୯।୮(ସଂଚାର ବ୍ୟୁରୋ): କଟକ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନିୟମକୁ କଡ଼ାକଡ଼ି ଭାବରେ ପାଳନ କରାଯାଉନାହିଁ। ବର୍ଷ ବର୍ଷ ଧରି ଏକାଧିକ କର୍ମଚାରୀ ଏହି କାର୍ଯ୍ୟାଳୟରେ ଗାଦିମାଡ଼ି ବସିଛନ୍ତି। କିଏ ଦଶ ବର୍ଷ ତ କିଏ ବାର ବର୍ଷ ଆଉ କିଏ ପୁଣି ତା'ଠାରୁ ଅଧିକ ଦିନ ହେବ ସିଡିଏମ୍‌ଓ କାର୍ଯ୍ୟାଳୟରେ ରହିଛନ୍ତି। ତିନି ବର୍ଷରେ ଥରେ ବଦଳି ହେବାର ନିୟମ ଥିଲେ ମଧ୍ୟ ପ୍ରଭାବଶାଳୀ ବ୍ୟକ୍ତି ତଥା ଉଚ୍ଚ ସରକାରୀ ଅଧିକାରୀଙ୍କୁ ହାତ କରି ବର୍ଷ ବର୍ଷ ଧରି ଏହି କର୍ମଚାରୀମାନେ ଏଠି ରହିଛନ୍ତି, ଯାହାକୁ ନେଇ ଓଡ଼ିଶା ଜନଅଧିକାର ପରିଷଦ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ତୁରନ୍ତ ବଦଳି ନିୟମକୁ କଡ଼କଡ଼ି ଭାବେ କାର୍ଯ୍ୟକାରୀ କରିବା ସହ ଯେଉଁମାନେ ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି, ତାଙ୍କର ବଦଳି ପାଇଁ ଆଜି ବିଧିବଦ୍ଧ ଭାବେ ପରିଷଦ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି।

ପରିଷଦ ଦର୍ଶାଇଛି ଯେ ଏହି କାର୍ଯ୍ୟାଳୟରେ କ୍ଲିନିକାଲ ଏଷ୍ଟାବ୍ଲିଶମେଟ ସେକ୍‌ସନ୍‌ର ସିନିୟର ସହାୟକ ଅଜିତ୍ କୁମାର ମହାରଣା ୨୦୧୨ରୁ ଦୀର୍ଘ ୧୪ ବର୍ଷ ହେବ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ରହିଛନ୍ତି। ତାଙ୍କ କାମ ହେଉଛି କଟକ ଜିଲ୍ଲାରେ ଥିବା ବିଭିନ୍ନ ହସ୍ପିଟାଲ ତଥା ଲାବରେଟୋରୀ ଓ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ରେ ଲାଇସେନ୍ସ ଓ ନବୀକରଣ ବାବଦ କାମ ତଦାରଖ କରିବା। କାହାକୁ ଲାଇସେନ୍ସ ମିଳିବ, କାହାକୁ ମିଳିବ ନାହିଁ, କାହାର କ'ଣ କାଗଜପତ୍ର ଆବଶ୍ୟକ, ଏସବୁ ବାବଦ କାମ ସେ ତଦାରଖ କରୁଛନ୍ତି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହେଉଛି। ଗତ ୨୦୨୪ ଜୁନ ୧୩ରେ ସେଇ କାର୍ଯ୍ୟାଳୟର ଅନ୍ୟ ଏକ ପଦବୀକୁ ତାଙ୍କର ବଦଳି କରାଯାଇଥିଲା। ତେବେ ମାତ୍ର ୯ ମାସ ମଧ୍ୟରେ ସେ ନିଜର ପୂର୍ବ ସ୍ଥାନକୁ ଫେରିଆସିଲେ। ସେହିପରି ଅମିତ କୁମାର ଦାସ, ଅକ୍ଷୟ କୁମାର ବେଉରା, ପଙ୍କଜ ମାହାଳି, ରମାକାନ୍ତ ନନ୍ଦ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଦି ମାଡ଼ି ବସିଛନ୍ତି।

ପରିଷଦ ପ୍ରଶ୍ନ ଉଠାଇଛି ଯେ କାହା ଛତ୍ରଛାୟାରେ ଏହିସବୁ ସରକାରୀ ବାବୁ ଏତେ ବର୍ଷ ହେବ ଏଠାରେ ଅଛନ୍ତି? କଟକ ଜିଲ୍ଲାରେ ସିଡିଏମ୍‌ଓ, ଏଡିଏମ୍‌ଓଙ୍କ ବଦଳି ହେଉଛି। ଏପରିକି କିଛି ସାଧାରଣ କର୍ମଚାରୀଙ୍କୁ ତିନି ବର୍ଷ ମଧ୍ୟରେ ବାରମ୍ବାର ବଦଳି କରାଯାଉଛି। କିନ୍ତୁ ଏହି କର୍ମଚାରୀମାନଙ୍କଠାରେ କେହି ହାତ ମାରୁନାହାନ୍ତି। ଯଦି ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ପରିଷଦ ପକ୍ଷରୁ ସିଡିଏମ୍‌ଓଙ୍କ ଅଫିସ୍ ଘେରାଉ ସାଙ୍ଗକୁ ଧାରଣା ଓ ଅନଶନ କରାଯିବ ବୋଲି ପରିଷଦର ସଭାପତି ଡଃ ଦ୍ୱୀପାୟନ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

## ପ୍ରେମିକ ଘର ଆଗରେ ପ୍ରେମିକାଙ୍କ ଧାରଣା

### ଘରେ ତାଲା ଠୁଙ୍କି ପୁଅ ଘର ଲୋକ ଛୁ'



ଭଞ୍ଜନଗର,୧୯।୮(ସଂଚାର ବ୍ୟୁରୋ): ପ୍ରେମିକର ଘର ଆଗରେ ପ୍ରେମିକାଙ୍କ ଧାରଣା। ଘରେ ତାଲା ଠୁଙ୍କି ପ୍ରେମିକଙ୍କ ପରିବାର ଲୋକ ଛୁ' ମାରିଛନ୍ତି। ଗଞ୍ଜାମରେ ଏହି କାହାଣୀର ଆଉ ଏକ ସିକ୍ୱେଲ୍। ଗଞ୍ଜାମ ଜଗନ୍ନାଥପ୍ରସାଦ ଅଞ୍ଚଳର ଘଟଣା। ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଟାଧାର ଗାଁରେ ପ୍ରେମିକ ଘର ଆଗରେ ଧାରଣା ଦେଇଛନ୍ତି ପ୍ରେମିକା। ପ୍ରେମିକା ରାମକାଳୀ ସାହୁଙ୍କ ଘର ଛତିଶଗଡ଼ରେ ହୋଇଥିବା ବେଳେ ପ୍ରେମିକ ଆଶିଷ ସାହୁଙ୍କ ଘର ଆଗରେ ସେ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ହାଇଦ୍ରାବାଦରେ ଏକ କମ୍ପାନୀରେ ରାମକାଳୀ ମହିଳା ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ସେହି କମ୍ପାନୀରେ ସହକାରୀ ସୁରକ୍ଷା ଅଧିକାରୀ ଭାବେ କାମ କରୁଥିଲେ ଗଞ୍ଜାମ ଜଗନ୍ନାଥପ୍ରସାଦ ପଟାଧାର ଗାଁର ଆଶିଷ। ଉଭୟଙ୍କ ମଧ୍ୟରେ କ୍ରମେ ଗଢ଼ିଉଠିଲା ପ୍ରେମ ସମ୍ପର୍କ। ହାଇଦ୍ରାବାଦରେ ଲିଭ୍-ଇନ୍ ସମ୍ପର୍କରେ ରହୁଥିଲେ ସେମାନେ। ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଆଶିଷ। କିନ୍ତୁ ଗାଁରୁ ଆସୁଛି କହି ଆଉ ରାମକାଳୀଙ୍କ ନିକଟକୁ ଫେରି ନ ଥିଲେ। ଗତ ମାର୍ଚ୍ଚରେ ତାଙ୍କର ଅନ୍ୟତ୍ର ବିବାହ ହୋଇଥିଲା। ହ୍ୱାଟ୍‌ସଆପ ଷ୍ଟାଟସ୍‌ରୁ ଫଟୋ ଦେଖି ଏହା ଜାଣିବା ପରେ ରାମକାଳୀ ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ନ ମିଳିବାରୁ ଆଶିଷଙ୍କ ଗାଁକୁ ଆସି ତାଙ୍କ ଘର ଆଗରେ ରାମକାଳୀ ଧାରଣା ଦେଇ ତାଙ୍କ ପାଇଁ ନ୍ୟାୟ ମାଗିଛନ୍ତି। ଅନ୍ୟପଟେ ପ୍ରେମିକ ଆଶିଷଙ୍କ ଘରେ ତାଲା ଝୁଲୁଛି। ଘରେ ତାଲା ପକାଇ ସମସ୍ତ ସଦସ୍ୟ ଫେରାର ହୋଇଯାଇଛନ୍ତି।

## ମନ୍ଦିର ଦାନହୁଣ୍ଡି ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

ଦିଗପହଣ୍ଡି/ପାଟପୁର,୧୯।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ପାଟପୁର ଥାନାଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ପଳାସପୁର ଗ୍ରାମ ନିକଟ ମା' ଦଣ୍ଡକାଳୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦାନହୁଣ୍ଡି ଭାଙ୍ଗି ଚୋରି କରିଥିବା ଜଣାପଡ଼ିଛି। ଚୋରି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମନ୍ଦିର ପୂଜାରୀ ଆଜି ସକାଳୁ ପୂଜା କରିବା ପାଇଁ ଆସିଥିଲେ। ପ୍ରଥମେ ମନ୍ଦିର ଗମ୍ଭୀରା ଭିତରକୁ ଯିବା ପୂର୍ବରୁ ମୁଖ୍ୟ ଫାଟକ ଖୋଲାଥିବା ସେ ଦେଖିଥିଲେ। ଏହାପରେ ସେ ଗମ୍ଭୀରା ଭିତରକୁ ଯିବା ପରେ ଫାଟକ ନିକଟରେ ଥିବା ଦାନହୁଣ୍ଡି ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ପୂଜକ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନଙ୍କୁ ଖବର ଦେଇଥିଲେ। ଖବର ପାଇ ପରିଚାଳନା କମିଟି କାର୍ଯ୍ୟକର୍ତ୍ତାବୃନ୍ଦ ଓ ଗ୍ରାମବାସୀ ପହଞ୍ଚି ଦାନହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ସେଥିରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିବା ଜାଣିବାକୁ ପାଇଥିଲେ। ପରିଚାଳନା କମିଟି ସଭାପତି ଶୁକଦେବ ରେଡ୍ଡୀ, ସମ୍ପାଦକ କୃଷ୍ଣଚନ୍ଦ୍ର ପାଢ଼ୀ ଓ କର୍ମକର୍ତ୍ତା ଏନେଇ ପାଟପୁର ଥାନାକୁ ଖବର ଦେଇଥିଲେ। ପାଟପୁର ଥାନା ପୁଲିସ ଟିମ୍ ମନ୍ଦିର ପରିସରରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିଲେ।

## ବିବାହ ପରେ ରେଜିଷ୍ଟ୍ରି ଅଫିସ୍‌ରୁ ପ୍ରେମିକ ଫେରାର

ପୁରୀ,୧୯।୮(ସଂଚାର ବ୍ୟୁରୋ): ବେଙ୍ଗାଲୁରୁରେ ପ୍ରେମ, ଆଉ ପୁରୀ ରେଜିଷ୍ଟ୍ରି କାର୍ଯ୍ୟାଳୟରେ ବିବାହ। ହେଲେ ବିବାହ ରେଜିଷ୍ଟ୍ରେସନ ପରେ କାର୍ଯ୍ୟାଳୟରୁ ଚମ୍ପଟ୍ ମାରିଛି ପ୍ରେମିକ। ବାରମ୍ବାର ପ୍ରେମିକଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରେମିକ କଲ୍ ରିସିଭ୍ କରି ନ ଥିଲେ। ଶେଷରେ ମୋବାଇଲକୁ ସୁଇଚ୍ ଅଫ କରିଦେଇଥିଲେ। ପ୍ରେମିକଠାରୁ ପ୍ରତାରଣା ପରେ ନ୍ୟାୟ ଲାଗି ତାଳବଣିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି ପ୍ରେମିକା। ପୁଲିସ ମାମଲା ରୁଜୁ କରି ଛାନଭିନ୍ କରୁଛି।

### ୮ ବର୍ଷର ପ୍ରେମ ପାଇଁ ଥାନାରେ ପ୍ରେମିକା

ଖବର ନେବାରୁ ଜଣାପଡ଼ିଛି ଯେ ପ୍ରେମିକାଙ୍କ ଘର କୁମ୍ଭାରପଡ଼ା ଥାନା ଅଞ୍ଚଳରେ। ପ୍ରେମିକ ଜଣକଙ୍କ ଘର ପୁରୀର ତାଳବଣିଆ ଥାନା ଅଞ୍ଚଳରେ। ଉଭୟେ ବେଙ୍ଗାଲୁରୁରେ ଏକ କମ୍ପାନୀରେ ଚାକିରି କରନ୍ତି। ସେଠାରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ପରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୮ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ନିବିଡ଼ ହୋଇଥିଲା। ପ୍ରେମିକାକୁ ଜୀବନ ସାଥୀ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲା ପ୍ରେମିକ। ଉଭୟ ପ୍ରେମିକ ଓ ପ୍ରେମିକା ବେଙ୍ଗାଲୁରୁରୁ ଆସି ପୁରୀରେ ପହଞ୍ଚିଥିଲେ। ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଉଭୟଙ୍କ ସହମତିରେ ରେଜିଷ୍ଟ୍ରି ବିବାହ ହୋଇଥିଲା। କିନ୍ତୁ ରେଜିଷ୍ଟ୍ରେସନ ପରେ କାର୍ଯ୍ୟାଳୟରୁ ଚମ୍ପଟ ମାରିଥିଲା ପ୍ରେମିକ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟ ଦିଗରେ ପ୍ରେମିକକୁ ଖୋଜି ଆଣିବାକୁ ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ପୂର୍ବତନ ବିଧାୟକ ଶିବାଜୀ ମାଝୀଙ୍କ ପରଲୋକ



### ମୁଖ୍ୟମନ୍ତ୍ରୀ ଓ ନବୀନଙ୍କ ଶୋକ ପ୍ରକାଶ

ଲାଞ୍ଜିଗଡ଼, ୧୯।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଶିବାଜୀ ମାଝୀଙ୍କର ଗତକାଲି ବିଳମ୍ବିତ ରାତିରେ ତାଙ୍କ ନିଜସ୍ୱ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା। କିଛି ଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଶ୍ରୀ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ନିଜ ଗାଁ ବିଜେପୁର ଦନାରଗୁଡ଼ାକୁ ଫେରିଥିଲେ। ତେବେ ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ମାଝୀ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ଭାବେ ଗତ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ଯୋଗଦେଇ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ମାଝୀ ଜିଲ୍ଲାର ଲାଞ୍ଜିଗଡ଼, ଥୁଆମୂଳ ରାମପୁର ଭଳି ଆଦିବାସୀ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ବିଭିନ୍ନ ପଦପଦବୀରେ ରହିଥିଲେ ମଧ୍ୟ ତାଙ୍କର ସରଳ ଜୀବନଯାପନ ଓ ଲୋକଙ୍କ ପ୍ରତି ଆତ୍ମୀୟତା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଶ୍ରୀ ମାଝୀଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

### ସମନ୍ୱିତ ବାର୍ଷିକ ଯୋଜନା କମିଟି ବୈଠକ

## ସମୃଦ୍ଧ ଖୋର୍ଦ୍ଧା ଜିଲ୍ଲା ଗଠନ ଲକ୍ଷ୍ୟ: ଜଗଦ୍ଦେବ




ଖୋର୍ଦ୍ଧା,୧୯।୮(ସଂଚାର ବ୍ୟୁରୋ): ପ୍ରତ୍ୟେକ ବିଭାଗୀୟ ଅଧିକାରୀ କିଛି ନୂଆ ପ୍ରକଳ୍ପ କାର୍ଯ୍ୟକାରିତା ନିମନ୍ତେ ଚିନ୍ତା କରିବା ଉଚିତ। ମୋ ସ୍ୱପ୍ନର ଖୋର୍ଦ୍ଧା ଜିଲ୍ଲା, ସମୃଦ୍ଧ ଓ ସଶକ୍ତ ଓ ବିକଶିତ ଅଗ୍ରଣୀ ଖୋର୍ଦ୍ଧା ଜିଲ୍ଲା ଗଢ଼ି ତୋଳିବା ଲାଗି ପ୍ରତ୍ୟେକ ସ୍ତରରେ ଭିଜନ ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର ସହ ଖୋରଧା ଜିଲ୍ଲାକୁ ସମଗ୍ର ଭାରତ ବର୍ଷରେ ୧ ନମ୍ବର ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ଆହ୍ୱାନ ଦେଇଛନ୍ତି।

ବୈଠକରେ ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବ କିଶୋର ଜେନା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଆଇନ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ହରିଚନ୍ଦନ, ଜିଲ୍ଲା ପରିଷଦ ସଭାପତି, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପ୍ରମୁଖ ଯୋଗ ଦେଇଥିଲେ। ୧୧ ଜଣ ଜିଲ୍ଲା ପରିଷଦ ଜୋନ୍‌ର ସଦସ୍ୟସଦସ୍ୟାଙ୍କୁ ମେମ୍ବର ଭାବେ ନେଇ ଜିଲ୍ଲା ଯୋଜନା କମିଟି ଆପାତତଃ ୪୧ଟି ବିଭାଗର କାର୍ଯ୍ୟଧାରା ଉପରେ ଓ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ଅଗ୍ରଗତି ଉପରେ ସମୀକ୍ଷା ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ସମ୍ବନ୍ଧରେ ବୈଠକରେ ଆଲୋଚନା କରିଥିଲେ। ଗୃହ ଓ ନଗର ଉନ୍ନୟନ, ବନ ବିଭାଗର ମା' ପାଇଁ ଗଛଟିଏ, ଶ୍ରମ ବିଭାଗ, ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ, ଖାଦ୍ୟ ସୁରକ୍ଷା, ଚାଉଳ ମିଲ୍ ଖୋଲିବା, ସମବାୟ ସମିତି ବଜାର କେନ୍ଦ୍ର ଖୋଲିବା, ସବୁ ପଞ୍ଚାୟତରେ ଗୋ-ଶାଳା ଖୋଲିବା, ଜିଲ୍ଲାରେ ଉଚ୍ଚକ୍ଷମତାସମ୍ପନ୍ନ ବିଜୁଳି ଗ୍ରୀଡ ସ୍ଥାପନ କରିବା, ସାମାଜିକ ନିରାପତ୍ତା ଓ ଭତ୍ତା ଯୋଜନାର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ୨୦୨୬-୨୭ ବର୍ଷରେ ସମନ୍ୱିତ ଜିଲ୍ଲା ବାର୍ଷିକ ଯୋଜନାରେ ମୋଟ ୪୨୯୩ କୋଟି ୪୬ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ ବରାଦକୁ ମଞ୍ଜୁର କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# କିଶୋର-କିଶୋରୀଙ୍କ ପାଇଁ ସ୍ୱତନ୍ତ୍ର ଚାଟ୍‌ଜିପିଟି

**ନୂଆଦିଲ୍ଲୀ,୧୯।୮:** ଓପନ୍‌ଏଆଇ ପକ୍ଷରୁ ୧୮ ବର୍ଷରୁ କମ୍ ବୟସର କିଶୋର-କିଶୋରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରିବା ପାଇଁ 'ଚାଟ୍‌ଜିପିଟି ଫର୍ ଟିନ୍ସ' ଲଞ୍ଚ କରାଯାଇଛି। ଏହି ନୂତନ ଫିଚର ମାଧ୍ୟମରେ କମ୍ ବୟସର ୟୁଜର୍ସମାନେ ଅଧିକ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ଏଆଇ ଚାଟ୍‌ବଟ୍ ବ୍ୟବହାର କରିପାରିବେ । ଏଥିସହିତ ଅଭିଭାବକମାନେ ମଧ ନିଜ ପିଲାମାନଙ୍କର ଚାଟ୍‌ଜିପିଟି ବ୍ୟବହାର ଉପରେ କିଛି ନିୟନ୍ତ୍ରଣ ରଖିବାର ସୁଯୋଗ ପାଇବେ । ଏହାର ଗ୍ଲୋବାଲ୍ ରୋଲ୍‌ଆଉଟ୍ ଆରମ୍ଭ ହୋଇଯାଇଥିବାବେଳେ ଆଗାମୀ ସପ୍ତାହ ମଧରେ ଏହା ସମସ୍ତ ଯୋଗ୍ୟ ଆକାଉଣ୍ଟଗୁଡ଼ିକରେ ଉପଲବ୍ଧ ହେବ । 'ସ୍ଟଡି ମୋଡ୍' ଏବଂ ସୁରକ୍ଷା ବ୍ୟବସ୍ଥା: କମ୍ପାନି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଓପନ୍‌ଏଆଇ ଏହାର ଏଜ୍-ଡିଟେକ୍ସନ୍ ସିଷ୍ଟମ ଜରିଆରେ ଆକାଉଣ୍ଟଧାରୀଙ୍କ ବୟସ ନିର୍ଦ୍ଧାରଣ କରିବ । ୧୩ରୁ ୧୭ ବର୍ଷ ବୟସ୍କ ୟୁଜର୍ସମାନେ ମଧ ନିଜେ ବୟସ ପ୍ରବେଶ କରି ଏହି ସ୍ୱତନ୍ତ୍ର ଟିନ୍ ଏକ୍ସପିରିଏନ୍ସ ଆକ୍ସେସ୍ କରିପାରିବେ । ପିଲାମାନଙ୍କୁ ସିଧାସଳଖ ଉତ୍ତର ଦେବା ବଦଳରେ ଏହି ମୋଡ୍ ପ୍ରଶ୍ନ, ହିଣ୍ଟ ଏବଂ ଷ୍ଟେପ୍-ବାଇ-ଷ୍ଟେପ୍ ଗାଇଡ୍ ଦ୍ୱାରା ହୋମୱାର୍କ କିମ୍ବା ପାଠପଢ଼ାରେ ସହାୟତା କରିବ । ଏହାଦ୍ୱାରା କୁଇଜ୍ ଏବଂ ଅନ୍ୟାନ୍ୟ ଉପାୟରେ ସେମାନଙ୍କ ବୁଝିବା ଶକ୍ତି ମଧ ପରୀକ୍ଷା କରାଯାଇପାରିବ । ଏହି ଫିଚର୍ସ ଜରିଆରେ ନିର୍ଦ୍ଦିଷ୍ଟ ସମୟରେ ନୂଆ ଚାଟ୍ ପାଇଁ ଷ୍ଟଡି ମୋଡ୍‌କୁ ଡିଫଲ୍ଟ କରାଯାଇପାରିବ ଏବଂ ଆବଶ୍ୟକ ସମୟରେ ଚାଟ୍‌ଜିପିଟି ବ୍ୟବହାରକୁ ସୀମିତ କିମ୍ବା ବ୍ଲକ୍ କରାଯାଇପାରିବ। ୟୁଜର୍ସ କିମ୍ବା ସେମାନଙ୍କ ଅଭିଭାବକ ଏହାକୁ ସେଟ୍ କରିପାରିବେ । କଡ଼ା ସୁରକ୍ଷା ଏବଂ ପ୍ୟାରେଣ୍ଟାଲ କଣ୍ଟ୍ରୋଲ୍: କିଶୋର ୟୁଜର୍ସଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆତ୍ମହତ୍ୟା ପ୍ରବଣତା, ହିଂସା, ଇଟିଂ ଡିସଅର୍ଡର୍, ବିପଜ୍ଜନକ କାର୍, କଳାପ ଏବଂ ଅସାମାଜିକ କିମ୍ବା ଗ୍ରାଫିକ୍ କଣ୍ଟେଣ୍ଟ ଉପରେ କଡ଼ା ପ୍ରତିବନ୍ଧକ ଲଗାଯାଇଛି । ଲମ୍ବା ସମୟ ଧରି ବ୍ୟବହାର କଲେ ବିରତି ନେବାକୁ ପରାମର୍ଶ ମଧ ମିଳିବ । ଅଭିଭାବକମାନେ ନିଜ ଆକାଉଣ୍ଟକୁ ଲିଙ୍କ୍ କରି ନିର୍ଦ୍ଦିଷ୍ଟ ସେଟିଂସ୍ ପରିଚାଳନା କରିପାରିବେ । ତେବେ, ସେମାନେ ପିଲାମାନଙ୍କର ବ୍ୟକ୍ତିଗତ ଚାଟ୍‌ଗୁଡ଼ିକୁ ପଢ଼ିପାରିବେ ନାହିଁ । କେବଳ କୌଣସି ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ କମ୍ପାନି ପକ୍ଷରୁ ଆବଶ୍ୟକ ସୂଚନା ସହିତ ସେଫ୍ଟି ଆଲର୍ଟ ପଠାଯିବ । ବୟସ ୧୮ ବର୍ଷ କିମ୍ବା ସେତୁଠାରୁ ଅଧିକ ହେବାକ୍ଷଣି ଆକାଉଣ୍ଟଟି ସ୍ୱୟଂଚାଳିତ ଭାବେ ଏହି ଟିନ୍ ଏକ୍ସପିରିଏନ୍ସରୁ ବାହାରି ସାଧାରଣ ମୋଡ୍‌କୁ ଚାଲିଯିବ ଏବଂ ସମସ୍ତ ଅତିରିକ୍ତ ସୁରକ୍ଷା ତଥା ପ୍ୟାରେଣ୍ଟାଲ କଣ୍ଟ୍ରୋଲ୍ ସ୍ୱୟଂଚାଳିତ ଭାବେ ହଟିଯିବ ।



# କାର୍ତ୍ତିକ ଆର୍ଯ୍ୟନ ବଜାର କୋଲକାତା ବ୍ରାଣ୍ଡ୍ ଆମ୍ବାସଡର୍



**ନୂଆଦିଲ୍ଲୀ,୧୯।୮:** ବଜାର କୋଲକାତା ପକ୍ଷରୁ ବଲିଉଡ୍ ତାରକା କାର୍ତ୍ତିକ ଆର୍ଯ୍ୟନଙ୍କୁ ବ୍ରାଣ୍ଡ୍ ଆମ୍ବାସଡର ନିଯୁକ୍ତ କରାଯାଇଛି। ୨୦୦୨ରୁ ଯାତ୍ରା ଆରମ୍ଭ କରିଥିବା ଏହି କମ୍ପାନି ଏବେ ଦେଶର ଅଗ୍ରଣୀ ଭାଲ୍ୟୁ ରିଟେଲ୍ ବ୍ରାଣ୍ଡ୍ ଭାବେ ଉଭା ହେବା ସହ ଏହାର ଗୁଣାତ୍ମକ ମାନ, ସୁଲଭତା ଓ ବିଭିନ୍ନତା ଜରିଆରେ କୋଟି କୋଟି ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି। ଏହି ଅବସରରେ କମ୍ପାନିର ନିର୍ଦ୍ଦେଶକ ଓ ସିଇଓ ଅଭିଶେକ ଖେମ୍‌କା କହିଛନ୍ତି ଯେ କାର୍ତ୍ତିକ ଏକ ବିଶ୍ୱାସୀ, ଆକାଂକ୍ଷୀ ପିଢ଼ିର ପ୍ରତିନିଧିତ୍ୱ କରୁଛନ୍ତି। ଏକ ଆଞ୍ଚଳିକ ଭାଲ୍ୟୁ ରିଟେଲର୍‌ରୁ ୧୩ଟି ରାଜ୍ୟରେ ୨୫୦ଟି ଷ୍ଟୋର୍ ପର୍ଯ୍ୟନ୍ତ ଯାତ୍ରା ଆମ ଉପରେ ଗ୍ରାହକମାନଙ୍କ ରହିଥିବା ଭରସାକୁ ପ୍ରତିଫଳିତ କରୁଛି। ଆମେ ପୂଜା ଋତୁରେ ପ୍ରବେଶ କରୁଥିବା ବେଳେ ଏହି ସହଯୋଗିତା ଆମ ଯାତ୍ରାରେ ଏକ ଆକର୍ଷଣୀୟ ଅଧ୍ୟାୟ ହୋଇଛି। ସେହିପରି, ବଜାର କୋଲକାତା ପରିବାର ସହ ଯୋଡ଼ି ହୋଇ ମୁଁ ବହୁତ ଖୁସି ବୋଲି କାର୍ତ୍ତିକ କହିଛନ୍ତି। କମ୍ପାନିର ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା କହିଛନ୍ତି ଯେ ବଜାର କୋଲକାତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଆମ ବ୍ରାଣ୍ଡର ଚେହେରା ଭାବେ କାର୍ତ୍ତିକଙ୍କୁ ସ୍ୱାଗତ କରି ଆମେ ବେଶ୍ ଉଲ୍ଲସିତ। ଆମେ ସାରା ଦେଶରେ ସମ୍ପ୍ରସାରଣ ଜାରି ରଖିଥିବାରୁ ଏହି ସହଯୋଗିତା ଆମ ବ୍ରାଣ୍ଡ୍ ଓ ଗ୍ରାହକମାନଙ୍କ ସହ ଆମ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ।




# ପିଏନ୍‌ଜି ସଂଯୋଗ ବଢ଼ାଇବାକୁ ଆରମ୍ଭ ହେବ ପ୍ରୋତ୍ସାହନ ଯୋଜନା

**ନୂଆଦିଲ୍ଲୀ,୧୯।୮:** ଦେଶରେ ଘରୋଇ ପାଇପ୍‌ଡ ନ୍ୟାଚୁରାଲ ଗ୍ୟାସ୍ (ପିଏନଜି) ବ୍ୟବହାର ବଢ଼ାଇବା ପାଇଁ କେନ୍ଦ୍ର ସରକାର ନୂଆ ପ୍ରୋତ୍ସାହନ ଯୋଜନା ଆଣିଛନ୍ତି। ଏହି ଯୋଜନା ଅଧୀନରେ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ୍ (ସିଜିଡି) କମ୍ପାନିଗୁଡ଼ିକୁ ପ୍ରତ୍ୟେକ ଅତିରିକ୍ତ ସକ୍ରିୟ ତଥା ବିଲ୍ ହେଉଥିବା ଘରୋଇ ପିଏନଜି ସଂଯୋଗ ପାଇଁ ୨୦୦ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟର ଅତିରିକ୍ତ ଶସ୍ତା ଘରୋଇ ଗ୍ୟାସ୍ ଯୋଗାଣ କରାଯିବ। ନୂଆ ଯୋଜନା ୨୦୨୬ ସେପ୍ଟେମ୍ବର ୧ରୁ ଲାଗୁ ହେବ। ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଅନୁସାରେ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୂଆ ଘରକୁ ପିଏନଜି ନେଟୱର୍କ ସହ ଯୋଡ଼ିବା ସହିତ ପୂର୍ବରୁ ମିଟର ଲାଗିଥିଲେ ମଧ ନିଷ୍କ୍ରିୟ ଥିବା ସଂଯୋଗଗୁଡ଼ିକୁ ସକ୍ରିୟ କରିବା। ଦେଶରେ ବର୍ତ୍ତମାନ ପ୍ରାୟ ୧.୭୪ କୋଟି ଘରୋଇ ପିଏନଜି ସଂଯୋଗ ରହିଛି। ତେବେ ସମସ୍ତ ସଂଯୋଗ ସକ୍ରିୟ ଭାବେ ବ୍ୟବହାର ହେଉନଥିବାରୁ ସରକାର ଏବେ ସଂଯୋଗ ସଂଖ୍ୟା ଅପେକ୍ଷା ସକ୍ରିୟ ବ୍ୟବହାରକାରୀ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଯୋଜନାରେ ଯୋଗ୍ୟ ସିଜିଡି କମ୍ପାନିଗୁଡ଼ିକୁ ସେମାନଙ୍କ ନିର୍ଦ୍ଧାରିତ ଭୌଗୋଳିକ ଅଞ୍ଚଳର ଲକ୍ଷ୍ୟ ସୀମାଠାରୁ ଅଧିକ ଅତିରିକ୍ତ ବିଲ୍ ହେଉଥିବା ଘରୋଇ ପିଏନଜି ସଂଯୋଗ ପାଇଁ ୨୦୦ ଏସସିଏମ ଘରୋଇ ଏପିଏମ ଗ୍ୟାସ୍ ମିଳିବ। ଯୋଜନାଟି ୬ ମାସ ମଧରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ଶସ୍ତା ଘରୋଇ ଗ୍ୟାସ୍‌ର ଅତିରିକ୍ତ ଆବଣ୍ଟନ ଫଳରେ କମ୍ପାନିଗୁଡ଼ିକର ସାମଗ୍ରିକ ଗ୍ୟାସ୍ କ୍ରୟ ଖର୍ଚ୍ଚ କମିବ ବୋଲି ସରକାର ଆଶା କରୁଛନ୍ତି। ସରକାରଙ୍କ ଆକଳନ ଅନୁଯାୟୀ, ଏହି ପଦକ୍ଷେପ ପିଏନଜି ନେଟୱର୍କ ବିସ୍ତାରରେ କମ୍ପାନିଗୁଡ଼ିକର ପୁଞ୍ଜି ନିବେଶର ଫେରସ୍ତ ସମୟକୁ ପ୍ରାୟ ୧୦ ବର୍ଷରୁ ହ୍ରାସ କରି ପ୍ରାୟ ୩ ବର୍ଷ କରିପାରେ। ଫଳରେ ନୂଆ ଅଞ୍ଚଳରେ ପାଇପ୍‌ଲାଇନ୍ ବିଛାଇବା ଏବଂ ଅଧିକ ଘରକୁ ପିଏନଜି ସଂଯୋଗ ଦେବା ପାଇଁ ସିଜିଡି କମ୍ପାନିଗୁଡ଼ିକର ଆଗ୍ରହ ବଢ଼ିବ। ଏହି ନିଷ୍ପତ୍ତି ପଛରେ ଆଉ ଏକ ବଡ଼ କାରଣ ହେଉଛି ଭାରତର ଏଲପିଜି ଆମଦାନି ଉପରେ ଅଧିକ ନିର୍ଭରଶୀଳତା। ଭାରତ ନିଜ ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଏଲପିଜି ବିଦେଶରୁ ଆମଦାନି କରେ ଏବଂ ଏହାର ବଡ଼ ଅଂଶ ମଧ୍ୟପ୍ରାଚ୍ୟରୁ ଆସିଥାଏ। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଇନ୍ଧନ ପରିବହନ ବାଧାପ୍ରାପ୍ତ ହେବା ସହ ଆମଦାନି ଖର୍ଚ୍ଚ ବଢ଼ିଛି। ୨୦୨୫ରେ ଭାରତ ପ୍ରାୟ ୨.୨ କୋଟି ମେଟ୍ରିକ୍ ଟନ୍ ଏଲପିଜି ଆମଦାନି କରିଥିଲା ଯାହା ପାଇଁ ପ୍ରାୟ ୧୨ ବିଲିୟନ୍ ଡଲାର ଖର୍ଚ୍ଚ ହୋଇଥିଲା। ପିଏନଜି ବ୍ୟବହାର ବଢ଼ିଲେ ଘରୋଇ ରୋଷେଇରେ ଏଲପିଜି ସିଲିଣ୍ଡର ଉପରେ ନିର୍ଭରଶୀଳତା କମିପାରିବ। ପିଏନଜି ପାଇପ୍ ମାଧ୍ୟମରେ ସିଧାସଳଖ ଘରକୁ ପହଞ୍ଚୁଥିବାରୁ ଗ୍ରାହକଙ୍କୁ ସିଲିଣ୍ଡର ବୁକ୍, ଡେଲିଭରି ଏବଂ ମହଜୁଦ ରଖିବାର ଆବଶ୍ୟକତା ରହେନାହିଁ। ମିଟର ଅନୁସାରେ ଗ୍ୟାସ୍ ବ୍ୟବହାରର ବିଲ୍ ପୈଠ କରିବାକୁ ପଡ଼େ।



# ମେଣ୍ଢା ପାଳନ କରି ହୁଅନ୍ତୁ ଲକ୍ଷପତି

**ନୂଆଦିଲ୍ଲୀ,୧୯।୮:** ଗାଁ ଓ ଗ୍ରାମାଞ୍ଚଳରେ ଚାଷ ସହ ପଶୁପାଳନ ଚାଷୀଙ୍କ ଆୟ ବଢ଼ାଇବାର ଏକ ପ୍ରମୁଖ ମାଧ୍ୟମ। ବିଶେଷକରି ମେଣ୍ଢା ପାଳନକୁ କମ ସ୍ଥାନ ଓ ତୁଳନାମୂଳକ କମ ସମ୍ବଳରେ ଆରମ୍ଭ କରାଯାଇପାରୁଥିବା ବ୍ୟବସାୟ ଭାବେ ଦେଖାଯାଏ। ମାଂସ ଓ ଉଲ ମାଧ୍ୟମରେ ମେଣ୍ଢା ପାଳକ ଭଲ ଆୟ କରିପାରନ୍ତି। ଗ୍ରାମାଞ୍ଚଳରେ ପଶୁପାଳନକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ଯୋଜନା ଚଳାଉଛନ୍ତି। ଏଥିରେ ମେଣ୍ଢା ଓ ଛେଳି ପାଳନ ସହ ଜଡ଼ିତ ଲୋକଙ୍କ ପାଇଁ ମଧ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି। ବିଶେଷକରି ନ୍ୟାଶନାଲ ଲାଇଭଷ୍ଟକ ମିଶନ (ଏନ୍‌ଏଲ୍‌ଏମ୍) ଅଧୀନରେ କିଛି ଯୋଗ୍ୟ ଲାଭାର୍ଥୀଙ୍କୁ ମେଣ୍ଢା-ଛେଳି ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ୯୦ ପ୍ରତିଶତ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିପାରେ। ମେଣ୍ଢା ପାଳନ ମାଧ୍ୟମରେ ପରିବାର ସଦସ୍ୟଙ୍କ ପାଇଁ ସ୍ଥାନୀୟ ସ୍ତରରେ ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ହୁଏ। ମେଣ୍ଢାରୁ ମାଂସ ଓ ଉଲ ମିଳୁଥିବାରୁ ଏକାଧିକ ଉପାୟରେ ଆୟ କରାଯାଇପାରେ। ଅନ୍ୟ ପଶୁପାଳନ ତୁଳନାରେ ମେଣ୍ଢା ପାଳନ ଅପେକ୍ଷାକୃତ ସହଜ ବୋଲି ଧରାଯାଏ। ମେଣ୍ଢା ଜମି ଓ ମଇଦାନରେ ଥିବା ଅନାବଶ୍ୟକ ଘାସ ଓ ଜଙ୍ଗଲି ଗଛ ଖାଇ ପ୍ରାକୃତିକ ଭାବେ ସଫା କରିଥାଏ। ଏହା ଚାଷୀଙ୍କ ପାଇଁ ଜମି ପରିଚାଳନାରେ ମଧ ସହାୟକ ହୋଇପାରେ। ଏନ୍‌ଏଲ୍‌ଏମ୍‌ର ପରିଚାଳନା ନିର୍ଦ୍ଦେଶାବଳୀ ଅନୁସାରେ, ବନ ଅଧିକାର ଆଇନ (ଏଫ୍‌ଆରଏ) ଅଧୀନରେ ଯୋଗ୍ୟ ଅନୁସୂଚିତ ଜନଜାତି ଲାଭାର୍ଥୀଙ୍କ ପାଇଁ କିଛି ଛେଳି/ମେଣ୍ଢା ପ୍ରଜନନ କାର୍ଯ୍ୟକଳାପରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତାର ବ୍ୟବସ୍ଥା ରହିଛି। ଅର୍ଥାତ୍ ଯୋଗ୍ୟ ଲାଭାର୍ଥୀ ଯୋଜନା ଅଧୀନରେ ଅନୁମୋଦିତ ଖର୍ଚ୍ଚର ଏକ ବଡ଼ ଅଂଶ ସରକାରୀ ସହାୟତା ଭାବେ ପାଇପାରିବେ। ଅବଶିଷ୍ଟ ରାଶି ଲାଭାର୍ଥୀଙ୍କୁ ନିଜେ କିମ୍ବା ଅନୁମୋଦିତ ଅନ୍ୟ ଆର୍ଥିକ ମାଧ୍ୟମରୁ ଯୋଗାଡ଼ କରିବାକୁ ପଡ଼ିବ। ମେଣ୍ଢା ପାଳନ ବ୍ୟବସାୟ ଆରମ୍ଭ କରିବା ସମୟରେ ମେଣ୍ଢା କିଣିବା, ସେମାନଙ୍କ ଯତ୍ନ, ରହିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ସହାୟତା ମିଳିଲେ ଏହି ପ୍ରାରମ୍ଭିକ ଖର୍ଚ୍ଚର ଚାପ ଅନେକ ମାତ୍ରାରେ କମିପାରେ। ଏହି ଯୋଜନାର ଲାଭ ପାଇବାକୁ ଆପଣ ନିଜ ଅଞ୍ଚଳର ପଶୁପାଳନ ବିଭାଗ କିମ୍ବା ସମ୍ପୃକ୍ତ ସରକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ସେଠାରୁ ଯୋଜନାର ଯୋଗ୍ୟତା, ଆବଶ୍ୟକ ଦସ୍ତାବିଜ ଓ ଆବେଦନ ପ୍ରକ୍ରିୟା ସମ୍ବନ୍ଧରେ ସୂଚନା ମିଳିପାରିବ। ତେବେ ଆବେଦନ ପ୍ରକ୍ରିୟା ରାଜ୍ୟ ଅନୁସାରେ ଭିନ୍ନ ହୋଇପାରେ। ତେଣୁ ଆବେଦନ କରିବା ପୂର୍ବରୁ ନିଜ ଅଞ୍ଚଳର ସମ୍ପୃକ୍ତ ସରକାରୀ ବିଭାଗରୁ ସଠିକ ତଥ୍ୟ ଜାଣିବା ଜରୁରୀ।



ସରକାର ଦେଉଛନ୍ତି ୯୦% ପର୍ଯ୍ୟନ୍ତ ସବସିଡି!



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୦୫୦ ଟଙ୍କା ଛୁଇଁଛି ।ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୨,୦୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୧୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୯୭୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ବୃଦ୍ଧି ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦.୪୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୨ ଟଙ୍କା ୪୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

■ ଅଧପନ୍ତରିଆ ଭାବେ ପଡ଼ିରହିଛି ଗଭୀର ନଳକୂପ

# ଶୁଦ୍ଧ ପାନୀୟ ଜଳ ପାଲଟିଛି ସାତସପନ



ନୀଳଗିରି, ୧୯।୮ (ସଂଚାର ବ୍ୟୁରୋ): ବହୁ ବର୍ଷ ଆଗରୁ ଥିବା ଗଭୀର ନଳକୂପଟି ଅଚଳ ହେବାରୁ ଉକ୍ତ ସ୍ଥାନରେ ସରକାରଙ୍କ ପକ୍ଷରୁ ଏକ ନୂତନ ଗଭୀର ନଳକୂପ ଖୋଳା ଯାଇ ଅଧାପାନ୍ତରିଆ ଭାବେ ଛାଡ଼ି ଚାଲିଯାଇଛନ୍ତି ଜୈନିକ ଠିକାଦାର। ଗ୍ରାମରେ ସୁଦ୍ଧ ପାନୀୟ ଜଳ ସାତସପନ ପାଲଟିଛି। ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ପିଠାହତା ପଞ୍ଚାୟତ ସାନ ନୂଆଗାଁ ଗ୍ରାମର ୫ନମ୍ବର ୱାର୍ଡ ବନ୍ଧ ସାହିରେ।

ସୂଚନା ମୁତାବକ ଉକ୍ତ ଗ୍ରାମରେ ବହୁବର୍ଷ ପୂର୍ବରୁ ଏକ ଗଭୀର ନଳକୂପ ଖୋଳା ଯାଇଥିଲା ବେଳେ ଏବେ ଅଚଳ ହୋଇ ପଡ଼ିଛି। ତେବେ ନୀଳଗିରି ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଦୁଇ ମାସ ପୂର୍ବରୁ ଏକ ଗଭୀର ନଳ କୂପ ଖୋଳା ଯାଇଥିଲେ ମଧ୍ୟ ଅଦ୍ୟାବଧି ଅଧାପନ୍ତରିଆ ଭାବେ ଛାଡିଦେଇ ଜୈନିକ ଠିକାଦାର ଛୁ ମାରିଛନ୍ତି। ଏନେଇ ଜୟସ୍ମିତା ବେହେରା, ଲକ୍ଷ୍ମୀମଣି ବାସ୍କ, ସୁମତୀ ପଲେଇ, ଭାବମଣୀ ପଲେଇ, ଭାରତୀ ପଲେଇ, ଶ୍ରାବଣୀ ବେହେରା, ପୂଜ୍ୟଶ୍ରୀ ପ୍ରଧାନ, ଶକୁନ୍ତଳା ପଲେଇ, ରସ ପଲେଇ, ବନଲତା ପଲେଇ, ନୟନା ଦେହୁରୀ, ଶାନ୍ତିଲତା ପଲେଇ, ବାୟାଣୀ ପଲେଇ ପ୍ରମୁଖ ଗ୍ରାମବାସୀ ମାନେ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଶ୍ରୀଯୁକ୍ତ ନାୟକ ସମସ୍ୟା ସମ୍ପର୍କରେ ହୃଦବୋଧ କରିବା ପରେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ତୁରନ୍ତ ଟିଉବୱେଲ ଫିଟିଙ୍ଗ ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ବର୍ଷାରେ ବେହାଲ ଡାଙ୍ଗିଡ଼ିକିଆ ଜୟଲମ୍ବା ରାସ୍ତା

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ ପାଇଁ ଗ୍ରାମବାସୀଙ୍କ ଦାବି

ଫୁଲବାଣୀ, ୧୯।୮ (ସଂଚାର ବ୍ୟୁରୋ): ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ଏବେବି ଅନେକ ଏମିତି ଗାଁ ରହିଛି ଯେଉଁ ଗାଁ'ଙ୍କୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ହୋଇପାରିନି । ଯାହା ଫଳରେ ଗ୍ରାମବାସୀ ଯିବା ଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗାଁ ଦାଣ୍ଡ ଗୁଡ଼ିକ ପାଣି କାଦୁଅରେ ଭାରି ରହିଥିବା ଦେଖିବାକୁ ମିଳିଛି। ଏମିତି ଏକ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଅବହେଳିତ ଅବସ୍ଥାରେ ପଡିରହିଥିବା ଏକ ଗାଁ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ରତଙ୍ଗ ପଞ୍ଚାୟତରେ ।

ତେବେ ରାତଙ୍ଗ ପଞ୍ଚାୟତର ଏକ ନମ୍ବର ୱାର୍ଡ଼ କୁହାଯାଉଥିବା ଦାର୍ଙ୍ଗିଡ଼ିକିଆ ଗାଁ ଏବେ ଅନେକ ସମସ୍ୟା ଦେଖା ଦେଇଥିବା ବେଳେ ରାସ୍ତା ସମସ୍ୟା ଗ୍ରାମବାସୀଙ୍କ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି । ବର୍ଷା ଦିନ ଆସିଲେ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇ ଯାଉଛି। ଗାଁ ଦାଣ୍ଡରେ ବର୍ଷା ପାଣି ଜମି ରହୁଥିବା ବେଳେ ଗାଁ ଦାଣ୍ଡଟି ପାଣି କାଦୁଅରେ ଭାରି ରହୁଛି । ଯାହାପାଇଁ ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଯିବା ଆସିବା ଛାତ୍ରଛାତ୍ରୀଙ୍କୁ ଯିବାଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ଗାଁଟି ଫୁଲବାଣୀ ବାଲିଗୁଡା ମୁଖ୍ୟ ରାସ୍ତା କଡ଼ରୁ ପ୍ରାୟ ଏକ କିଲୋମିଟର ଦୂରରେ ରହିଥିବା ବେଳେ ଏହି ଗାଁ ଦେଇ ପାଖାପାଖି ପାଞ୍ଚରୁ ସାତ ଖଣ୍ଡ ଗାଁର ଗ୍ରାମବାସୀ ଯିବା ଆସିବା କରିଆସୁଛନ୍ତି। ସେପଟେ ମୁଖ୍ୟ ସଡ଼କରୁ ଏହି ଦାର୍ଙ୍ଗିଡ଼ିକିଆ ଗାଁ ଦେଇ ଭାୟା ଜୟଲମ୍ବା ଦେଇ ଶେଷକାଯୋଡି ଗାଁକୁ ସଂଯୋଗ କରୁଥିବା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଅଂଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି। ସେପଟେ ପଂଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ଗ୍ରାମର ଅବସ୍ଥା ଯଦି ଏଭଳି ଶୋଚନୀୟ ତାହେଲେ ଉପାନ୍ତ ଅଂଚଳରେ ଥିବା ଗାଁ ମାନଙ୍କର ଅବସ୍ଥା କିଭଳି ହୋଇଥିବ ବୋଲି ମଧ୍ୟ ଅଂଚଳବାସୀ ପ୍ରଶ୍ନ କରିଛନ୍ତି ।

ଏହି ଗାଁକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଦାର୍ଙ୍ଗିଡ଼ିକିଆ ଗ୍ରାମ କମିଟି ସଭାପତି ଅନାମ ଦିଗାଲଙ୍କ ସହ ସମସ୍ତ ଅଂଚଳବାସୀ ଦାବି କରିଥିବା ବେଳେ ଆଗାମୀ ଦିନରେ ଦାବିକୁ ଯଦି ସରକାର ନ ଶୁଣନ୍ତି ତାହାଲେ ରାସ୍ତା ପାଇଁ ଏକ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।



ଏସଆଇଆରରେ ଅନିୟମିତତା ଅଭିଯୋଗ

# ବାଦ୍ ପଡ଼ିଥିବା ଭୋଟରଙ୍କ ବ୍ଲକ ସମ୍ମୁଖରେ ଧାରଣା



ବାଲିକୁଦା, ୧୯।୮ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସଆଇଆର ପ୍ରକ୍ରିୟାରୁ ବାଦ ପଡ଼ିଥିବା ଭୋଟରମାନେ ଧାରଣା ଦେଇଛନ୍ତି। ଭୋଟରଙ୍କ ନାମ କିଏ ଏବଂ କିପରି ଭୋଟର ବାଦ ଫର୍ମ (ଫର୍ମ-୭) ମାଧ୍ୟମରେ ବାଦ ଦେବାକୁ ଆବେଦନ କରିଛି, ତାହାର ତୁରନ୍ତ ତଦନ୍ତ କରିବା ସହ ବାଦ ପଡ଼ିଥିବା ଭୋଟରଙ୍କ ନାମ ପୁନର୍ବାର ଭୋଟର ତାଲିକାରେ ସଂଯୋଗ କରିବାକୁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗରାମ ପଞ୍ଚାୟତର ଗୋଟିଏ ୱାର୍ଡର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୪୭ ଜଣ ଭୋଟରଙ୍କ ନାମରେ କେହି ଜଣେ ବ୍ୟକ୍ତି ଫର୍ମ-୭ରେ ଆବେଦନ କରିଥିବା ଅଭିଯୋଗ ହୋଇଛି। ଆବେଦନରେ ସମ୍ପୃକ୍ତ ଭୋଟରମାନେ ଅନୁପସ୍ଥିତ ଏବଂ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିବା ଦର୍ଶାଇ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାକୁ ଆବେଦନ କରାଯାଇଥିବା ଅଭିଯୋଗ ରହିଛି। ଘଟଣା ସମ୍ପର୍କରେ ଜାଣିବା ପରେ ସମ୍ପୃକ୍ତ ୱାର୍ଡର ଭୋଟରମାନେ ପ୍ରଥମେ ଜିପିଓଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ସେଠାରୁ ସନ୍ତୋଷଜନକ ଉତ୍ତର ମିଳିନଥିବା ଅଭିଯୋଗ କରିଛନ୍ତି।

ଏହାପରେ ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନୀ ଚରଣ ରାଉତ, ଦଳୀୟ ବିଏଲଏ ଅବଦୁଲ ରହିମ ଓ ତରିକ ସାହାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଭୋଟର ବାଲିକୁଦା ବିଡିଓଙ୍କୁ ଲିଖିତ ଅଭିଯୋଗ ଦେବା ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କିନ୍ତୁ ବିଡିଓ, ଏବିଡିଓ ଓ ଜିପିଓ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଭୋଟରମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ବ୍ଲକର ବଡ଼ବାବୁ ବସନ୍ତ ବିଶ୍ୱାଳ ଧାରଣାରତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ଏହି ଅନିୟମିତତା କେବଳ ଗରାମ ପଞ୍ଚାୟତରେ ସୀମିତ ନୁହେଁ, ବାଲିକୁଦା ବ୍ଲକର ୩୦ଟି ପଞ୍ଚାୟତରେ ମଧ୍ୟ ଏସଆଇଆର ପ୍ରକ୍ରିୟାକୁ ନେଇ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିବା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ କହିଛନ୍ତି।

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ବାରିପଦା, ୧୯।୮ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାରେ ବିଗତ କିଛିଦିନ ହେଲାଣି ବର୍ଷା ର ବିପ୍ରାତ ଲାଗିରହିଛି। ଲଗାଣ ବର୍ଷାରେ ଅନେକ ଧନ ଜୀବନ କ୍ଷୟକ୍ଷତି ହେବାସହ ରାସ୍ତାଘାଟ, ଚାଷଜମି ସବୁ ଉଜୁଡିପଡିଛି । ଏହି ଲଗାତାର ବର୍ଷା ଯୋଗୁଁ କାନ୍ଥ ଭୁଶୁଡି ମୟୁରଭଞ୍ଜ ଜିଲ୍ଲା ଭୁଡୁରୁବଣି ଗ୍ରାମର ଭଗବାନ ଓଝା ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଶୈଳ ଓଝା (53) ଙ୍କ ମୃତ୍ୟୁ ଘଟିଅଛି । ଗତକାଲି ରାତ୍ରୀରେ ଉଭୟ ସ୍ୱାମୀ ସ୍ତ୍ରୀ ଖାଇପିଇ ଘର ବାରଣ୍ଡାରେ ଥିବା ତେଜରାତି ଦୋକାନ ପିଣ୍ଡାରେ ଶୋଇଥିଲେ । ହଠାତ ରାତ୍ରୀରେ ବର୍ଷାଯୋଗୁଁ କାନ୍ଥ ଦୁର୍ବଳ ହୋଇଥିବାରୁ ସେମାନଙ୍କ ଉପରେ ଖସି ପଡିଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ପରେ ବାଲେଶ୍ୱର ରେମୁଣା ସ୍ଥିତ ମେଡିକାଲ କଲେଜ ଓ ହସପିଟାଲ କୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୈଳ ଓଝା ଙ୍କ ମୃତ୍ୟୁ ଘଟିଥିଲା । ଏ ବାବଦରେ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ କୁ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଅଛି। ପ୍ରକାଶ ଥାଉକି ଗତକାଲି ମଧ୍ୟ ବାଦାମପାହାଡ଼ ଥାନା ଅନ୍ତର୍ଗତ ଚୁଆପାଣି ପଞ୍ଚାୟତର ଛଣୁଆ - ବଡ଼ସାହିର ଗ୍ରାମରେ ଏହି ସମାନ ଘଟଣାରେ ସ୍ୱାମୀ ବୀରଭଦ୍ର ମହାନ୍ତ ଗୁରୁତର ଆହତ ହୋଇଥିବାବେଳେ ସ୍ତ୍ରୀ ହେମଲତା ମହାନ୍ତ ମୃତ୍ୟୁବରଣ କରିଛନ୍ତି ।

# ଉପାନ୍ତ ଅଞ୍ଚଳର ବିଭିନ୍ନ ଗ୍ରାମ ପରିଦର୍ଶନ କଲେ ମେଡିକାଲ ଟିମ



ବୋରିଗୁମ୍ମା, ୧୯।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଶ୍ରୀକାନ୍ତ କୁମାର ଶତପଥୀ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗ ଡାକ୍ତରଙ୍କ ସମେତ ବୋରିଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳରେ ରହିଥିବା ବିଭିନ୍ନ ଅପହଞ୍ଚ ଗ୍ରାମ ପରିଦର୍ଶନ କରି ପରିମଳ ବ୍ୟବସ୍ଥା ଭିତ୍ତିଭୂମିର ସ୍ଥିତି ଏବଂ ସାମଗ୍ରିକ କାର୍ଯ୍ୟପ୍ରଣାଳୀର ସମୀକ୍ଷା କରିଥିଲେ ।

ପରିଦର୍ଶନ ସମୟରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଡାକ୍ତର ଉପାନ୍ତ ଅଞ୍ଚଳର ହିତାଧିକାରୀ, ଗ୍ରାମବାସୀ ମାନଙ୍କ ସହ ଆଲୋଚନାକରି ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଆଲୋଚନା କରି ବିଭିନ୍ନ ବିଷୟରେ ମତାମତ ନେବାସହ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ | ପ୍ରଥମେ ସ୍ୱାସ୍ଥ୍ୟ ଅଧିକାରୀ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣକୁ ଗୁରୁତ୍ୱ ଦେଇ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଭଳି ସଂକ୍ରାମକ ରୋଗର ନିୟନ୍ତ୍ରଣ ଓ ଲୋକଙ୍କୁ ତୁରନ୍ତ ଉତ୍ତମ ଚିକିତ୍ସାସେବା ଯୋଗାଇ ପ୍ରଶଂସା ସାଉଁଟିଛନ୍ତି ଡାକ୍ତର ଶ୍ରୀକାନ୍ତ ଶତପଥୀଙ୍କ ସମେତ ଡାକ୍ତରୀଦଳ। ପୃଥକ୍ ପୃଥକ୍ ଭାବେ ୩ ଜଣିଆ ଡାକ୍ତରୀ ଦଳ ଉପାନ୍ତ ଗାଁ ଗୁଡ଼ିକରେ ଲୋକଙ୍କ ସ୍ୱାସ୍ଥ୍ୟସେବା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପରିଦର୍ଶନରେ ମ୍ୟାଲେରିଆ, ଡେଙ୍ଗୁ, ପତଳା ଝାଡ଼ା, ଯକ୍ଷ୍ମା, କୁଷ୍ଠ ସମେତ ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା। ଏଥିସହ ଉପାନ୍ତ ଅପହଞ୍ଚ ଗାଁ ଗୁଡ଼ିକରୁ ଆସିଥିବା ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା ।

ବଡ଼ଦାଣ୍ଡ ଆଲୋକୀକରଣ ନାଁରେ ଅର୍ଥ ହେରଫେର ଅଭିଯୋଗ

# ଲାଇଟ୍ ଉପରେ ଲାଇଟ୍ ଲଗେଇବାକୁ ଅନୁମତି ଦେଲା କିଏ ?

ଆନନ୍ଦପୁର, ୧୯।୮ (ସଂଚାର ବ୍ୟୁରୋ): ଆନନ୍ଦପୁର ବଡ଼ଦାଣ୍ଡରେ ଆଲୋକୀକରଣକୁ ନେଇ ପୁଣି ସାମ୍ନାକୁ ଆସିଛି ସଙ୍ଗିନ ଅଭିଯୋଗ। ପୂର୍ବରୁ ଲାଗିଥିବା ଲାଇଟ୍ ଉପରେ ପୁଣି ଜିଆଇ ତାର ସାହାଯ୍ୟରେ ବନ୍ଧାଯାଉଛି ଏଲଇଡି ଲାଇଟ୍। ତେବେ ପ୍ରଶ୍ନ ଏହି ଲାଇଟ୍ ସ୍ଥାୟୀ ଭାବେ ଲଗାଯାଉଛି ନା ଅସ୍ଥାୟୀ ଭାବେ? ଯଦି ସ୍ଥାୟୀ, ତେବେ ଜିଆଇ ତାର ରେ ବାନ୍ଧି ଲାଇଟ୍ ଲଗାଇବାର ଆବଶ୍ୟକତା କ'ଣ? ଚୋର କୁ ଚୋରି କରିବା ପାଇଁ ସୁଯୋଗ ଦିଆଯାଉଛି କି? ତେବେ ଖବର ବାଜିବା ପରେ ଏବେ ତତ୍ପର ହୋଇଛି ପୌର ପ୍ରଶାସନ। କିନ୍ତୁ ଏହି ତତ୍ପରତା କୁ ନେଇ ମଧ୍ୟ ଉଠୁଛି ପ୍ରଶ୍ନ।

ବଡ଼ଦାଣ୍ଡ ଆଲୋକୀକରଣ ପାଇଁ ପୂର୍ବରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି? ପୂର୍ବରୁ ଲାଗିଥିବା ଲାଇଟ୍ ଉପରେ ପୁଣି ନୂଆ ଲାଇଟ୍ ଲଗାଇବାକୁ କିଏ ଅନୁମତି ଦେଲା? ଏହା ପାଇଁ କୌଣସି ଟେକ୍ନିକାଲ୍ ଅନୁମୋଦନ ନିଆଯାଇଛି କି? ଯଦି ବଡ଼ଦାଣ୍ଡକୁ ସୁନ୍ଦର ଓ ଆଲୋକିତ କରିବା ପାଇଁ ପୌରପାଳିକାର ଏତେ ଦରଦ ଥିଲା, ତେବେ ପ୍ରଥମରୁ ଉନ୍ନତମାନର ଲାଇଟ୍ କାହିଁକି ଲଗାଯାଇନଥିଲା? ଆନନ୍ଦପୁର ବଡ଼ଦାଣ୍ଡ ରେ ହାତ ଗଣତି କେତୋଟି ଖୁଣ୍ଟି ପୋତା ଯାଇ ଆଲୋକିକରଣ କରାଯାଉ ଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଆନନ୍ଦପୁରର ଶ୍ରୀ ଦଧିବାମନ ଜୀଉ ଙ୍କ ମନ୍ଦୀର ନିକଟରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଆଲୋକିକରଣ କରିବାକୁ ଦାବି ହୋଇଛି। ସରକାରୀ ଅର୍ଥରେ ହେଉଥିବା କାମରେ ନିୟମ ଓ ମାନଦଣ୍ଡ ପାଳନ ହେଉଛି କି ନାହିଁ, ତାହା ନେଇ ଏବେ ଆନନ୍ଦପୁରବାସୀଙ୍କ ମନରେ ବଡ଼ ପ୍ରଶ୍ନ। ଲାଇଟ୍ ଲଗାଇବା ନାଁରେ ସରକାରୀ ଅର୍ଥର ଅପବ୍ୟୟ କିମ୍ବା ଅନିୟମିତତା ହୋଇଛି କି? ନା ନିୟମ ଅନୁସାରେ ହିଁ ସବୁ କାମ ହୋଇଛି? ଏହାର ସ୍ପଷ୍ଟ ଉତ୍ତର ଏବେ ପୌର ପ୍ରଶାସନ ଦେଇପାରିବ ତ?। ଏବେ ଆନନ୍ଦପୁରବାସୀଙ୍କ ଦାବି କେନ୍ଦୁଝର ଜିଲ୍ଲାପାଳ ଘଟଣାର ନିରପେକ୍ଷ ତଦନ୍ତ କରନ୍ତୁ। କାମର ଅନୁମୋଦନ, ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ଲାଇଟ୍ ଲଗାଇବାର ନିୟମ ସବୁ ଯାଞ୍ଚ କରାଯାଉ।



# କୋରାପୁଟ ବ୍ଲକରେ ମନରେଗା ଜନଶୁଣାଣି ୭ ଦିନ ମଧ୍ୟରେ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ

କୋରାପୁଟ, ୧୯।୮ (ସଂଚାର ବ୍ୟୁରୋ): କୋରାପୁଟ ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ବା ମନରେଗାର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ୨୦୨୫ ଅକ୍ଟୋବର ୧ରୁ ୨୦୨୬ ମାର୍ଚ୍ଚ ୩୧ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷା ପରେ ଚିହ୍ନଟ ହୋଇଥିବା ତ୍ରୁଟିକୁ ନେଇ ଏହି ଜନଶୁଣାଣୀ କରାଯାଇଥିଲା। ସାମାଜିକ ସମୀକ୍ଷା ସମୟରେ ୮ଟି ପ୍ରକଳ୍ପରେ ସୂଚନା ଫଳକ ନଥିବା, କେତେକ ପଞ୍ଚାୟତରେ ଜବକାର୍ଡ ଅପଡେଟ ହୋଇନଥିବା, କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ନଥିବା ଏବଂ କେସ୍ ରେକର୍ଡରେ ଗ୍ରାମସଭାର ନକଲ ଉପଲବ୍ଧ ନଥିବା ଭଳି ଅନିୟମିତତା ସାମ୍ନାକୁ ଆସିଥିଲା। ଜନଶୁଣାଣୀରେ ଉକ୍ତ ତ୍ରୁଟିଗୁଡ଼ିକୁ ଶୀଘ୍ର ସୁଧାରିବା ସହ ୭ ଦିନ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ ବିଡିଓ ଦେବାଶିଷ ଗୌଡ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ରିପୋର୍ଟ ଦାଖଲ ନହେଲେ ଜୋରିମାନା ଆଦାୟ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ସହ ନୂତନ ଯୋଜନା 'ଭିବି ଜି ରାମ ଜି' ଅଧୀନରେ କାର୍ଯ୍ୟଗୁଡ଼ିକୁ ଅଧିକ ସ୍ୱଚ୍ଛ, ଗୁଣାତ୍ମକ ଓ ନିୟମାନୁସାରେ କିପରି କାର୍ଯ୍ୟକାରୀ କରାଯିବ, ସେନେଇ ମଧ୍ୟ ଆଲୋଚନା ହୋଇଥିଲା।ଶିବିରରେ ବିଡିଓ ଦେବାଶିଷ ଗୌଡଙ୍କ ସମେତ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା, ଏପିଓ ସନ୍ତୋଷୀ ମହାପାତ୍ରଙ୍କ ସହ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକ ସାମାଜିକ ସମୀକ୍ଷକ ସୁଶାନ୍ତ ଖିଲୋ ଶିବିର ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡରେ ମହିଳାଙ୍କଠାରୁ ଟଙ୍କା ଲୁଟ୍ ମାମଲାରେ ୩ ଗିରଫ



ବାରିପଦା, ୧୯।୮ (ସଂଚାର ବ୍ୟୁରୋ):ରାଇରଙ୍ଗପୁର ବସ୍ ଷ୍ଟାଣ୍ଡରେ ସୋମବାର ସକାଳ ୬ ଟା ସମୟରେ ଜଣେ ବୟସ୍କ ମହିଳାଙ୍କଠାରୁ ୩ ଲୁଟେରା ଜବରଦସ୍ତି ୩,୬୦୦ ଟଙ୍କା ଲୁଟ୍ ଅଭିଯୋଗରେ ରାଇରଙ୍ଗପୁର ପୋଲିସ ୩ ଜଣଙ୍କୁ ଗିରଫ କରିଛି ।ସୂଚନାଯୋଗ୍ୟ ଯଶିପୁର ଥାନା ଅଞ୍ଚଳର ପାର୍ବତୀ ସାହୁ(୫୦) ଗତକାଲି ସକାଳେ କୌଣସି କାମରେ ରାଇରଙ୍ଗପୁର ଆସି ବସଷ୍ଟାଣ୍ଡରେ ଏକୁଟିଆ ଚା ପିଉଥିବା ସମୟରେ ୩ ଜଣ ଯୁବକ ତାଙ୍କଠାରୁ ଜବରଦସ୍ତି ୩୬୦୦ ଟଙ୍କା ଛଡେଇ ନେଇଥିଲେ ।

ତିନି ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ ଦେଖିଥିବା ଓ ଚିହ୍ନି ଥିବା ସୂଚନା ମିଳିଥିଲା । ମହିଳା ଜଣକ କାନ୍ଦି କାନ୍ଦି ରାଇରଙ୍ଗପୁର ଟାଉନଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଟାଉନ ଥାନାରେ ଏକ କେଶ ମାମଲା ୨୬୨/୨୬ ରୁଜୁ କରିବା ସହ ତଦନ୍ତ କରି ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩୦୦୦ ଟଙ୍କା ଉଦ୍ଧାର କରିଛନ୍ତି।

ଏହି ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଆଜି ପୂର୍ବାହ୍ନ ରେ ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର ସେନାପତି ଆୟୋଜିତ ଖବରଦାତା ସମ୍ମିଳନୀରେ ଲୁଟ୍ ଘଟଣାରେ ୩ ଦୁର୍ବୃତ୍ତଙ୍କୁ ଗିରଫ ବିଷୟରେ ସୂଚନା ଦେଇଥିଲେ । ସେହି ୩ ଦୁର୍ବୃର୍ତ୍ତ ହେଲେ ରାଇରଙ୍ଗପୁର ଟାଉନା ଥାନା ଅଞ୍ଚଳର ୩ ନମ୍ବର ।ୱାର୍ଡ ମନ୍ଦିରସାହିର ରୋହିତ ମୁଖୀ(୨୬), ମନ୍ଦିର ସାହିର ପେଣ୍ଡ୍ରା ରାଜେଶ, ରାହୁଲ ବେହେରା(୨୦) ଏବଂ ଝାଡ଼ଖଣ୍ଡ ରାଜ୍ୟର ପୂର୍ବସିଂହ ଭୂମ ଜିଲ୍ଲାର ଡୁମାରିଆ ଥାନା ଅଞ୍ଚଳର ରବି ବେହେରା(୨୦) ।

# ଦୁଇ ପଞ୍ଚାୟତରେ ଯନ୍ତ୍ରଣା ଦେଉଛି ଜିଓ ନେଟୱର୍କ

## ଅନଲାଇନ୍ ପାଠପଢ଼ାଠୁ ସରକାରୀ ସେବା ପର୍ଯ୍ୟନ୍ତ ପ୍ରଭାବିତ

କୋରାପୁଟ, ୧୯।୮ (ସଂଚାର ବ୍ୟୁରୋ): ୫ଜି ଯୁଗରେ ଡିଜିଟାଲ୍ ସଂଯୋଗ ଲୋକଙ୍କ ଜୀବନର ଅବିଚ୍ଛେଦ୍ୟ ଅଂଶ ପାଲଟିଥିବା ବେଳେ, କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକର ଦୁଇଟି ପଞ୍ଚାୟତବାସୀ ଏବେ ନେଟୱର୍କ ସମସ୍ୟାକୁ ନେଇ ହତାଶ। ରେଙ୍ଗା ପଞ୍ଚାୟତ ଏବଂ ପରଜା ମୁଠାଇ ପଞ୍ଚାୟତ ଅଧୀନ ଲଳିଜା ଗାଁରେ ଜିଓ ନେଟୱର୍କ ଦୀର୍ଘଦିନ ଧରି ଅସ୍ଥିର ରହିଥିବା ନେଇ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେତେବେଳେ ନେଟୱର୍କ ସମ୍ପୂର୍ଣ୍ଣ ଗାଏବ ହୋଇଯାଉଛି ତ ଆଉ କେତେବେଳେ ରେଞ୍ଜ ଏତେ କମିଯାଉଛି ଯେ ସାଧାରଣ ଫୋନ୍ କଲ୍ କରିବା ମଧ୍ୟ କଷ୍ଟକର ହେଉଛି। ବିଶେଷକରି ସକାଳ ଓ ସନ୍ଧ୍ୟା ସମୟରେ ଦୀର୍ଘ ସମୟ ଧରି ନେଟୱର୍କ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ରହିଛି। ଏହାର ସିଧାସଳଖ ପ୍ରଭାବ ପଡୁଛି ଛାତ୍ରଛାତ୍ରୀଙ୍କ ଉପରେ। ସ୍କୁଲ୍ ଓ କଲେଜ ଶିକ୍ଷାରେ ଅନଲାଇନ୍ ସେବାର ଗୁରୁତ୍ୱ ବଢ଼ିଥିବା ବେଳେ ନେଟୱର୍କ ନଥିବାରୁ ଅନେକ ଛାତ୍ରଛାତ୍ରୀ ଅନଲାଇନ୍ କ୍ଲାସ୍, ଶିକ୍ଷା ସାମଗ୍ରୀ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ସେବାରୁ ବଞ୍ଚିତ ହେଉଥିବା କହିଛନ୍ତି ଅଭିଭାବକ ଓ ଗ୍ରାମବାସୀ।

କେବଳ ପାଠପଢ଼ା ନୁହେଁ, ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ନେଟୱର୍କ ସମସ୍ୟା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଚାଉଳ ବଣ୍ଟନ ସମେତ ବିଭିନ୍ନ ସରକାରୀ ଓ ଅନଲାଇନ୍ କାର୍ଯ୍ୟ ପାଇଁ ପଞ୍ଚାୟତକୁ ଆସୁଥିବା ଲୋକେ ନେଟୱର୍କ ଅପେକ୍ଷାରେ ଘଣ୍ଟା ଘଣ୍ଟା ରହୁଥିବା ଅଭିଯୋଗ ହୋଇଛି। ରେଙ୍ଗା ପଞ୍ଚାୟତର ଜନସଂଖ୍ୟା ପ୍ରାୟ ୫,୫୬୩ ହୋଇଥିବା ବେଳେ ମୁଠାଇ ପଞ୍ଚାୟତରେ ପ୍ରାୟ ୫,୮୪୫ ଲୋକ ବସବାସ କରୁଛନ୍ତି। ଏତେ ବଡ଼ ଜନସଂଖ୍ୟା ନେଟୱର୍କ ଉପରେ ନିର୍ଭରଶୀଳ ଥିବା ବେଳେ ଦୀର୍ଘଦିନ ଧରି ସମସ୍ୟା ଲାଗି ରହିବାକୁ ନେଇ ଅସନ୍ତୋଷ ବଢ଼ୁଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏନେଇ ଜିଓ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ନେଟୱର୍କ ସମସ୍ୟା ଯୋଗୁଁ କେତେକ ଉପଭୋକ୍ତା ଅନ୍ୟ ନେଟୱର୍କକୁ ନମ୍ବର ପୋର୍ଟ କରିବାକୁ ମଧ୍ୟ ଚିନ୍ତା କରୁଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳରେ ମୋବାଇଲ୍ ନେଟୱର୍କ ଏବେ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ; ଶିକ୍ଷା, ସରକାରୀ ସେବା, ବ୍ୟାଙ୍କିଙ୍ଗ୍, ଡିଜିଟାଲ୍ ପେମେଣ୍ଟ ଓ ଯୋଗାଯୋଗ ପାଇଁ ଏହା ଅତ୍ୟାବଶ୍ୟକ। ତେଣୁ ଏହି ଦୁଇ ପଞ୍ଚାୟତରେ ନେଟୱର୍କ ସମସ୍ୟାର ଶୀଘ୍ର ସମାଧାନ ଦାବି କରିଛନ୍ତି ଅଞ୍ଚଳବାସୀ। ସମସ୍ୟାର ତୁରନ୍ତ ସମାଧାନ ନହେଲେ ଦୁଇ ପଞ୍ଚାୟତର ଲୋକେ ଏକତ୍ରିତ ହୋଇ ପ୍ରତିବାଦ କରିବାକୁ ଚେତାବନୀ ଦେଇଛନ୍ତି।

# ପୋତି ହେଉଛି ଦେବୀ ମୁହାଁଣ, ଚିନ୍ତାରେ ମତ୍ସ୍ୟଜୀବୀ

## ଦକ୍ଷିଣ ମୁହାଁଣ ବନ୍ଦ, ଉତ୍ତର ମୁହାଁଣରେ ଜୀବନକୁ ବାଜି ଲଗାଇ ଯାତାୟାତ

## କୋଟି କୋଟି ଟଙ୍କା ବଜେଟ୍ ଥାଇ ବି ହେଉନି ଖନନ



କାକଟପୁର/ଅସ୍ତରଙ୍ଗ, ୧୯।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତଟର ଶ୍ୱାସ-ପ୍ରଶ୍ୱାସ ହେଉଛି ଦେବୀ ନଦୀ ମୁହାଁଣ। କିନ୍ତୁ ବର୍ଷ ବର୍ଷ ଧରି ପ୍ରଶାସନିକ ଅବହେଳା ଓ ବାଲି ଜମିବା ଯୋଗୁଁ ଏହି ଜୀବନରେଖା ଆଜି ପୋତି ହୋଇ ମରୁଛି। ଫଳରେ ଉପକୂଳର ହଜାର ହଜାର ମତ୍ସ୍ୟଜୀବି ପରିବାର ଆଜି ଅସ୍ତିତ୍ୱ ସଂକଟରେ ପଡିଛନ୍ତି।

ଦେବୀ ନଦୀର ଦକ୍ଷିଣ ପାର୍ଶ୍ୱର ମୁହାଁଣ ଏବେ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇସାରିଛି। ଉତ୍ତର ପାର୍ଶ୍ୱର ମୁହାଁଣ ହିଁ ଏବେ ଏକମାତ୍ର ପ୍ରବେଶ ପଥ। କିନ୍ତୁ ସେଠାରେ ମଧ୍ୟ ସ୍ଥିତି ଭୟାବହ। ଗତ ମଙ୍ଗଳବାରଠାରୁ ୨୦ରୁ ୨୫ ଖଣ୍ଡ ବୋଟ ଓ ଟ୍ରଲର ମୁହାଁଣରେ ଅଟକି ରହିଥିଲେ। ବୁଧବାର ମଧ୍ୟାହ୍ନରେ ବହୁ କଷ୍ଟରେ ସେମାନେ ଉତ୍ତର ମୁହାଁଣ ଦେଇ ସମୁଦ୍ରକୁ ଯିବାକୁ ସମର୍ଥ ହୋଇଥିଲେ। ସାଇଁ ସାଇଁ ପବନ ଓ ପ୍ରଖର ଲହଡି ମଧ୍ୟରେ ଜୀବନକୁ ବାଜି ଲଗାଇ ମାଛ ଧରିବାକୁ ଯାଉଛନ୍ତି ମତ୍ସ୍ୟଜୀବି ।

ସ୍ଥାନୀୟ ଟ୍ରଲର ମାଲିକ ବିଜୟ ମହାନ୍ତିଙ୍କ ଅଭିଯୋଗ, "ପ୍ରଥମେ ମୁହାଁଣ ମୁହଁ ଖୋଲା ହେବା ଦରକାର। ଏବେ ବଡ ଟ୍ରଲର ଯାଇପାରୁନି। ଗତ ତିନି ବର୍ଷରେ ମୋର ଦୁଇଟି ଟ୍ରଲର ବୁଡିଲା। ଅନ୍ୟ ମାଲିକଙ୍କ ଟ୍ରଲର ମଧ୍ୟ ବାଲିରେ ଲାଗି ଭାଙ୍ଗିଲା। ଆମେ ବାରମ୍ବାର ଦାବୀ କଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଯଦି ତୁରନ୍ତ ପଦକ୍ଷେପ ନିଆଯିବ ନାହିଁ ତେବେ ଆମେ ରାସ୍ତାକୁ ଓହ୍ଲାଇବୁ।"

ଅସ୍ତରଙ୍ଗ ବ୍ଲକ ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦ ହଜାରରୁ ଅଧିକ ମତ୍ସ୍ୟଜୀବି ପରିବାର ଏହି ମୁହାଁଣ ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭରଶୀଳ। ମୁହାଁଣ ବନ୍ଦ ହୋଇଯିବା ଯୋଗୁଁ ଟ୍ରଲର, ଯନ୍ତ୍ରଚାଳିତ ଟାପା ଓ ଡଙ୍ଗା ଗୁଡିକ ସମୁଦ୍ରକୁ ଯାଇପାରୁନାହିଁ। ଯେଉଁମାନେ ଯାଉଛନ୍ତି ସେମାନେ ମଧ୍ୟ ବାଲି ଓ ଜଳଜ ଘାସରେ ଲାଗି କ୍ଷତିଗ୍ରସ୍ତ ହେଉଛନ୍ତି। ବହୁ ଟ୍ରଲର ସମୁଦ୍ର ଭିତରେ ଲଙ୍ଗର ପକାଇ ରଖାଯାଉଛି। ଝଡ-ତୋଫାନ ଆସିଲେ ସେଗୁଡିକ ଚୁରମାର ହୋଇଯାଉଛି।

ଆଶ୍ଚର୍ଯ୍ୟର କଥା ହେଉଛି, ଅସ୍ତରଙ୍ଗ ନୂଆଗଡ ଜେଠିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିସାରିଛନ୍ତି। କିନ୍ତୁ ପ୍ରଶାସନିକ ସ୍ତରରେ ଉଦାସୀନତା ଓ ଖାମଖିଆଲ ମନୋଭାବ ଯୋଗୁଁ ଜେଠିର ପୁନରୁଦ୍ଧାର ତ ଦୂରର କଥା, ମୁହାଁଣ ଖନନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରିନାହିଁ।

ଏହାର ପ୍ରଭାବ କେବଳ ମତ୍ସ୍ୟଜୀବୀଙ୍କ ଉପରେ ପଡୁନାହିଁ। ଦେବୀ ନଦୀର ଗତିପଥ ବଦଳିଯାଉଛି। ନଦୀ ଭିତରକୁ ସମୁଦ୍ର ଜୁଆର ପ୍ରବେଶ କରୁଛି। ଜଳ ନିଷ୍କାସନ ପଥରେ ବିରାଟ ବାଲୁକା ସ୍ତୁପ ସୃଷ୍ଟି ହୋଇଛି। ଯାହା ଆଗାମୀ ଦିନରେ ଉପକୂଳ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପରିବେଶବିତ୍ ମାନେ ଆଶଙ୍କା ପ୍ରକଟ କରିଛନ୍ତି। ତୁରନ୍ତ ବୈଜ୍ଞାନିକ ଉପାୟରେ ମୁହାଁଣ ଖନନ କରିବାକୁ ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଙ୍ଘ ଦାବି କରିଛି।

# ଅଙ୍ଗନବାଡି କର୍ମୀଙ୍କ ବିରୋଧରେ ପୁନର୍ବାର ଅଭିଯୋଗ ଆଣିଲେ ଗ୍ରାମବାସୀ



ଢେଙ୍କାନାଳ, ୧୯।୮ (ସଂଚାର ବ୍ୟୁରୋ): ସଦର ବ୍ଲକ୍ ଅନ୍ତର୍ଗତ ବୋଗୁନିଆପାଳ ନୂଆସାହି ଗ୍ରାମର ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟପ୍ରଣାଳୀ ଏବଂ ଅଙ୍ଗନବାଡି କର୍ମୀଙ୍କ ଦାୟିତ୍ୱ ପାଳନ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ଅଭିଯୋଗ ଓ ଅନିୟମତତା ଉପରେ ଅଭିଯୋଗ ହୋଇଆସୁଅଛି ।

ଆଜି ପୁନର୍ବାର ଗ୍ରାମବାସୀମାନେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଥାଉକି, ଗତ ୩.୮.୨୦୨୬ରିଖରେ ବେଗୁନିଆପାଳ ନୂଆସାହିର ଅଙ୍ଗନବାଡି ଦିଦି ପିଲାମାନଙ୍କୁ ପୋଷାକ, ଜୋତା ନଦେବା, ସଠିକ୍ ସମୟରେ ବିଦ୍ୟାଳୟକୁ ନଯିବା, ଗର୍ଭବତୀ ମହିଳାମାନଙ୍କୁ ଖାଦ୍ୟ ନଦେଇ ଫଟୋ ଉଠାଇ ଛାଡିବା ଇତ୍ୟାଦି ଅନେକ ଅଭିଯୋଗ ଗ୍ରାମବାସୀମାନେ ଦର୍ଶାଇଥିଲେ। ଅଙ୍ଗନବାଡି ଦିଦି ରୁନୁବାଳା ନାଥ ପିଲାମାନଙ୍କ ଖାଦ୍ୟରେ ଅନିୟମିତତା କରିବା ସହ ଗର୍ଭବତୀ ମହିଳାମାନଙ୍କୁ ମିଳୁଥିବା ଖାଦ୍ୟ ସଠିକରେ ଦେଉ ନାହାଁନ୍ତି । ଘରକୁ ଦେଉଥିବା ଅଣ୍ଡା ମାସକୁ ୮ଟି ଲେଖାଏଁ ଦେଉଛନ୍ତି । ପାଖାପାଖି ଦୁଇବର୍ଷ ହେବ ବିଦ୍ୟାଳୟକୁ ସଠିକ୍‌ରେ ଆସୁନାହାନ୍ତି ବୋଲି ଅଭିଯୋଗ କରିଥିଲେ ।



SANCHAR ସଂଚାର
ଗୁରୁବାର ୨୦ ଅଗଷ୍ଟ ୨୦୨୬

## ସ୍ୱାସ୍ଥ୍ୟ

# ଦମ୍ପତିଙ୍କ ଭିତରେ ଟ୍ରେଣ୍ଡରେ ଅଛି 'ଫୁଡ୍ ଡିଭୋର୍ସ'

'ଫୁଡ୍ ଡିଭୋର୍ସ' ଏହା ଖାଦ୍ୟ ଅଭ୍ୟାସ ସହିତ ଜଡିତ ଏକ ଟ୍ରେଣ୍ଡ ଯାହା ଦମ୍ପତିଙ୍କ ମଧ୍ୟରେ କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି । ଏହାର ଅର୍ଥ ଅଲଗା ହେବା ନୁହେଁ । କୁହାଯାଏ ଯେ, ଯଦି ଆପଣ ସାରା ଦିନ ପରସ୍ପରକୁ ଭେଟ ହୋଇ ନପାରନ୍ତି ତେବେ, ଅତି କମରେ ସମସ୍ତେ ରାତ୍ରୀ ଭୋଜନ ସମୟରେ ଟେବୁଲରେ ଏକାଠି ରହିବା ଉଚିତ । ସାରା ବିଶ୍ୱରେ ପ୍ରେମ ଏବଂ ଖୁସି ପାଳନ କରିବାର ସର୍ବୋତ୍ତମ ଉପାୟ ଭାବରେ ଖାଦ୍ୟକୁ ବିବେଚନା କରାଯାଏ । ବିଶେଷକରି ଭାରତୀୟ ଘରେ, ଏକାଠି ଖାଇବା ଏକ ପରମ୍ପରା ପାଲଟିଛି । ବର୍ତ୍ତମାନ, ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ 'ଫୁଡ୍ ଡିଭୋର୍ସ' ଏକ ସାଧାରଣ ଘଟଣା। ଏକାଠି ଖାଇବା କେବଳ ଏକ ଦୈନନ୍ଦିନ କାର୍ଯ୍ୟସୂଚୀ ନୁହେଁ, ଏହା ଏକ ବ୍ୟସ୍ତବହୁଳ ଜୀବନରୁ କିଛି ବିଶ୍ରାମ ପାଇବାର ଏକ ଉପାୟ। ଦିନଟିକୁ ପୂରା କରିବା, ଏକାଠି ସମୟ ବିତାଇବା ଏବଂ ଯୋଗାଯୋଗ ସ୍ଥାପନ କରିବାର ବି ଏକ ଉପାୟ। ତଥାପି, କିନ୍ତୁ ଯେଉଁ ଭଳି ଭାବରେ ଖାଦ୍ୟଧାରା ବଦଳୁଛି ସହିଭଳି ଖାଦ୍ୟ ଛାଡ଼ପତ୍ରର ଟ୍ରେଣ୍ଡ ବାହାରିଛି । 'ଫୁଡ୍ ଡିଭୋର୍ସ' କ'ଣ ? ସମ୍ପର୍କରେ, ଖାଦ୍ୟ ଛାଡପତ୍ରର ଅର୍ଥ ହେଉଛି ଯେ ଏକ ଦମ୍ପତି ସାଙ୍ଗ ହୋଇ ରହନ୍ତି । କଥା ବି ହୁଅନ୍ତି କିନ୍ତୁ ସେମାନେ ସମାନ ଖାଦ୍ୟ ଖାଇବାର ବାଧ୍ୟବାଧକତାରୁ ମୁକ୍ତ ହୁଅନ୍ତି । ଦୁହେଁ ନିଜ ପସନ୍ଦ ଅନୁସାରେ, ନିଜ ଫ୍ରି ଟାଇମ୍ ଏବଂ ପସନ୍ଦ ଅନୁସାରେ ଅଲଗା ଅଲଗା ଭାବରେ ରାନ୍ଧନ୍ତି ଏବଂ ଖାଆନ୍ତି ।

ଉଦାହରଣ ସ୍ୱରୂପ, ଯଦି ଜଣେ ସାଥୀ ବାହାରକୁ ଖାଇବାକୁ ପସନ୍ଦ କରନ୍ତି ଏବଂ ଅନ୍ୟ ଜଣେ ଘରେ ରନ୍ଧା ଖାଦ୍ୟ ପସନ୍ଦ କରନ୍ତି, ତେବେ ସେମାନେ ଅନ୍ୟ ଜଣଙ୍କ ପସନ୍ଦରେ ନ ରହି ଭିନ୍ନ ଭିନ୍ନ ଖାଦ୍ୟ ବାଛି ପାରନ୍ତି । 'ଫୁଡ୍ ଡିଭୋର୍ସ' ର କାରଣ କଣ ? ଦମ୍ପତିଙ୍କ ମଧ୍ୟରେ ଖାଦ୍ୟ ଛାଡପତ୍ରର ଅନେକ କାରଣ ଅଛି । ଯେଉଁଥିରେ ଫିଟନେସ୍ ଲକ୍ଷ୍ୟ ଅନ୍ତର୍ଭୁକ୍ତ । ଯାହାକୁ ସବୁଠାରୁ ସାଧାରଣ ବୋଲି ବିବେଚନା କରାଯାଏ । ପ୍ରୋଟିନ୍, ଭିଟାମିନ୍, ଖଣିଜ ପଦାର୍ଥ ଏବଂ କ୍ୟାଲୋରି ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଖାଦ୍ୟ ଆବଶ୍ୟକତା ଭିନ୍ନ ଭିନ୍ନ ହୋଇଥାଏ । ତେଣୁ, ସେମାନେ ସେମାନଙ୍କର ଖାଦ୍ୟ ଯୋଜନା ଅନୁସାରେ ଖାଦ୍ୟ ବାଛନ୍ତି । ସମୟର ଅଭାବ ମଧ୍ୟ ଦମ୍ପତିଙ୍କ ମଧ୍ୟରେ ଖାଦ୍ୟ ଛାଡପତ୍ରର ଏକ ପ୍ରମୁଖ କାରଣ । ଅନେକ ସ୍ୱାମୀ ଏବଂ ସ୍ତ୍ରୀ, କିମ୍ବା ଲିଭ-ଇନ ପାର୍ଟନର, ଉଭୟ କାମ କରନ୍ତି, ଏବଂ କେତେକ ସମୟରେ ସେମାନଙ୍କର ଅଫିସ ସିଫ୍ଟ ଏମିତି ହୋଇଥାଏ ଯେ ସେମାନେ ଚାହିଁଲେ ମଧ୍ୟ ଏକାଠି ଖାଇପାରନ୍ତି ନାହିଁ । ଝଗଡା କରିବା ପରିବର୍ତ୍ତେ, ନିଜ ଖାଦ୍ୟ ଅଭ୍ୟାସ ପରିବର୍ତ୍ତନ କରିବା ସହଜ ।

ଏହି ଧାରା ର ଲାଭ ଏବଂ କ୍ଷତି ଯଦି ଆମେ 'ଫୁଡ୍ ଡିଭୋର୍ସ' ଧାରା ର ଲାଭ ବିଷୟରେ ବିଚାର କରିବା, ତେବେ ଏହା ପାରସ୍ପରିକ ବୁଝାମଣା ମାଧ୍ୟମରେ ଚାପ ହ୍ରାସ କରିପାରିବ । ଉଦାହରଣ ସ୍ୱରୂପ, ଯେତେବେଳେ ଦମ୍ପତିମାନଙ୍କ ପାଖରେ ସମୟ ନାହିଁ, ସେମାନେ ଖାଦ୍ୟ ବିଷୟରେ ଅଭିଯୋଗ କରନ୍ତି ନାହିଁ । ଏହା ବ୍ୟତୀତ, ସେମାନେ ସେମାନଙ୍କର ଫିଟନେସ୍ ଲକ୍ଷ୍ୟ ବିଷୟରେ ଅଧିକ ସଚେତନ ହୁଅନ୍ତି। ଅସୁବିଧା ଗୁଡିକୁ ବିଚାର କଲେ, ଭାରତୀୟ ଘରଗୁଡ଼ିକରେ ଏହି ଧାରା ଟିକେ ଅଦ୍ଭୁତ ମନେହୁଏ, କାରଣ ପରିବାର ଛୋଟ ହୋଇଗଲେ ମଧ୍ୟ, ଲୋକମାନେ ଏକାଠି ଖାଇବାକୁ ପସନ୍ଦ କରନ୍ତି । ଖାଦ୍ୟ କେବଳ ସ୍ୱାଦ ସହିତ ନୁହେଁ ବରଂ ଭାବନା ସହିତ ମଧ୍ୟ ଜଡିତ। ଫଳସ୍ୱରୂପ, ଦମ୍ପତିମାନଙ୍କ ମଧ୍ୟରେ ଭାବପ୍ରବଣ ସମ୍ପର୍କ ଦୁର୍ବଳ ହେବାର ସମ୍ଭାବନା ରହିଛି ।






# ବାରମ୍ବାର ମୁଣ୍ଡବିନ୍ଧା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ବେଳେବେଳେ ମୁଣ୍ଡବିନ୍ଧା ହେବା ଏକ ସାଧାରଣ କଥା। ଯାହା ମାନସିକ ଚାପ କିମ୍ବା ନିଦ୍ରା ଅଭାବରୁ ହୋଇପାରେ। କିନ୍ତୁ ମୁଣ୍ଡବିନ୍ଧା ଯଦିବାରମ୍ବାର ହୁଏ କିମ୍ବା ଲାଗି ରହେ, ତେବେ ଏହାକୁ ଅଣଦେଖା କରିବା ଆଦୌ ଉଚିତ୍ ନୁହେଁ। ଏହା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ହୋଇପାରେ। ତେଣୁ, ଲଗାତାର ମୁଣ୍ଡବିନ୍ଧାକୁ ଅଣଦେଖା କରିବା ଉଚିତ୍ ନୁହେଁ। ଦିଲ୍ଲୀର ଜିବି ପନ୍ତ ହସ୍ପିଟାଲର ନ୍ୟୁରୋସର୍ଜରୀ ବିଭାଗର ପୂର୍ବତନ ଏଚ୍‌ଓଡି ଡାକ୍ତର ଦଲଜିତ ସିଂହ କହିଛନ୍ତି, ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା, କିନ୍ତୁ ଯଦି ଏହା ପ୍ରତିଦିନ ହୁଏ, ତେବେ ଏହା ଏକ ଭଲ ଲକ୍ଷଣ ନୁହେଁ। ଯଦି ବାରମ୍ବାର ମୁଣ୍ଡବିନ୍ଧା ଅଧିକ ହୁଏ ଏବଂ ବାନ୍ତି ମଧ୍ୟ ହୁଏ, ତେବେ ଏହା ମାଇଗ୍ରେନର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ହଠାତ୍ ଅଧିକ ମୁଣ୍ଡବିନ୍ଧା, ବିଶେଷକରି ସକାଳେ ଏବଂ ମୁଣ୍ଡର ପଛ ଭାଗରେ କେନ୍ଦ୍ରିତ ହେବା ମଧ୍ୟ ଉଚ୍ଚ ରକ୍ତଚାପର ଲକ୍ଷଣ ହୋଇପାରେ। ଡାକ୍ତର ଦଲଜିତ ଆହୁରି କହିଛନ୍ତି, ମୁଣ୍ଡବିନ୍ଧା ଅନେକ ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ। ଯଦି ମୁଣ୍ଡବିନ୍ଧା ସହିତ ବାନ୍ତି, ଦୃଷ୍ଟି ଝାପ୍ସା, ଶରୀରର କୌଣସି ଅଂଶରେ ଦୁର୍ବଳତା କିମ୍ବା କଥା କହିବାରେ କଷ୍ଟ ହୁଏ, ତେବେ ଏହା ମସ୍ତିଷ୍କ ଟ୍ୟୁମରର ଲକ୍ଷଣ ହୋଇପାରେ। ଏହା ବ୍ୟତୀତ, ଅନେକ କ୍ଷେତ୍ରରେ, ମୁଣ୍ଡବିନ୍ଧା ଷ୍ଟ୍ରୋକର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯଦି ଶରୀରର କୌଣସି ଅଂଶରେ ନିଷ୍କ୍ରିୟତା ଭଳି ଲକ୍ଷଣ ମୁଣ୍ଡବିନ୍ଧା ସହିତ ଥାଏ, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଡାକ୍ତର ଦଲଜିତ ଆହୁରି ବି କହିଛନ୍ତି, ମୁଣ୍ଡବିନ୍ଧା ଏକ ସାଧାରଣ ସମସ୍ୟା, କିନ୍ତୁ ଲଗାତାର ମୁଣ୍ଡବିନ୍ଧା ଆପଣଙ୍କ ପାଇଁ ଭଲ ନୁହେଁ। ଏପରି ମୁଣ୍ଡବିନ୍ଧାକୁ କେବେ ହାଲୁକା ଭାବରେ ନିଅନ୍ତୁ ନାହିଁ। ମନେରଖନ୍ତୁ ଯେ ଯଦି ଆପଣଙ୍କ ଭଲ ନିଦ ହେଉଛି ଏବଂ କୌଣସି ମାନସିକ ଚାପରେ ନାହାନ୍ତି, କିନ୍ତୁ ତଥାପି ଲଗାତାର ମୁଣ୍ଡବିନ୍ଧା ହେଉଛି, ତେବେ ଆପଣଙ୍କୁ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ଏ ବିଷୟରେ ଅସାବଧାନ ହୁଅନ୍ତୁ ନାହିଁ। ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା ହେଉଛି, ତେବେ ନିଜେ ଔଷଧ ଖାଇବାରୁ ଦୂରେଇ ରୁହନ୍ତୁ।ମାନସିକ ଚାପ ନିଅନ୍ତୁ ନାହିଁ ।ଯଦି ଆପଣଙ୍କର ଲଗାତାର ମୁଣ୍ଡବିନ୍ଧା ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ପ୍ରତିଦିନ ବ୍ୟାୟାମ କରନ୍ତୁ।



# ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ନିୟମିତ ଜୀବନରେ ଆମେ ଡାଏଟ୍ରେ ଭାତ,ରୁଟି ସାଙ୍ଗକୁ ତରକାରୀ ଖାଇଥାଉ। ଅଧିକାଂଶ ଲୋକ ଗହମ ରୁଟି ଖାଇବାକୁ ପସନ୍ଦ କରିଥାନ୍ତି। କାରଣ ଏହା ନରମ ସାଙ୍ଗକୁ ସ୍ୱାଦିଷ୍ଟ ମଧ୍ୟ। କିନ୍ତୁ ଆପଣ ଜାଣନ୍ତି କି ଗହମ ପରିବର୍ତ୍ତେ ବାଜରା ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଚାଲନ୍ତୁ ଜାଣିବା ବାଜରା ରୁଟିର ଫାଇଦା ବିଷୟରେ। ଗହମ ରୁଟିନ ଡାଏଟ୍ର ମୁଖ୍ୟ ଅଙ୍ଗ ଥିଲା। କିନ୍ତୁ ଆଜିକାଲିର ଲୋକମାନେ ଅନ୍ୟ ଶସ୍ୟ ଆଡକୁ କିଛି ମାତ୍ରାରେ ଢଳୁଥିବା ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ବାଜରା ଅନ୍ୟତମ। ବାଜରାରେ ବହୁ ମାତ୍ରାରେ ଫାଇବର ସାଙ୍ଗକୁ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟ ରହିଥାଏ। କିନ୍ତୁ ଏହାର ଫାଇଦା ବିଷୟରେ କମ୍ ଲୋକ ଜାଣିଥାନ୍ତି। ଏବେ ଜାଣିବା ଗହମ ପରିବର୍ତ୍ତେ ବାଜରା ରୁଟି ଖାଇଲେ ଶୀରରରେ କ'ଣ ଆସିପାରେ ପରିବର୍ତ୍ତନ। ବାଜରା ପୋଷକ ତତ୍ତ୍ୱରେ ଭରା ଶସ୍ୟ। ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ ଭିଟାମିନ୍-ସି ପରି ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି। ଯହା ଶରୀରକୁ ଶକ୍ତି ଦେବା ସହ ହାଡ଼କୁ ମଜଭୁତ କରିବା ଓ ରକ୍ତ ସଞ୍ଚାଳନକୁ ତୀବ୍ର କରିବାରେ ସହଯୋଗ କରିଥାଏ। ବାଜରାରେ ଥିବା ଫାଇବର ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ସହ ଅଧିକ ସମୟ ଯାଏ ପେଟଭରା ରଖିଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ୍ ରହିଥାଏ, ଯାହା ଓଜନକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ। ଯଦି ଓଜନ କମାଇବାକୁ ପ୍ରୟାସ କରୁଥାନ୍ତି, ତେବେ ବାଜରା ରୁଟି ଖାଇବା ଭଲ ବିକଳ୍ପ। ବାଜରାର ଗ୍ଲାଇସୋମିକ୍ ଇଣ୍ଡେକ୍ସ କମ୍ ରହିଥାଏ। ଫଳରେ ଏହା ରକ୍ତରେ ଶର୍କରାସ୍ତରକୁ ନିୟନ୍ତ୍ରିତ ରଖିବାରେ ସହଯୋଗ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ବାଜରା ରୁଟି ଭଲ ବିକଳ୍ପ। ଏହା ରକ୍ତରେ ଶର୍କରା ସ୍ତରକୁ ହଠାତ୍ ବଢିବାକୁ ଦେଇ ନଥାଏ।



# ମହୁର ବହୁବିଧ ଉପକାରିତା

ନିୟମିତ ମହୁ ଖାଇଲେ ତାହା ଓଜନ କମାଇବାରେ ସାହାଯ୍ୟ କରିଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ପରିମାଣରେ ମହୁ ଖାଇବାକୁ ଦିଆଯାଇଥିଲା। କିଛି ମାସ ବ୍ୟବଧାନ ପରେ ସେମାନଙ୍କର ଓଜନ ପୂର୍ବାପେକ୍ଷା କେତେକାଂଶରେ ନିୟନ୍ତ୍ରଣରେ ରହିଥିବା ସିଡ୍‌ନୀ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଜାଣିପାରିଛନ୍ତି। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ମଧ୍ୟ ଓଜନ ହ୍ରାସ ପାଏ। ମହୁରେ ମଧ୍ୟ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ, ନିୟମିତ ମହୁ ଖାଇଲେ ତାହା ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ମହୁ ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ଉପଯୋଗୀ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ଥଣ୍ଡା, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବରେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ। ଏହା ଆମ ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ।



# ଶରୀର ପାଇଁ ଉପକାରୀ ପଖାଳ

'ପଖାଳ' କେବଳ ଏକ ଖାଦ୍ୟ ନୁହେଁ, ବରଂ ଓଡ଼ିଆଙ୍କ ସହ ଜଡ଼ିତ ଏକ ଭାବପ୍ରବଣତା। ସାରା ବିଶ୍ୱରେ ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ରହିଆସିଛି ସେମାନଙ୍କ ଅତୁଟ ଆଗ୍ରହ। ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ମଧ୍ୟ ଏହି ପାରମ୍ପରିକ ଖାଦ୍ୟ ନିଜର ସ୍ୱାତନ୍ତ୍ର ବଜାୟ ରଖିବାରେ ସଫଳ ହୋଇଛି। ଧୀରେ ଧୀରେ ସହର ସଂସ୍କୃତିରେ, ଜନଜୀବନରେ ସାମିଲ ହୋଇଛିପଖାଳକଂସା। ଗାଁ ଚାଳଘରେ ରହି ଯାଇଥିବା ପଖାଳ ଏବେ ତାରକା ହୋଟେଲ ଏସି ରୁମ୍‌ରେ ଶୋଭାପାଉଛି। ପଖାଳର ମହକ ସବୁଆଡ଼େ ଅନୁଭୂତ ହେଉଛି। ଓଡ଼ିଆ ସଂସ୍କୃତିରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଦ୍ୱିପ୍ରହର ହେଲେ ଏବେ ପ୍ରାୟ ହୋଟେଲ ଓ ରେଷ୍ଟୁରାଣ୍ଟରେ ପରଷାଯାଉଛି ଭଳିକି ଭଳି ପଖାଳକଂସା। ଏହାସାଙ୍ଗକୁ ଚୂନାମାଛ, ଶୁଖୁଆ ରାଇ, ଶୁଖୁଆପୋଡ଼ା, ଶାଗଭଜା, ବଡ଼ିଚୂରା, କଖାରୁଫୁଲ ପିଠା, ଚିଙ୍ଗୁଡ଼ି ଛେଚା, ବିଭିନ୍ନ ପ୍ରକାରର ମାଛଭଜା, ଆଳୁ ଭର୍ତ୍ତା ଭଳି ଖାଣ୍ଟି ଓଡ଼ିଆ ଖାଦ୍ୟ ଗ୍ରାହକଙ୍କୁ ଟାଣି ନେଉଛି। ପଖାଳରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଆମ ଦେଶରେ ଏହା ଏକ ଅତି ପ୍ରିୟ ଖାଦ୍ୟ। ତେବେ ଏଥିରେ କ'ଣ କ'ଣ ଉପକାରୀ ଗୁଣ ରହିଛି ସେ ବିଷୟରେ ପୁଷ୍ଟିବିଜ୍ଞାନୀ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ପଖାଳର ଜଳ ଅଂଶକୁ କୁହାଯାଏ ତୋରାଣି। ତୋରାଣି ପରିପାକ ତନ୍ତ୍ର ବା ପେଟ ପାଇଁ ବେଶ୍ ଉପକାରୀ। ଆମର ପାରମ୍ପରିକ ଖାଦ୍ୟ ପଖାଳ ଅନ୍ତନଳୀକୁ ସୁସ୍ଥ ରଖେ ଏବଂ ଶରୀରକୁ ଲୌହ ଯୋଗାଇଦିଏ। ବିଶେଷଭାବରେ ପଖାଳ ଗର୍ଭବତୀ ଏବଂ ଆମିନିଆ ରୋଗୀଙ୍କ ପାଇଁ ଖୁବ୍ ହିତକର। ଭାତକୁ ରାତି ସାରା ପାଣିରେ ଭିଜେଇ ରଖିବା ଦ୍ୱାରା ତାହା ପ୍ରାକୃତିକ ଉପାୟରେ ଫରମେଣ୍ଟେଡ ହୋଇଯାଏ। ତୋରାଣିରେ ବୃଦ୍ଧିପାଏ ଲାକ୍ଟିକ ଏସିଡ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆ ପରିପାକତନ୍ତ୍ରକୁ ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏହାବ୍ୟତୀତ ମାଟିହାଣ୍ଡିରେ ପ୍ରସ୍ତୁତ ପଖାଳ ମଧ୍ୟ ବେଶ୍ ଉପକାରୀ। ମାଟିପାତ୍ର ଛିଦ୍ରଯୁକ୍ତ ହୋଇଥିବାରୁ ବାୟୁ ଚଳାଚଳରେ ସୁବିଧା ହୁଏ ଏବଂ ବେଶି ଅକ୍ସିଜେନ ସଂସ୍ପର୍ଶରେ ଆସୁ ନ ଥିବାରୁ ଲାକ୍ଟୋବାସିଲଙ୍କ ସଂଖ୍ୟା ବୃଦ୍ଧିରେ ବ୍ୟାହତ ହୁଏ ନାହିଁ। ମାଟିପାତ୍ର ଯୋଗୁଁ ପଖାଳର ତାପମାତ୍ରା ୨୫-୩୫ ଡିଗ୍ରୀ ସେଲସିୟସ ରହିଥାଏ। ଅନ୍ୟପକ୍ଷରେ ମାଟିହାଣ୍ଡିରେ ଭାତରୁ କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଟ୍ରେସ ଏଲିମେଣ୍ଟ ବା ସୂକ୍ଷ୍ମ ଧାତୁସାର ବାହାରିବା ପ୍ରକ୍ରିୟାରେ ସହାୟକ ହୋଇଥାଏ। ତୋରାଣି ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପଖାଳରେ ଥିବା ଲୁଣ ଶରୀରରୁ ଝାଳରେ ବାହାରି ଯାଉଥିବା ଲୁଣ ପରିମାଣକୁ ସନ୍ତୁଳିତ ରଖିଥାଏ। ଶାଗପଖାଳ ଖାଇଲେ ଶାଗରୁ ମିଳିଯାଏ ଅତିରିକ୍ତ ଲୌହ, ଭିଟାମିନ୍-ଏ, କ୍ୟାଲସିୟମ, ଫଲିକ୍ ଏସିଡ ଏବଂ ଭିଟାମିନ୍-ସି।



# ନଈ ବଢ଼ି ଖୋଲୁଛି ଆଡ଼ିବନ୍ଧ ଦୁର୍ନୀତିର ଚିତ୍ର



## ସରିନି କାମ ଧୋଇଗଲା ଆଡ଼ିବନ୍ଧ, ଚିରି ହେଲା ଗାର୍ଡୱାଲ୍

**ବଲାଙ୍ଗିର,୧୯।୮ (ସଂଚାର ବ୍ୟୁରୋ):** ବନ୍ୟା ପାଣିରୁ ଚାଷ ଜମି କୁ ସୁରକ୍ଷା ଦେବା ପାଇଁ ଆଡ଼ିବନ୍ଧ ନିର୍ମାଣ କାମ ଚାଲିଛି। ସୋନଗଡ଼ ନଦୀ ରେ କିନ୍ତୁ ବନ୍ୟା ପାଣି କୁ ସୁରକ୍ଷା ଦେବା ବଦଳ ରେ କେଉଁଠି କାମ ସରିବାର ୫ ମାସ ପରେ ପଥର ଧସିପଡୁଛି ତ ଆଉ କେଉଁଠି କାମ ନ ସରି ଧୋଇ ହୋଇ ଯାଉଛି ଆଡିବନ୍ଧ। ତେବେ ସୋନଗଡ଼ ନଦୀର ପ୍ରଥମ ବନ୍ୟା ହିଁ ଦେଖାଇ ଦେଉଛି ଆଡ଼ିବନ୍ଧ ଦୁର୍ନିତୀ ର ଚିତ୍ରା ଏନ୍ ଏଚ୍ ୨୬ ସୋନଗଡ଼ ନଦୀ ବ୍ରିଜ ରୁ ରେଳ ବ୍ରିଜ କୁ ନିର୍ମାଣ ହୋଇଥିବା ଆଡ଼ିବନ୍ଧ ଧୋଇ ହୋଇ ଯାଉଥିବାର ଚିତ୍ର ସାମ୍ନା କୁ ଆସିବା ପରେ ଚନ୍ଦ୍ରପୁର ରୁ ଜରାସିଂହା ପର୍ଯ୍ୟନ୍ତ ତିଆରି ଚାଲିଥିବା ଆଡ଼ିବନ୍ଧ କାମ ସରିବା ପୁର୍ବରୁ କିଭଳି ଭୁଷୁଡି ପଡ଼ିଛି ତାର ଚିତ୍ର ମଧ୍ୟ ସାମ୍ନା କୁ ଆସିଛି। ଦେଓଗାଁ ବ୍ଲକ ରେଳ ବ୍ରିଜ ରୁ ଜରାସିଂହା ବ୍ରିଜ ଓ ସାଲେପାଲି କୃଷ୍ଣ ମହାନ ଜୋର ପର୍ଯ୍ୟନ୍ତ ସୋନଗଡ଼ ନଦୀ ର ବାମ ପାର୍ଶ୍ୱ ରେ ବନ୍ୟା ନିୟନ୍ତ୍ରଣ ପାଇଁ ଆଡ଼ିବନ୍ଧ ନିର୍ମାଣ ଚାଲିଛି। ଏହି ଆଡ଼ିବନ୍ଧ ନିର୍ମାଣ ରେ ପଥର ପେଚିଙ୍ଗ କାମ ହୋଇଥିବା ବେଳେ ଘାସ ଜାଗା କାମ ବାକି ରହିଛି। ଏପରି କି ଆଡ଼ିବନ୍ଧ ର କିଛି ସ୍ଥାନ ରେ ପଥର କାମ ମଧ୍ୟ ବାକି ରହିଛି। ହେଲେ ଚଳିତ ବର୍ଷ ର ପ୍ରଥମ ବନ୍ୟା ରେ ଆଡ଼ିବନ୍ଧ ଧୋଇ ହୋଇ ଭୁଶୁଡ଼ି ପଡ଼ିଥିବା ବେଳେ ପଥର ନଈ ପାଣି ରେ ଭାଷୀ ଯାଇଥିବା ଜରାସିଂହା ଗାଁ ଲୋକେ ଅଭିଯୋଗ କରିଛନ୍ତି। ତେବେ ଜରାସିଂହା ପଥର ଘାଟ ନିକଟରେ ନିର୍ମାଣ ହୋଇଥିବା ଆଡ଼ିବନ୍ଧ କୁ ଦେଖିଲେ ବାରି ହେଉଛି କିଭଳି ଆଡ଼ିବନ୍ଧ ନିର୍ମାଣ ହୋଇଛି। ଏହି ସ୍ଥାନ ରେ ଆଡ଼ିବନ୍ଧ ଟି ଭୁଶୁଡ଼ି ପଡ଼ିଥିବା ରୁ ୪୦ ଫୁଟ ଲମ୍ବ ର ମାଟି ଅଧା ଧସି ପଡ଼ିଛି। ତେବେ ଆଡିବନ୍ଧ ଟି ଭୁଶୁଡ଼ି ପଡ଼ିବା ପରେ ବଡ ବନ୍ୟା ଆସିଲେ କିଭଳି ବନ୍ୟା ପାଣି କୁ ନିୟନ୍ତ୍ରଣ କରିବ ତାକୁ ନେଇ ସନ୍ଦେହ ଦେଖାଦେଇଛି। ତେବେ ଏହି ଆଡ଼ିବନ୍ଧ ଟି କେତେ ଟଙ୍କା ରେ ନିର୍ମାଣ ହେଉଛି କେତେ ଲମ୍ବା ହେବ ସେନେଇ ଏକ ସୂଚନା ଫଳକ ନିର୍ମାଣ କରିବା କଥା ହେଲେ ତାହା ବି ଦେଖିବାକୁ ମିଳିନି କାମ ଚାଲିଥିବା ସ୍ଥାନରେ। ପ୍ରାୟ ୪ ରୁ ୫ କୋଟି ଟଙ୍କାରେ ଚାଲିଥିବା ଏହି କାମ ରେ ବ୍ୟାପକ ଭାବରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ତେବେ ଏନେଇ କାମ ତଦାରଖ କରୁଥିବା ଯନ୍ତ୍ରୀଙ୍କୁ ପଚାରିବାରୁ କିଛି ଧୋଇ ନେଇଛି, କାମ ଚାଲୁଥିଲା ନଦୀ ରେ ବେସି ପାଣି ଆସିବାରୁ ଟିକେ ଧୋଇ ନେଇଛି। ଧୋଇ ନେଇଥିବା ସ୍ଥାନ ଦେଖି କାମ କରି ଦିଆଯିବ ବୋଲି ବହୁ ହାଲୁକା ଭାବରେ କହିଥିଲେ। ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଭିଜିଲାନ୍ସ ତଦନ୍ତ କରିବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

# ‘ଜିଲ୍ଲା ଯୋଜନା କମିଟି’ ବୈଠକ



**ବଲାଙ୍ଗିର,୧୯।୮ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଏବଂ ପ୍ରଶାସନିକ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ‘ଜିଲ୍ଲା ଯୋଜନା କମିଟି’ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଏବଂ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନାଙ୍କ ସମେତ କମିଟିର ସମସ୍ତ ସଦସ୍ୟ-ସଦସ୍ୟା ଓ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ତତ୍ପରେ ଜିଲ୍ଲା ପରିଷଦ, ବଲାଙ୍ଗୀରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, କେବିକେ ବିକାଶ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ୨୦୨୪-୨୫ ଆର୍ଥିକ ବର୍ଷର ଚିଠା ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଜିଲ୍ଲାର ସମନ୍ୱିତ ବିକାଶ ଯୋଜନାର ଚିଠା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାକୁ ନିଷ୍ପତ୍ତି ନିଆଗଲା।

# ରାଉରକେଲା ସର୍କିଟ ହାଉସ ବନ୍ଧୁକ ମାମଲା, ରିମାଣ୍ଡରେ ଗଲେ ୩ ଅଭିଯୁକ୍ତ

**ରାଉରକେଲା, ୧୯।୮ (ସଂଚାର ବ୍ୟୁରୋ):** ରାଉରକେଲା ସର୍କିଟ ହାଉସ ରୁ ୪ବନ୍ଧୁକ ଓ ୧୧ଟି ଗୁଳି ସହ ପ୍ରାୟ ୨୫ଦିନ ରହି ସର୍କିଟ ହାଉସରେ ଅପରାଧ ର ଯୋଜନା କରୁଥିବା ଅପରାଧୀ ମାନଙ୍କ ଭିତରୁ ୩ଜଣଙ୍କୁ ରାଉରକେଲା ପୁଲିସ ରିମାଣ୍ଡରେ ଆଜି ଆଣିଛି . ସେମାନଙ୍କୁ ୨ଦିନିଆ ରିମାଣ୍ଡ ଅଣାଯାଇଥିବା ପୁଲିସ କହିଛି . ଏହି ୩ଜଣଙ୍କୁ ଆଣିବାର ଲକ୍ଷ୍ୟ ବନ୍ଧୁକ କେଉଁଠୁ ଆସିଥିଲା ତାହା ଜାଣିବା . ଏଠାରେ ଉଲ୍ଲେଖ ଯୋଗ୍ୟ ୨୦ବର୍ଷ ଧରି ପୁଲିସ ଏହିଭଳି ବନ୍ଧୁକ ଧରୁଛି କିନ୍ତୁ ଏହାର ମୁଖ୍ୟ କିଏ ଆଜିଯାଏ ଓଡ଼ିଶା ପୁଲିସ ଜାଣିପାରିନାହିଁ, କିନ୍ତୁ କୋରା ବନ୍ଧୁକ ମାମଲାରେ ଯଦି କିଛି ବନ୍ଧୁକ ଦରକାର ପଡୁଛି ପୁଲିସ ତାହା ସେହି ମାନଙ୍କ ଠାରୁ ଯୋଗାଡ଼ କରୁଛି ବୋଲି କୁହାଯାଉଛି. ତେବେ ଏହି ମାମଲାରେ ମୁଖ୍ୟ ପ୍ରଶ୍ନ କିଏ ସେ ବ୍ୟକ୍ତି ଏହିଭଳି ଏକ ସରକାରୀ ଗେଷ୍ଟ ହାଉସରେ ୨୫ଦିନ କାଳ ଏମାନଙ୍କୁ ରଖିଥିଲା ? କଣ ଏମାନଙ୍କ ଲକ୍ଷଥିଲା, କେତେ ସ୍ୱପାରୀ କାରବାର ହୋଇଥିଲା, କେଉଁ ନେତାଙ୍କୁ ଏମାନେ ମାରିଥାନ୍ତେ, କିଏ ଏମାନଙ୍କୁ ମଦ, ଖାଇବା ଦେଉଥିଲା, କେଉଁମାନେ ଏମାନଙ୍କୁ ଭେଟିବାକୁ ଆସୁଥିଲେ, ଆଗରୁ ଏମିତି କେତେଥର ଏଠି ସେମାନେ ରହିଥିଲେ ?ଏହି ଭଳି ଅନେକ ପ୍ରଶ୍ନ ର ଉତ୍ତର ଏବେ ଏମାନେ କହିବେ ବୋଲି ଲୋକେ ଆଶା କରିଛନ୍ତି।

## ବାଲିପାଟଣାରେ ବିଦ୍ୟୁତ୍ ବିଭାଗର ମନମାନୀ

# ଅଘୋଷିତ ବିଦ୍ୟୁତ୍ କାଟରେ ଅତିଷ୍ଠ ଅଞ୍ଚଳବାସୀ

**ବାଲିପାଟଣା, ୧୯।୮ (ସଂଚାର ବ୍ୟୁରୋ):** ବାଲିପାଟଣା ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତ୍ କାଟ ଏବେ ସାଧାରଣ ଲୋକଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଛି। କେତେବେଳେ ବିଦ୍ୟୁତ୍ ଯିବ ଏବଂ କେତେବେଳେ ଆସିବ ତାହାର କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳୁନଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟର ଆଳ ଦେଖାଇ ଦିନକୁ ଅନେକ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଅନେକ ଦିନ ଧରି ଦିନକୁ ପ୍ରାୟ ୫-୮ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ଆସୁଛି। ଦିନ ସମୟରେ ବିଦ୍ୟୁତ୍ କାଟ ସହ ରାତିରେ ମଧ୍ୟ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ନଥିବାରୁ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି।ବର୍ତ୍ତମାନ ଗୁଳୁଗୁଳି ମଧ୍ୟରେ ବାରମ୍ବାର ବିଦ୍ୟୁତ୍ କାଟ ହେବା ଯୋଗୁଁ ସାଧାରଣ ଜୀବନଯାପନ ବ୍ୟାହତ ହେଉଛି। ଘରୋଇ କାର୍ଯ୍ୟଠାରୁ ଆରମ୍ଭ କରି ଦୋକାନ, ବ୍ୟବସାୟ, ଅନଲାଇନ୍ କାର୍ଯ୍ୟ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ବିଦ୍ୟୁତ୍ ଆସିବା ନେଇ ସ୍ପଷ୍ଟ ସୂଚନା ନଥିବାରୁ ଲୋକେ ଅନିଶ୍ଚିତତାରେ ରହୁଛନ୍ତି।ଅଭିଯୋଗ ହେଉଛି, ବିଦ୍ୟୁତ୍ କାଟ ସମ୍ପର୍କରେ ସୂଚନା ଜାଣିବା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଫୋନ୍ କଲେ ମଧ୍ୟ ଅନେକ ସମୟରେ ଫୋନ୍ ରିସିଭ୍ ହେଉନାହିଁ।ଫଳରେ ସମସ୍ୟା ସମ୍ପର୍କରେ ଜାଣିବା ତ ଦୂରର କଥା, ବିଦ୍ୟୁତ୍ କେବେ ସ୍ୱାଭାବିକ ହେବ ସେନେଇ ମଧ୍ୟ ଉପଭୋକ୍ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନଥିବା ଅଭିଯୋଗ ରହିଛି।ବାରମ୍ବାର ବିଦ୍ୟୁତ୍ କାଟ ନେଇ ଅଞ୍ଚଳବାସୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହେଉନଥିବାରୁ ଲୋକଙ୍କ ମଧ୍ୟରେ କ୍ଷୋଭ ବଢ଼ୁଛି।

# ନିର୍ମାଣର ୫ମାସ ମଧ୍ୟରେ ରାସ୍ତାରୁ ଉଠି ଗଲାଣି ପିଚୁ



**କୋକସରା, ୧୯।୮ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷରୁ ମରାମତି ଅଭାବ କାରଣରୁ କୋକସରା ବ୍ଲକ ବଡ଼କେନ୍ଦୁଗୁଡା ବଜାର ପଡିଆ ଛକ ବିଜୁ ଏକ୍ସପ୍ରେସୱେରୁ ବିଜମରା ଭାୟା ବୋବରିଆ ରାସ୍ତା ଶୋଚନୀୟ ହୋଇ ପଡ଼ି ରହିଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ଓ ଦାବି ପରେ ଗତ ୪/୫ ମାସ ତଳେ ଏହାର ମରାମତି କରାଯାଇଥିଲା। ତେବେ ଅତ୍ୟଧିକ ନିମ୍ନମାନର କାର୍ଯ୍ୟ ଯୋଗୁଁ ନିର୍ମାଣର ୫ ମାସ ନପୁରୁଣୁ ରାସ୍ତାର ସ୍ଥାନେ ସ୍ଥାନେ ପିଚୁ ଉଠି ଯାଇ ଗର୍ତ୍ତ ସୃଷ୍ଟି ହେଇଗଲାଣି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ପ୍ରଧାନମନ୍ତ୍ରୀ ସଡ଼କ ଲଡୁଗାଁର ଜନୈକ ଠିକାଦାର ଦ୍ୱାରା କାର୍ଯ୍ୟ କରାଯାଇଥିଲା। ଠିକାଦାର ନିଜ ମନମୁଖୀ କାମ କରିଥିବା ବେଳେ ଏବେ ନିର୍ମାଣର କିଛି ମାସ ମଧ୍ୟରେ କାର୍ଯ୍ୟର ମାନ ପଦାରେ ପଡ଼ିଛି । ପ୍ରାୟ ୩ କିଲୋମିଟର ଏହି ରାସ୍ତାର ବହୁ ସ୍ଥାନରେ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଛି ଯେ ଗଣିବା ମଧ୍ୟ ମୁସ୍କିଲ ହୋଇଛି । ଏଥିରୁ ଜଣାପଡୁଛି ଯେ’ ରାସ୍ତା କେମିତି ତିଆରି ହୋଇଛି । ପ୍ରକାଶଥାଉକି, ଏହି ରାସ୍ତା ଟି ବଡକେନ୍ଦୁଗୁଡା, ବନ୍ଧପଡା, ମୁଗୁନାପଦର, ଡୁଡୁକାଠେଙ୍ଗା, ଧୋବେନଚଞ୍ଚରା, ବିଜମରା, ଦର୍ଲିପଡା, ଧୋବେନପଡା ଆଦି ଗ୍ରାମର ଲୋକଙ୍କ ପାଇଁ ଏକ ପ୍ରମୁଖ ରାସ୍ତା ଅଟେ । ଏହା ସହ ଷୋଡଶ ଶତାବ୍ଦୀର ଝାରବନ୍ଧ ଶ୍ରୀ କାଳେଶ୍ୱର ଶୈବପୀଠ ଓ ପ୍ରାଗ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ପାଇଁ ଏହା ପ୍ରମୁଖ ପଥ ହୋଇଥିବା ବେଳେ ଦୈନିକ ଶହ ଶହ ଲୋକଙ୍କ ଯାତାୟାତ ଲଗି ରହିଥାଏ । ଏଭଳି ଏକ ପ୍ରମୁଖ ରାସ୍ତା ନିମ୍ନମାନର କାର୍ଯ୍ୟ ଯୋଗୁଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲଖମା ଯୋଗୁଁ ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଥିବା ବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଏଭଳି ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି ।

# ବିଜେଡି ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ



**ସୁବର୍ଣ୍ଣପୁର,୧୯।୮ (ସଂଚାର ବ୍ୟୁରୋ):** ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଆଜି ସୁବର୍ଣ୍ଣପୁର ଠାରେ ଏକ ବିଶାଳ ରାଲି ବାହାରି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। ଶିକ୍ଷା ବଞ୍ଚାଅ ଆନ୍ଦୋଳନ ରେ ଆଜି ସ୍ଥାନୀୟ ନେତୃବୃନ୍ଦ ଙ୍କ ସହ ଜିଲ୍ଲା ର ଯୁବକ ଓ ଅଗଣିତ ଛାତ୍ର ଯୋଗଦେଇ ଶିକ୍ଷା ଆମର ଅଧିକାର, ଶିକ୍ଷା ର ସୁରକ୍ଷା ଆମର ଦାବି ଭଳି ବିଭିନ୍ନ ନାରା ଦେଇଥିଲେ। ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦାବି କରିବାସହ ତୁରନ୍ତ ନୂତନ ଓ ନିର୍ଭୁଲ ବହି ଯୋଗାଣ ତଥା ଅନ୍ୟାନ୍ୟ, ଓ ଅବ୍ୟବସ୍ଥା ର ବିରୁଦ୍ଧରେ ଏକତା ବଦ୍ଧ ଲଢ଼େଇ ଜାରି ରଖିବାକୁ ବଜ୍ର ଶପଥ ନେଇଥିଲେ। ଏହି ବିକ୍ଷୋଭ ସମାବେଶ ରେ ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ଯୁବ ଜନତା ରାଜ୍ୟ ଉପ ସଭାପତି ଶାସ୍ୱତ ମିଶ୍ର, ଛାତ୍ର ଜନତା ରାଜ୍ୟ ସାଧାରଣ ସମ୍ପାଦକ ଅମୀୟ ରଞ୍ଜନ ଦାଶ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅଭିଷେକ ଶର୍ମା, ବିଜେଡି ଟାଉନ୍ ସଭାପତି ଦେବାଶିଷ ପଟ୍ଟନାୟକ, ବିଜେଡି ରାଜ୍ୟ ସମ୍ପାଦକ ନାରାୟଣ ଲୁହା ତଥା ବିଜେଡ଼ି ର ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଙ୍କ ବିରୁଦ୍ଧରେ ବର୍ଷିଥିଲେ। ସ୍ଥାନୀୟ ବ୍ଲକ ଛକରୁ ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାହାରି ଥିବା ଏହି ରାଲିରେ ହଜାର ହଜାର କର୍ମୀ, ଛାତ୍ରଛାତ୍ରୀ ଓ ସମର୍ଥକ ସ୍ୱତଃ ଯୋଗଦେଇଥିଲେ।

## ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱର ସରକାରୀ ଦୋକାନ ଗୃହ ଭାଙ୍ଗିଲା ପ୍ରଶାସନ

# ସୌନ୍ଦର୍ଯ୍ୟକରଣ କରାଯିବ: ଜିଲ୍ଲା ପ୍ରଶାସନ



**ବଲାଙ୍ଗିର, ୧୯।୮ (ସଂଚାର ବ୍ୟୁରୋ):** ସହର ମଧ୍ୟ ରେ ଅବସ୍ଥାପିତ ଅଛି ବହୁ ପୁରାତନ ମା ସମଲେଶ୍ୱରୀ ଙ୍କ ମନ୍ଦିର। ଏହି ମନ୍ଦିର ଦୁଇ ପାର୍ଶ୍ୱ ରେ ଜିଲ୍ଲା ଦେବୋତର ବିଭାଗ ପକ୍ଷରୁ ଆଜକୁ ବହୁ ବର୍ଷତଳେ ୨୩ଟି ପକ୍କା ଦୋକାନ ଗୃହ ନିର୍ମାଣ କରି ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରାଯାଇଥିଲା ଏବଂ ସେଠାରେ ସେମାନେ ବିଭିନ୍ନ ଦୋକାନ ଖୋଲି ପ୍ରଶାସନ କୁ ମାସିକ ଭଡା ପ୍ରଦାନ କରୁଥିଲେ। ଦିନକୁ ଦିନ ସହର ରେ ଲୋକସଂଖ୍ୟା ବଢିବା ସହ ରାସ୍ତା ଗୁଡିକ ପ୍ରତିବର୍ଷ କାମହେବା ଯୋଗୁଁ ଉଚ୍ଚ ହୋଇଗଲା ଏବଂ ମନ୍ଦିର ପରିସର ତଳ ହୋଇଗଲା। ଯଦ୍ୱାରା ଟିକିଏ ବର୍ଷା ହେଲେ ମନ୍ଦିର ଭିତରେ ନର୍ଦ୍ଦମା ପାଣି ଜମି ରହିବା ସହ ସମଲେଶ୍ୱରୀଙ୍କ ଗର୍ଭ ଗୃହକୁ ମଧ୍ୟ ନର୍ଦ୍ଦମା ପାଣି ପଶି ଯାଉଥିଲା। ଯଦ୍ୱାରା ଭକ୍ତ ଙ୍କ ମଧ୍ୟ ରେ ଅସୋନ୍ତଷ ସୃଷ୍ଟି ହେଉଥିଲା। ଲୋକେ ଜିଲ୍ଲା ପ୍ରଶାସନ, ବିଧାୟକ, ସାଂସଦ, ମନ୍ତ୍ରୀଙ୍କ ପାଖକୁ ଯାଇ ଅଭିଯୋଗ କଲେ। ଏପରିକି ବିଭିନ୍ନ ଖବର କାଗଜ ରେ ଖବର ପ୍ରକାଶ ହେଲା। ଏହାସହ ମନ୍ଦିର ପୁନଃଉଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ଟଙ୍କା ଆସିଲି। କିନ୍ତୁ ଏହି ଦୋକାନ ଗୃହ ଗୁଡିକ ନ ଭାଙ୍ଗିଲେ କାମ କରଯାଇ ପାରିବ ନାହିଁ ବୋଲି ପ୍ରଶାସନ କହିଛି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷ୍ୟ ବହୁ ଦିନରୁ ପରିସରରେ ଥିବା ଦୋକାନୀ ମାନଙ୍କୁ ନୋଟିସ କରା ଯାଇଥିଲା। ସ୍ଥାନୀୟ ଦୋକାନୀ ମାନେ ଖାଲି ନ କରିବାରୁ ଜିଲ୍ଲା ପ୍ରଶାସନ ପକ୍ଷ୍ୟରୁ ଆଜି ସକାଳେ ଡାକବାଜି ଯନ୍ତ୍ର ସାହାଯ୍ୟ ରେ ଦୋକାନ ଗୃହ ୧୫ ମିନିଟ ଭିତରେ ଖାଲି କରିବାକୁ ସୂଚନା ଦିଆ ଯାଇଥିଲା।

# ଲଗାଣ ବର୍ଷାରେ କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

**ବୈଶିଙ୍ଗା,୧୯।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଭୁଡୁରୁବଣି ଗ୍ରାମରେ ବର୍ଷାରେ ଓଦା ହୋଇ ଦୁର୍ବଳ ହୋଇପଡ଼ିଥିବା କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘର ବାରଣ୍ଡାରେ ଶୋଇଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଭୁଡୁରୁବଣି ଗ୍ରାମର ଭଗବାନ ଓଝାଙ୍କ ସ୍ତ୍ରୀ ଶୈଳ (୫୩)। ସୂଚନା ଅନୁସାରେ ମଙ୍ଗଳବାର ରାତିରେ ଖାଇ ସାରି ଭଗବାନ ଓ ତାଙ୍କ ସ୍ତ୍ରୀ ଶୈଳ ନିଜ ଘର ବାରଣ୍ଡାରେ ଥିବା ଛୋଟ ତେଜରାତି ଦୋକାନର ଦୁଆର ନିକଟରେ ଶୋଇଥିଲେ। ତେବେ ବିଗତ ଦିନର ଲଗାଣ ବର୍ଷା ଯୋଗୁଁ ପୂର୍ବରୁ ଦୁର୍ବଳ ହୋଇଥିବା କାନ୍ଥ ହଠାତ୍ ମଧ୍ୟରାତ୍ରିରେ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା। ଏହି ଘଟଣାରେ ଭଗବାନ ସାମାନ୍ୟ ଆହତ ହୋଇଥିବା ବେଳେ କାନ୍ଥର ଏକ ଅଂଶ ଶୈଳଙ୍କ ଛାତି ଉପରେ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରେମୁଣା ଫକିରମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଶୈଳଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

# ମୃତ ଦାଦନ ଶ୍ରମିକଙ୍କ ପରିବାରଙ୍କୁ ସାକ୍ଷାତ କଲେ ସ୍ୱାକ୍ ସଦସ୍ୟ



**କନ୍ଧମାଳ, ୧୯।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରୁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ମୃତ୍ୟୁ ଘଟଣା ବଢ଼ିଚାଲିଥିବା ବେଳେ ମୃତ ଶ୍ରମିକଙ୍କ ପରିବାର ଆର୍ଥିକ ଓ ସାମାଜିକ ଭାବେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦୁଃଖଦ ଘଟଣାରେ କୋଟଗଡ଼ ବ୍ଲକ ଗୁଗୁରମାହା ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମାହା ସାହିର ମୋତା ମଲିକ (୪୬) କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲା କଲନସେରିସ୍ଥିତ ଏକ ଖାଦ୍ୟ କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ଗତ ଅଗଷ୍ଟ ୧୪ ତାରିଖରେ ମୃତ୍ୟୁବରଣ କରିଥିଲେ।ମୋତା ମଲିକଙ୍କ ପରିବାର ଆର୍ଥିକ ଭାବେ ଦୁର୍ବଳ ହୋଇଥିବାରୁ କେରଳରୁ ମୃତଦେହକୁ ନିଜ ଗାଁକୁ ଆଣିବା ପାଇଁ ପରିବାରକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଗୁଗୁରମାହା ସରପଞ୍ଚ ମୋସେସ କାର୍ଜିମାଝିଙ୍କ ନିର୍ଦ୍ଦେଶରେ ଗ୍ରାମବାସୀଙ୍କ ଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ପରେ ଧାର ଉଦ୍ଧାର କରି ମୃତଦେହକୁ ଗାଁକୁ ଅଣାଯାଇଥିଲା ଏବଂ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ସୋସିଆଲ ୱାର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ (ସ୍ୱାକ୍) ପକ୍ଷରୁ ମୃତକଙ୍କ ପରିବାରକୁ ସାକ୍ଷାତ କରାଯାଇ ଗଭୀର ସମବେଦନା ଜଣାଯାଇଥିଲା। ଏହି ଅବସରରେ ସ୍ୱାକ୍ ପ୍ରତିନିଧିମାନେ ପରିବାରର ସଦସ୍ୟମାନଙ୍କ ସହ ଆଲୋଚନା କରି ତାଙ୍କର ଆର୍ଥିକ ଓ ପାରିବାରିକ ସମସ୍ୟା ସମ୍ପର୍କରେ ଜାଣିଥିଲେ। ମୃତ ଶ୍ରମିକଙ୍କ ପରିବାର ସରକାରଙ୍କ ପକ୍ଷରୁ ପାଇବାକୁ ଥିବା ବିଭିନ୍ନ ସହାୟତା ଓ ସୁବିଧା କିପରି ପାଇପାରିବେ, ସେଥିପାଇଁ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ଯୋଗାଇ ଦିଆଯିବ ବୋଲି ସ୍ୱାକ୍ ପକ୍ଷରୁ କୁହାଯାଇଥିଲା। ଏହି ସମୟରେ ସ୍ୱାକ୍ ସଭାପତି ଆମନ ଚନ୍ଦ୍ର ନାୟକ, ସମ୍ପାଦକ ହୃଷୀକେଶ ପ୍ରଧାନ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ଗୁଗୁରମାହା ସରପଞ୍ଚ ମୋସେସ କାର୍ଜିମାଝି ଏବଂ ୱାର୍ଡ ସଦସ୍ୟ କାଲି ପାଟମାଝି ଉପସ୍ଥିତ ରହି ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ।

# ପଳାସପୁର କାଳୀ ମନ୍ଦିରରୁ ଚୋରି

**ଗଞ୍ଜାମ,୧୯।୮ (ସଂଚାର ବ୍ୟୁରୋ):** ପାଟପୁର ଥାନା ପଳାସ ପୁର କାଳୀ ମନ୍ଦିରରେ ଗତକାଲି ରାତିରେ ଲୁଟେରା ମାନେ ମନ୍ଦିର ତାଲା ଭାଙ୍ଗି ହୁଣ୍ଡିଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଗଞ୍ଜାମ ଜିଲ୍ଲାରେ ମନ୍ଦିର ଚୋରୀ ଘଟଣା ନିତିଦିନିଆ ଘଟଣା ହୋଇ ଥିଲେ ମଧ୍ୟ ପୁଲିସ ଚୋର ମାନଙ୍କୁ ଦମନ କରିପାରୁନଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି।

# ଜଳଖିଆ ଦୋକାନୀଙ୍କୁ ଅତର୍କିତ ଆକ୍ରମଣ

● ଆହତ ବୈଶିଙ୍ଗା ହସ୍ପିଟାଲରେ ଭର୍ତ୍ତି

ବୈଶିଙ୍ଗା - ୧୯/୮- ବୈଶିଙ୍ଗା ବଜାରରେ ଜନୈକ ଛୋଟ ବ୍ୟବସାୟୀ ନିଜର ଏକ ଜଳଖିଆ ଦୋକାନ କରିଥିବା ବେଳେ ତାଙ୍କୁ ମଙ୍ଗଳବାର ଅପରାହ୍ନରେ ଅତର୍କିତ ଆକ୍ରମଣ କରାଯାଇଥିବା ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଛି, ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ -ହଳଦୀପଦା ଗ୍ରାମର ବାରିପଦିଆ ମହାପାତ୍ର ଙ୍କ ପୁତ୍ର ମୁନ୍ନା ମହାପାତ୍ର ( ୩୫) ବୈଶିଙ୍ଗା ସ୍ଥିତ ଷ୍ଟେଟ ବ୍ୟାଙ୍କ ଏଟିଏମ ନିକଟରେ ଜଳଖିଆ ଦୋକାନ ଟିଏ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମଙ୍ଗଳବାର ଅପରାହ୍ନ ୨ ଘଟିକା ସମୟରେ ହଠାତ ବସ୍ତା ଥାନା ଅଞ୍ଚଳର ଅଚ୍ୟୁତ ମହାପାତ୍ର ଙ୍କ ପୁତ୍ର ସତ୍ୟଜିତ ମହାପାତ୍ର ସେଠାରେ ପହଞ୍ଚି ମୁନ୍ନା କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୋକାନରେ ଥିବା ଏକ ଲୁହା ରଡରେ ବାଡେଇବା ଯୋଗୁଁ ସେ ତଳେ ପଡ଼ି ଯାଇଥିଲେ. ଓଏହାପରେ ସତ୍ୟଜିତ୍ ମୁନ୍ନାକୁ ଛାତିରେ ଗୋଇଠା ଗୋଇଠା ମାରିଥିଲେ। ପାଖ ଦୋକାନୀ ପହଞ୍ଚି ଗଣ୍ଡଗୋଳ କୁ ଅଟକାଇବା ବେଳେ ସତ୍ୟଜିତ ଖସି ପଳାଇଥିଲେ। ସଙ୍ଗେ ସଙ୍ଗେ ମୁନ୍ନାକୁ ବୈଶିଙ୍ଗା ହସ୍ପିଟାଲ ନେଇ ଚିକିତ୍ସା କରାଯାଉଥିଲା। ଆଜି ବୁଧବାର ସୁସ୍ଥ ହେବା ପରେ ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ପ୍ରକୃତ ଘଟଣା ବିଷୟରେ ପୋଲିସ ତଦନ୍ତ ଜାରି ରଖିଛି।

# ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ସମୀକ୍ଷା ବୈଠକ



**ସୁବର୍ଣ୍ଣପୁର, ୧୯।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଜାଗା ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଓ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବା ଉପରେ ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଙ୍କ ଅଧ୍ୟକ୍ଷତା ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋନପୁର ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକ ରେ ଏ ଡି ଏମ୍ ଶ୍ରୀ ରାଜେନ୍ଦ୍ର ମାଝୀ, ଏ ଡି ଏମ୍ ଅଞ୍ଜଳିନା ପଧାନ, ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ, ବୀର ମହାରାଜ ପୁର ଉପ ଜିଲ୍ଲାପାଳ, ସୋନପୁର ବିଡିଓ ପ୍ରତୀକ କର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ପୁରୀ ଜିଲ୍ଲା ର ସାକ୍ଷୀଗୋପାଳ ବକୁଳ ବନ ବିଦ୍ୟାଳୟ ରେ ଶିକ୍ଷକତା କରିଥିବା ଗୋଦାବରୀଶ ମିଶ୍ର ଜଣେ ଆଦର୍ଶ ଓ ଛାତ୍ର ବତ୍ସଳ ଥିଲେ ବୋଲି କହି ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ଓ ପ୍ରତିଭା ଚିହ୍ନଟ କରିବା ଲକ୍ଷ୍ୟ ନେଇ ଏ ବିଦ୍ୟାଳୟ ପ୍ରତିଷ୍ଠା କରା ଯାଉଥିବା ବିଷୟ ପ୍ରକାଶ କରିଥିଲେ। ଜିଲ୍ଲା ରେ ୧୦୯ ଗୋଟି ପଞ୍ଚାୟତ ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଖୁବ୍ ଶୀଘ୍ର ୫ ଏକର ଲେଖାଏଁ ସରକାରୀ ଜମି ଚିହ୍ନଟ କରି ଖୁବ୍ ଶୀଘ୍ର ଏହି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିବାକୁ ସଭାରେ ଉପସ୍ଥିତ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ସମସ୍ତ ବି ଇ ଓ, ତହସିଲଦାର, ଅତିରିକ୍ତ ତହସିଲଦାର, ଆର ଆଇ ପ୍ରମୁଖ ରାଜସ୍ୱ ଓ ଶିକ୍ଷା ବିଭାଗ ର ସମସ୍ତ ଅଧିକାରୀ କର୍ମଚାରୀ ଙ୍କୁ ଜିଲ୍ଲାପାଳ ଡ଼ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏବଂ ଜମି ଚିହ୍ନଟ ପ୍ରକ୍ରିୟା ବହୁ ବିଳମ୍ବ ହୋଇ ଥିବାରୁ ସମସ୍ତ ଅଧିକାରି ଙ୍କ ଉପରେ ଜିଲ୍ଲାପାଳ କ୍ଷୁବ୍ଧ ପ୍ରକାଶ କରିଥିଲେ। ପ୍ରକାଶ ଥାଉ କି ଯେ ଗତ ଜୁନ ମାସରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମ ରେ ରାଜ୍ୟ ର ୨୦୪ ଗୋଟି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ।

# ଜାଲିଆତି ଓ ଠକେଇ ଅଭିଯୋଗରେ ସୁପରଭାଇଜର ଗିରଫ

**ଗଂଜାମ,୧୯।୮ (ସଂଚାର ବ୍ୟୁରୋ):** ବୈଦ୍ୟନାଥପୁର ଥାନା ପୋଲିସ ଜାଲିଆତି ଓ ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଅଙ୍କୁଲିରେ ଥିବା ଗ୍ଲୋବାଲ ଏଣ୍ଟରପ୍ରାଇଜେସ ସିମେଣ୍ଟ ଖୁଣ୍ଟ କାରଖାନାର ମାଲିକ ମଣିରାଜ ସାହୁ, ସୁନ୍ଦି ସାହି ଅଙ୍କୁଲି ନିବାସୀଙ୍କ ଅଭିଯୋଗକ୍ରମେ ତାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସରୋଜ କୁମାର ସାହୁ, ବୟସ ବତିଶ, ଗାଁ ସୁନ୍ଦି ସାହି ଅଙ୍କୁଲି ପୁଲିସ ଗିରିଫ କରିଛି। ସେ ଅଭିଯୋଗକାରୀଙ୍କ ସମ୍ପର୍କୀୟ ଭାଇ।ଅଭିଯୁକ୍ତ ବେକାର ଥିବାରୁ ଅଭିଯୋଗକାରୀ ତାଙ୍କୁ ମାସିକ ନଅ ହଜାର ଟଙ୍କା ଦରମାରେ କାରଖାନାର ସୁପରଭାଇଜର ଭାବେ ନିଯୁକ୍ତି ଦେଇଥିଲେ। ଆରମ୍ଭରେ ସେ ଭଲ କାମ କରୁଥିଲେ।ପରେ ଅନ୍ୟ କର୍ମଚାରୀଙ୍କ ଠାରୁ ଜଣାପଡ଼ିଲା ଯେ ସେ କାରଖାନାର ଆର୍ଥିକ କାରବାରେ ଅନିୟମିତତା ଓ ଜାଲିଆତି କରୁଛନ୍ତି। କାରଖାନାର କିଛି ସାମଗ୍ରୀ ବିନା ଅନୁମତିରେ ଅନ୍ୟତ୍ର ପଠାଯାଉଥିବା ଦେଖାଗଲା। ଯାଞ୍ଚ କଲାପରେ ରସିଦ ବହିରେ ଅଭିଯୋଗକାରୀଙ୍କ ନାମରେ ନକଲି ଦସ୍ତଖତ ଥିବା ଜଣାପଡ଼ିଲା। ତଦନ୍ତ ପରେ ପୋଲିସ ସରୋଜ କୁମାର ସାହୁଙ୍କୁ ଗିରଫ କରିଛି। ମାମଲାର ଆଗାମୀ ତଦନ୍ତ ଜାରି ରହିଛି।